ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 21 ♦ CUTTACK ♦ WEEKLY ♦ 25 TO 31 - MAY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୨୧ ♦ କଟକ ♦ ସାପ୍ତାହିକ ♦ ୨୫ ରୁ ୩୧-ମଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ ୫ ଟଙ୍କା

## ୧୯ତମ ନିଯୁକ୍ତି ମେଳା — ୫୧,୦୦୦ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ(ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୧,୦୦୦ ରୁ ଅଧିକ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୧୯ତମ ନିଯୁକ୍ତି ମେଳାରେ ଯୋଗ ଦେଇ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଆପଣମାନେ ସମସ୍ତେ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେଉଛନ୍ତି। ଆପଣମାନେ ସମସ୍ତେ ଅନେକ କ୍ଷେତ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଆଗାମୀ ବର୍ଷଗୁଡ଼ିକରେ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତର ସଂକଳ୍ପ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିବେ। ଏହି ପଦବୀରେ ପହଞ୍ଚିବା ପାଇଁ, ଆପଣମାନେ ସମସ୍ତେ ଦୀର୍ଘ ପ୍ରସ୍ତୁତି ଏବଂ କଠିନ ପରିଶ୍ରମ କରିଛନ୍ତି। ଏହି ସଫଳତା ପାଇଁ ମୁଁ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ବିଶ୍ୱର ଯେକୌଣସି ସ୍ଥାନକୁ ଯାଏ, ମୁଁ ଭାରତର ଯୁବଶକ୍ତି ବିଷୟରେ ଆଲୋଚନା କରେ। ମୁଁ ଏକ ନୂତନ ସଂକଳ୍ପ ବିଷୟରେ କଥା ହୁଏ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ପ୍ରତିଶ୍ରୁତି ଆଧାରରେ ଦେଶ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଛି। ଏହା ଯୁବପିଢ଼ିଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଭବିଷ୍ୟତରେ, ଭାରତର ୧୦ଟି ବୃହତ୍ତମ ସେମିକଣ୍ଡକ୍ଟର ୟୁନିଟ୍ ବିଶ୍ୱ ସ୍ତରରେ ନିଜର ଛାପ ସୃଷ୍ଟି କରିବ। ଏହା ବହୁ ସଂଖ୍ୟକ ଭାରତୀୟ ଯୁବବର୍ଗଙ୍କ ପ୍ରତିଭାକୁ ଉପଯୋଗ କରିବ। ସ୍ୱାଭାବିକ ଭାବରେ, ଏହା ନିଯୁକ୍ତି ସୃଷ୍ଟି କରିବ। ସମ୍ପ୍ରତି ଭାରତ ଜାହାଜ ନିର୍ମାଣ ଠାରୁ ଆରମ୍ଭ କରି ଜାହାଜ ମରାମତି ଏବଂ ଓଭରହାଲିଂ ପର୍ଯ୍ୟନ୍ତ ଏକ ଇକୋସିଷ୍ଟମ ସୃଷ୍ଟି କରୁଛି। ଭାରତ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ
## ଆହୁରି ମଜବୁତ ହେବ ବାଣିଜ୍ୟିକ ସମ୍ପର୍କ, ବଢ଼ିବ ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶା ଏବଂ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ୍ ମିଷ୍ଟର ଇସିକାଓ୍ୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ସହଭାଗୀତା ସୃଷ୍ଟି କରାଯାଇ ଦୁଇ ରାଜ୍ୟକୁ 'ସିଷ୍ଟର ଷ୍ଟେଟ୍ସ' ଭାବେ ଗଢ଼ାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବେ କାର୍ଯ୍ୟ କରିବେ। ଆଗାମୀ ଦିନରେ ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## 'ସୁପର ଏଲ୍ ନିନୋ'କୁ ନେଇ ସତର୍କବାଣୀ
## ମାଡ଼ି ଆସିବ ବିନାଶ, ବିଗିଡିବ ଜଳବାୟୁ, ଭାରତରେ ଦୁର୍ବଳ ପାଲଟିବ ମୌସୁମୀ

**ନୂଆଦିଲ୍ଲୀ(ଏଜେନ୍ସି) :** ନିଦାଘ ଗ୍ରୀଷ୍ମର ଏହି ଅସ୍ୱାଭାବିକ ଯନ୍ତ୍ରଣାରୁ ମୁକୁଳିବାକୁ ଦେଶବାସୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ବାଟକୁ ଚାହିଁ ବସିଛନ୍ତି। ଯାହା କି ଜୁନରୁ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୭୦% ବର୍ଷା ଆଣିଥାଏ। ଏଭଳି ସ୍ଥିତିରେ ପାଣିପାଗ ବିଶେଷଜ୍ଞମାନେ 'ସୁପର ଏଲ୍ ନିନୋ'କୁ ନେଇ ସତର୍କବାଣୀ କରିବା ପରେ ଭୟ ଘାରିଛି। ମାଡ଼ିଆସିବ ଭୟଙ୍କର ମରୁଡ଼ି। ଏହା ଚାଷୀ, ଜଳାଶୟ ଏବଂ ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ସହନଶକ୍ତିର ପରୀକ୍ଷା ନେଇପାରେ ବୋଲି କୁହାଯାଉଛି। ମୌସୁମୀ କେରଳ ଛୁଇଁବା ବେଳକୁ ଏଲ୍ ନିନୋ ନିଜ ପ୍ରାରମ୍ଭିକ ପର୍ଯ୍ୟାୟରେ ଉପନୀତ ହୋଇପାରେ। ଏଲ୍ ନିନୋ ଏକ



ପ୍ରାକୃତିକ ଜଳବାୟୁ ଘଟଣା। ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗ ସମୁଦ୍ର ପାଣି ସ୍ୱାଭାବିକଠାରୁ ଅଧିକ ଗରମ ହେବା ସ୍ଥିତିରେ ଏହା ହୋଇଥାଏ। ସମୁଦ୍ରର ତାପମାତ୍ରାରେ ଏହି ପରିବର୍ତ୍ତନ ବିଶ୍ୱବ୍ୟାପୀ ବାୟୁ ଓ ପାଣିପାଗ ପଦ୍ଧତିକୁ ପ୍ରଭାବିତ କରିଥାଏ। ଏହାଯୋଗୁ ଅନେକ ଦେଶରେ ପାଣିପାଗ ଅଚାନକ ବଦଳିଯାଏ। କେଉଁଠି ମରୁଡ଼ି ତ କେଉଁଠି ଭୀଷଣ ବର୍ଷା ଏବଂ ବନ୍ୟା ସ୍ଥିତି ଉପୁଜେ। ଅପରପକ୍ଷରେ, ତେଲଙ୍ଗାନାରେ ୧୬ ମୁଣ୍ଡ ନେଲାଣି ଗ୍ରୀଷ୍ମ ଲହର। ଉତ୍ତର ପ୍ରଦେଶରେ ପାରା ୪୭ ପାର୍ କରିଛି। ୪୦ରୁ ୪୭ ଡିଗ୍ରୀ ତାପମାତ୍ରାରେ ସିଝୁଛି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ ୧୧ ରାଜ୍ୟ। ତେବେ ତାତିର ଏହି ଭୟାନକ ରୂପ ଏତେଶୀଘ୍ର ଯିବନାହିଁ। ଏହା ପ୍ରଭାବରେ ଆହୁରି ଛଟପଟ ହେବେ ଦେଶବାସୀ। ତାପମାତ୍ରା ବୃଦ୍ଧି ପଛରେ ଯେ 'ଏଲ୍ ନିନୋ'ର ହାତ ରହିଛି, ତାହା ଅଳ୍ପ-ବହୁତେ ଜାଣିଥିବେ। କିନ୍ତୁ ଏଥର 'ସୁପର ଏଲ୍ ନିନୋ' ପ୍ରଭାବରେ ଭାଙ୍ଗିବ ସବୁ ରେକର୍ଡ। ତାପମାତ୍ରା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଜୁଲାଇ ୧୬ରେ ରଥଯାତ୍ରା
## ଆଗୁଆ ବୁକ୍ ହେଲାଣି ବଡ଼ ବଡ଼ ହୋଟେଲ

**ପୁରୀ(ଏନ୍.ଏମ୍.) :** ଜୁଲାଇ ୧୬ରେ ରଥଯାତ୍ରା, ୨୪ରେ ବାହୁଡ଼ା, ତା ପୂର୍ବରୁ ଜୁନ୍ ୨୯ରେ ସ୍ନାନ ପୂର୍ଣ୍ଣିମା। ଏହି ତିନି ଦିନ ପୁରୀରେ ରହିବା ପାଇଁ ହୋଟେଲଗୁଡ଼ିକ ତିନିଦିନିଆ ପ୍ୟାକେଜ ଅଫର କରିବା ପରେ ଅଧିକାଂଶ ହୋଟେଲ, ଲଜ୍ ଆଗୁଆ ବୁକ୍ ସରିଲାଣି। ପୁରୀରେ ରଥଯାତ୍ରା ଦେଖିବାକୁ ମନ ବଳାଉଥିବା ପର୍ଯ୍ୟଟକମାନେ ଅନଲାଇନରେ ଆଉ ବୁକିଂ କରିପାରୁନାହାନ୍ତି। ଅଫଲାଇନରେ ବୁକ୍ କରିବାକୁ ଚାହିଁଲେ ହୋଟେଲ ରେଟ୍ ୩ରୁ ୫ ଗୁଣା ବଢ଼ିଯାଇଛି। ରଥଯାତ୍ରା ପାଇଁ ପୁରୀରେ ରହିବାକୁ ଆଉ ଜାଗା ନାହିଁ। ମାନେ ପୁରୀରେ ସବୁ ବଡ଼ ବଡ଼ ହୋଟେଲ ଆଗୁଆ ବୁକ୍ ହୋଇଗଲାଣି। ପୁରୀରେ ଥିବା ପ୍ରାୟ ୭ ଶହ ହୋଟେଲ ଓ ଲଜ୍ ଥିବା ବେଳେ ସେଥିରୁ ଅଧିକାଂଶ ଅନଲାଇନରେ ବୁକ୍ ହୋଇଗଲାଣି। ଅଫଲାଇନରେ ଯୋଗାଯୋଗ କଲେ ରେଟ୍ ତିନି ଗୁଣା ବଢ଼ିଯାଇଛି। କାରଣ ରଥଯାତ୍ରା ବେଳେ ପୁରୀରେ ରହଣି ପାଇଁ ଅଧିକ ଡିମାଣ୍ଡ ରହୁଛି। ଯେତେକି ହୋଟେଲ, ଲଜ୍ କି ହୋମ ଷ୍ଟେ ରହୁଛି, ତା ତୁଳନାରେ ଡିମାଣ୍ଡ ବହୁତ ଅଧିକ ରହୁଥିବାରୁ ରୁମ୍ ରେଟ୍ ତିନି ଗୁଣା ବଢ଼ିଯାଇଛି। ରଥଯାତ୍ରା, ବାହୁଡ଼ା ବେଳେ ପର୍ଯ୍ୟଟକମାନେ ଯେମିତି ଷ୍ଟାଣ୍ଡାର୍ଡ ଅନୁସାରେ ରୁମ୍ ପାଇପାରିବେ, ସେ ନେଇ ହୋଟେଲ ସଂଘ ସହ ଆଲୋଚନା କରାଯିବ ବୋଲି କହିଛନ୍ତି ପୁରୀ ହୋଟେଲ ମାଲିକ ସଂଘ ସଂଯୋଜକ ଯୁଗବ୍ରତ କର।

## ଅସରପା ଜନତା ପାର୍ଟିର ଡେବ୍ୟୁ, ୨ ଟିଏମସି ସାଂସଦ ସାମିଲ




**କୋଲକାତା (ଏଜେନ୍ସି) :** ଧର୍ମନିରପେକ୍ଷ, ସମାଜବାଦ, ଗଣତାନ୍ତ୍ରିକ, ଅଳସୁଆ। ଏହା ହେଉଛି ଦେଶରେ ଏବେ ଡେବ୍ୟୁ କରିଥିବା ଅସରପା ଜନତା ପାର୍ଟି(ସିଜେପି)ର ସିଦ୍ଧାନ୍ତ। ଏହାକୁ ଆପଣ ଗୋଟିଏ ରାଜନୀତିକ ସଂଗଠନ କିମ୍ବା ନାଟକ କରୁଥିବା ସଂସ୍ଥା ଭାବେ ମଧ୍ୟ ବିବେଚନା କରିପାରିବେ। ସଂଗଠନ ପକ୍ଷରୁ ଅନଲାଇନରେ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସିଜେପି ଯୁବଗୋଷ୍ଠୀଙ୍କର, ଯୁବଗୋଷ୍ଠୀଙ୍କ ପାଇଁ ଓ ଯୁବଗୋଷ୍ଠୀଙ୍କ ଦ୍ୱାରା ଗୋଟିଏ ରାଜନୀତିକ ସାମ୍ମୁଖ୍ୟ ବୋଲି କୁହାଯାଇଛି। ଅସରପା ଜନତା ପାର୍ଟି ୨ ଦିନ ତଳେ ଲଞ୍ଚ ହୋଇଛି। ହେଲେ ଇତି ମଧ୍ୟରେ ସଂଗଠନରେ ୪୦ ହଜାର ସଦସ୍ୟ ଯୋଡ଼ି ହୋଇ ସାରିଲେଣି। ସୋଶିଆଲ ମିଡିଆରେ ସଂଗଠନର ଅନୁଗାମୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଟିଏମସିର ଦୁଇ ଜଣ ସାଂସଦ ସିଜେପିରେ ମିଶିବାକୁ ଆଗ୍ରହ ଦେଖାଇବାରୁ ସେମାନଙ୍କୁ ସ୍ୱାଗତ କରାଯାଇଛି। ଶାସନ ଦ୍ୱାରା ଅତିଷ୍ଠ ହୋଇ ଥିବା ଲୋକଙ୍କ ପାଇଁ ସିଜେପି କାମ କରିବ ବୋଲି କହିଛି। ଅଭିଜିତ ଦିପକେ ନାମକ ଜଣେ ଯୁବକ ଏହାକୁ ତିଆରି କରିଥିବା ବେଳେ ସଂଗଠନ ପ୍ରତି ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ, ଟିଏମସି ସାଂସଦ ମହୁଆ ମୌତ୍ରା, କିର୍ତ୍ତି ଆଜାଦ ଓ ପୂର୍ବତନ ପ୍ରଶାସକ ଆଶିଷ ଯୋଶୀ ପ୍ରମୁଖ ଆଗ୍ରହ ଦେଖାଇଛନ୍ତି। ଅଭିଜିତ ପୂର୍ବରୁ ଆପ୍ ପାଇଁ କାମ କରୁଥିଲେ। ୨୦୨୦ ଦିଲ୍ଲୀ ବିଧାନସଭା ସମୟରେ ସେ ଆପ୍‌ର ସୋଶିଆଲ ମିଡିଆ ପ୍ରଚାର ଦାୟିତ୍ୱରେ ଥିଲେ ଓ ଦଳର ଆଇଟି ମିଡିଆ ମୁଖ୍ୟ ଅଙ୍କିତ ଲାଲଙ୍କୁ ରିପୋର୍ଟ କରୁଥିଲେ। ଆଜାଦ ସିଜେପିରେ ସାମିଲ ହେବାକୁ ଚାହିଁ କ'ଣ ଯୋଗ୍ୟତା ରହିବା ଦରକାର ବୋଲି ପଚାରିଛନ୍ତି। ମହୁଆ ମଧ୍ୟ ସିଜେପି ପୋଷ୍ଟକୁ ଶେୟାରି କରି ସେ ସଂଗଠନରେ ସାମିଲ ହେବାକୁ ଚାହୁଁଥିବା କହିଥିଲେ। ଏହାପରେ ସିଜେପି ଉଭୟ ସାଂସଦଙ୍କୁ ସ୍ୱାଗତ କରିଛି। ତେବେ ଦଳ ନାଁ କାହିଁକି ଅସରପା ରଖା ଯାଇଛି ? ଅସରପା ଜନତା ପାର୍ଟି ରଖା ଯିବାର ପ୍ରମୁଖ କାରଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଶତ୍ରୁଙ୍କୁ ଥରହର କରିବ 'ସୂର୍ଯ୍ୟାସ୍ତ୍ର'
## ଚାନ୍ଦିପୁରରେ ରକେଟ୍‌ର ସଫଳ ପରୀକ୍ଷଣ



**ବାଲେଶ୍ୱର(ଏନ୍.ଏମ୍.) :** ଭାରତର ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଉ ଏକ ଐତିହାସିକ ସଫଳତା ସାମ୍ନାକୁ ଆସିଛି। ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷା ପରିସର ଠାରେ ପ୍ରାଇଭେଟ୍ ସେକ୍ଟର ନାଇବ୍ ଲିମିଟେଡ୍ ପକ୍ଷରୁ ନୂତନ 'ସୂର୍ଯ୍ୟାସ୍ତ୍ର' ରକେଟ୍‌ର ସଫଳ ପରୀକ୍ଷଣ କରାଯାଇଛି। ସୂତ୍ର ଅନୁସାରେ, ଏହି ରକେଟ୍‌ର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୧୫୦ରୁ ୩୦୦କିଲୋମିଟର ପର୍ଯ୍ୟନ୍ତ ଥିବା ଜଣାପଡ଼ିଛି। ଆଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି ରକେଟ୍ ଭାରତୀୟ ସେନାର ଆବଶ୍ୟକତାକୁ ଧ୍ୟାନରେ ରଖି ବିକାଶ କରାଯାଇଛି। ପରୀକ୍ଷଣ ସମୟରେ ରକେଟ୍‌ର ଗତି, ସଠିକତା ଏବଂ ଲକ୍ଷ୍ୟଭେଦ କ୍ଷମତାକୁ ଗଭୀର ଭାବେ ପରୀକ୍ଷା କରାଯାଇଥିଲା। ସମସ୍ତ ପ୍ୟାରାମିଟର୍ ସଫଳ ହେବା ପରେ ଏହାକୁ ଏକ ବଡ଼ ସଫଳତା ଭାବେ ମନାଯାଉଛି। ପ୍ରାଇଭେଟ୍ ସେକ୍ଟର ଭାଗୀଦାରୀରେ ଏଭଳି ଉନ୍ନତ ରକେଟ୍ ପରୀକ୍ଷଣ ଭାରତର ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମକୁ ଆଉ ଶକ୍ତିଶାଳୀ କରୁଛି ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେନାର ଭବିଷ୍ୟତ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ପ୍ରକାର ନୂତନ ମିସାଇଲ୍ ପରୀକ୍ଷଣ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଦିଗରେ ଆଉ ଏକ ପଦକ୍ଷେପ ଆଗକୁ ନେଇଯାଉଛି।

## ଉମରକୋଟ ସବ୍‌ଟ୍ରେଜେରୀ ଅଫିସ୍‌ରେ ଆକାଉଣ୍ଟାଣ୍ଟଙ୍କୁ ନିର୍ଯାତନା
### ଫାଇଲ୍ ଛୁଇଁବା ମନା, ଆକ୍ୱାଗାର୍ଡ ପାଣି ବାରଣ

**ନବରଙ୍ଗପୁର(ଏନ୍.ଏମ୍.) :** ଜାତିଆଣ ଭେଦଭାବ। ମାନସିକ ନିର୍ଯାତନା। ଛୁଆଁଇ ଦିଆଯାଉନି ଫାଇଲ୍। ଆକ୍ୱାଗାର୍ଡ ପାଣି ପିଇବା ଉପରେ କଟକଣା। ଏହା କୌଣସି ଗାଁଗହଳିର କଥା ନୁହେଁ, ଏକ ସରକାରୀ ଦପ୍ତରରେ ଏଭଳି ବାସନ୍ଦର ଶିକାର ହୋଇଛନ୍ତି ଜଣେ କର୍ମଚାରୀ। ସେ ହେଉଛନ୍ତି ଉମରକୋଟ ସବଟ୍ରେଜେରୀ



ଅଫିସର ଆକାଉଣ୍ଟାଣ୍ଟ୍ ଗୌରାଙ୍ଗ ଚରଣ ବେହେରା। ତାଙ୍କୁ ନ୍ୟାୟ ଦେବା ପାଇଁ ପୁଅ ପ୍ରିୟାଂଶୁ ପ୍ରିୟରଞ୍ଜନ ରାଜ୍ୟ ମାନବାଧିକାର କମିଶନ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଦ୍ୱାରସ୍ଥ ହେବା ପରେ ଏହି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ମାନବାଧିକାର ଉଲ୍ଲଂଘନ ଘଟଣାର ତଦନ୍ତ କରି ଆସନ୍ତା ଅଗଷ୍ଟ ୧୦ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ମାନବାଧିକାର କମିଶନ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟାଂଶୁ ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ବାପା ଗୌରାଙ୍ଗ ବେହେରା ଅନୁସୂଚିତ ଜାତି ସମ୍ପ୍ରଦାୟର। ୨୦୨୫ ମେ' ପହିଲାରେ ଉମରକୋଟ ସବଟ୍ରେଜେରୀ ଅଫିସରେ ଆକାଉଣ୍ଟାଣ୍ଟ୍ ଭାବେ ଯୋଗ ଦେଇଥିଲେ। ଯୋଗ ଦେବାର ୪ ମାସ ପର୍ଯ୍ୟନ୍ତ ଅଫିସରେ ତାଙ୍କୁ ବସିବାକୁ ଚୌକି ଖଣ୍ଡେ ବି ଦିଆଯାଇ ନଥିଲା। ଅଫିସର କୌଣସି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରାଯାଇ ନ ଥିଲା। ଏଥିରେ ମ୍ରିୟମାଣ ହୋଇ ସେ ଗତବର୍ଷ ଡିସେମ୍ବର ୧ରୁ ୨୮ ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ ଛୁଟିରେ ଚାଲିଯାଇଥିଲେ। ୨୯ ଡିସେମ୍ବରରେ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କ ଛୁଟି ଦରଖାସ୍ତକୁ ସବଟ୍ରେଜେରୀ କର୍ତ୍ତୃପକ୍ଷ ମଞ୍ଜୁର କରି ନଥିଲେ। ବିନା କାରଣରେ ତାଙ୍କ ବାପାଙ୍କ ଡିସେମ୍ବର ମାସର ଦରମା ବନ୍ଦ କରି ଦେଇଥିଲେ। ତଥାପି ଅଫିସ୍ ନିୟମିତ ଯାଉଥିଲେ। ଦିନେ ଅଫିସର ଆକ୍ୱାଗାର୍ଡରୁ ପାଣି ପିଇବା ଲାଗି ସଂଗ୍ରହ କରୁଥିବାବେଳେ କାର୍ଯ୍ୟାଳୟର ବରିଷ୍ଠ ସହାୟକ ସୁନୀଲ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିକାଶ ପାଲଟିଛି ଉପହାସ — ଦୁର୍ଗମ ଆଦିବାସୀ ଅଞ୍ଚଳ ବିଲାବାଡ଼ି ଅଞ୍ଚଳକୁ ପକ୍କା ରାସ୍ତା କେବେ ?

**କନ୍ଧମାଳ(ଏନ୍.ଏମ୍.) :** ରାଜ୍ୟରେ ବିଜେଡି ସରକାର ଦୀର୍ଘ ୨୪ ବର୍ଷ ଶାସନ କରିବା ପରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। ସରକାର ଏବେ ୨ବର୍ଷର ପୂର୍ତ୍ତି ପାଳନ କରୁଥିବାବେଳେ ବିକାଶ ଏଠାରେ ଉପହାସ ହୋଇଛି। କନ୍ଧମାଳ ଜିଲ୍ଲାର ଟିକାବାଲି, କେ.ନୂଆଗାଁ ଓ ଫିରିଙ୍ଗିଆ ବ୍ଲକ ସୀମାନ୍ତରେ ଅବସ୍ଥିତ ଦୁର୍ଗମ ଆଦିବାସୀ ଗାଁ ବିଲାବାଡ଼ି ଓ ଏହାର ଆଖପାଖ ଗ୍ରାମ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଏହି ସବୁ ଗ୍ରାମ ଜିଲ୍ଲାର ମଧ୍ୟଭାଗରେ ଅବସ୍ଥିତ ଥିଲେ ମଧ୍ୟ ଏହି ଅଞ୍ଚଳ ଚରମ ସରକାରୀ ଅବହେଳାର ଶିକାର ହୋଇରହିଛି। ବିଲାବାଡ଼ି ଗ୍ରାମ ଗୁଟିଙ୍ଗିଆ ପଞ୍ଚାୟତ ଅଧୀନରେ ଆସୁଥିବା ବେଳେ କିଛି ଗ୍ରାମ ଚଞ୍ଚଳା ସାହି ପଞ୍ଚାୟତ ଏବଂ କିଛି ଗ୍ରାମ ପାଡେରି ପଞ୍ଚାୟତ ଅଧୀନରେ। ଗ୍ରାମବାସୀମାନେ ପକ୍କା ରାସ୍ତା, ବିଦ୍ୟୁତ ଓ ପିଇବା ପାଣି ଭଳି ମୌଳିକ ସୁବିଧାର ଅଭାବରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜରୁରୀ ଚିକିତ୍ସା ସମୟରେ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁକୁ ପହଞ୍ଚି ପାରୁନାହିଁ।

ଗତ ବର୍ଷ ଏକ ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟକୁ ନେଇ ପାରିନଥିବାରୁ ତାଙ୍କର ମୃତ୍ୟୁ



ଘଟିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ସାଧାରଣ ଲୋକଙ୍କ ଦାବି ଜୋରଦାର ହୋଇଛି। ଗ୍ରାମବାସୀମାନଙ୍କ କହିବା ଅନୁସାରେ ସେମାନେ ଅନେକଥର ପ୍ରଶାସନ, ସରକାର ଓ ସ୍ଥାନୀୟ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏବଂ ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କୁ ମଧ୍ୟ ପକ୍କା ରାସ୍ତା ନିର୍ମାଣ ପାଇଁ ବହୁ ବାର ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସୂଚନା ଥାଉକି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ନିଜସ୍ୱ ପଞ୍ଚାୟତ ହେଉଛି ଗୁଟିଙ୍ଗିଆ ଏବଂ ବର୍ତ୍ତମାନର ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କ ଗ୍ରାମ ମଧ୍ୟ ଅବିଭକ୍ତ ଗୁଟିଙ୍ଗିଆ ଗ୍ରାମ ପଞ୍ଚାୟତରେ। ଗୋଟିଏ ଗ୍ରାମ ପଞ୍ଚାୟତରେ ବଡ଼ ବଡ଼ ନେତା/ନେତ୍ରୀ ଥିଲେ ମଧ୍ୟ ପଞ୍ଚାୟତର ସମସ୍ତ ଗ୍ରାମକୁ ମୌଳିକ ସୁବିଧା ସୁଯୋଗ ପହଞ୍ଚି ପାରି ନାହିଁ। ବର୍ତ୍ତମାନ ସାରଙ୍ଗଗଡ଼ ନିକଟସ୍ଥ ଚଞ୍ଚଳା ସାହି ଛକରୁ ଉପର ଦଣ୍ଡିକିଆ ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତାକୁ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' ଅଧୀନରେ ନିର୍ମାଣ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ବିଲାବାଡି, କାମ୍ବାଡି, ଉପର ବିଲାବାଡି, ମାଦି ନାଜୁ, ତଗା ନାଜୁ, ତାଣ୍ଡାଲି, ଡାଲିବାଡି, ଚଞ୍ଚଳା ସାହି, ଡାଣ୍ଡିକିଆ ସହିତ ଆଖପାଖର ଅନେକ ଗାଁର ୧୦ ହଜାରରୁ ଅଧିକ ଲୋକ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି। ଅବହେଳିତ ଏହି ଆଦିବାସୀ ଅଞ୍ଚଳକୁ ଯଥାଶୀଘ୍ର ରାସ୍ତା ସଂଯୋଗ ସୁବିଧା ଯୋଗାଇବାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସାଧାରଣ ଲୋକ ଦାବି କରିଛନ୍ତି।

## ଘର ତଳେ ଗୁପ୍ତ ଭୂତଳ କୋଠରୀ କରି ୩୨ ବର୍ଷ ଲୁଚି ରହିଥିଲେ ହତ୍ୟା ଅଭିଯୁକ୍ତ

**ଯାଜପୁର(ଏନ୍.ଏମ୍.) :** ଓଡ଼ିଶାରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ୧୯୯୪ ମସିହାର ଏକ ହତ୍ୟା ମାମଲାରେ ଫେରାର ଥିବା ଅଭିଯୁକ୍ତ ରବୀନ୍ଦ୍ର ମଲ୍ଲିକଙ୍କୁ ୩୨ ବର୍ଷ ପରେ ପୁଲିସ ଗିରଫ କରିଛି। ସେ ନିଜ ଘର ତଳେ ଗୋଟିଏ ଗୁପ୍ତ ଭୂତଳ କୋଠରୀ ତିଆରି କରି ସେଠାରେ ଲୁଚି ରହୁଥିଲେ। ପୁଲିସ ସୂଚନା ଅନୁସାରେ, ରବୀନ୍ଦ୍ର ମଲ୍ଲିକ ଯାଜପୁର ଜିଲ୍ଲାର ନୁଆହାଟ ଗାଁର ବାସିନ୍ଦା। ୨୧ ଅକ୍ଟୋବର ୧୯୯୪ରେ ସେ ନିଜ ସମ୍ପର୍କୀୟ ଭାଇ ପରମାନନ୍ଦ ମଲ୍ଲିକଙ୍କୁ କୁରାଢ଼ିରେ ହତ୍ୟା କରିଥିବା ଅଭିଯୋଗ ରହିଛି। ଘଟଣା ପରେ ସେ ଫେରାର ହୋଇଯାଇଥିଲେ ଏବଂ ଅଦାଲତ ତାଙ୍କୁ ଫେରାର ଅଭିଯୁକ୍ତ ଭାବେ ଘୋଷଣା କରିଥିଲା। ଫେରାର ଥିବା ସମୟରେ ରବୀନ୍ଦ୍ର ନିଜର ପରିଚୟ ବଦଳାଇ ଦେଇଥିଲେ। ସେ ଅଲଗା ନାମରେ ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ତିଆରି କରିଥିଲେ। ପ୍ରବାସୀ ଶ୍ରମିକ ଭାବେ ହାଇଦ୍ରାବାଦ, କେରଳ ଓ ଅନ୍ୟାନ୍ୟ ରାଜ୍ୟରେ ରାଜମିସ୍ତ୍ରୀ କାମ କରୁଥିଲେ। ଏହା ସତ୍ତ୍ୱେ ସେ ଗୁପ୍ତ ଭାବେ ପରିବାର ସହ ସମ୍ପର୍କ ରଖୁଥିଲେ। ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା ଯେ ରବୀନ୍ଦ୍ର ଗୋଟିଏ ପାରିବାରିକ କାର୍ଯ୍ୟକ୍ରମ ପାଇଁ ଘରକୁ ଫେରିଛନ୍ତି। ଶୁକ୍ରବାର ରାତିରେ କୁଆଖିଆ ଥାନା ପୁଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ସେତେବେଳେ ଘର ତଳେ ଥିବା ଗୋଟିଏ ଗୁପ୍ତ କୋଠରୀରୁ ରବୀନ୍ଦ୍ରଙ୍କୁ ଧରାଯାଇଥିଲା। ପୁଲିସ କହିଛି ଯେ, ଗିରଫଦାରିରୁ ବଞ୍ଚିବା ପାଇଁ ସେ ୧୯୯୪ ମସିହାରେ ହିଁ ଏହି ଗୁପ୍ତ କୋଠରୀ ତିଆରି କରିଥିଲେ। ବର୍ଷ ବର୍ଷ ସେଠାରେ ଲୁଚି ରହି ପୁଲିସକୁ ଚକମା ଦେଇ ଆସୁଥିଲେ। ରବୀନ୍ଦ୍ର ୧୯୯୮ ମସିହାରେ ବିବାହ ମଧ୍ୟ କରିଥିଲେ। ନିଜ ଠିକଣା ଓ ପରିଚୟ ବଦଳାଇ ସେ ଦୀର୍ଘ ୩୨ ବର୍ଷ ଧରି ପୁଲିସ ଆଖିରେ ଧୂଳି ଦେଇଥିଲେ। ଶେଷରେ ଗୁପ୍ତ କୋଠରୀର ଦ୍ୱାର ଖୋଲିବା ସହିତ ତାଙ୍କ ଫେରାର ହୋଇଥିବା ଖବରର ପର୍ଦ୍ଦାଫାଶ ହୋଇଛି।

# ସୁପରଷ୍ଟାର ରାମ ଚରଣଙ୍କ ନୂଆ ଫିଲ୍ମ 'ପେଡ୍ଡୀ'ର ଟ୍ରେଲର ଆଉଟ୍, ଏହି ଦିନ ରିଲିଜ ହେବ ଫିଲ୍ମ



**ମୁମ୍ବାଇ(ଏଜେନ୍ସି):** ନୂଆନୂଆ ଚଳଚ୍ଚିତ୍ର ଏବେ ଚଳଚ୍ଚିତ୍ର ଜଗତ ପାଇଁ ନୂତନ ଆଶା ସଞ୍ଚାର କରିଛି । ବିଶେଷ କରି ୨୦୧୯ କରୋନା ପର ଠାରୁ ଫିଲ୍ମ ଇଣ୍ଡଷ୍ଟ୍ରିଜରେ ଏକପ୍ରକାର ଅଶୁଭ ସମୟ ଚାଲିଥିଲା । ଏହି ସମୟରେ ବହୁ ପ୍ରଯୋଜନା ସଂସ୍ଥା ନୀରବ ରହିବା ଦ୍ୱାରା ଆଉ ନୂଆ ଚଳଚ୍ଚିତ୍ର ଆସିପାରୁନଥିଲା । ଏବେ ସମୟ ବଦଳିଛି । ଦେଶର ବିଭିନ୍ନ ଭାଷାରେ ନୂଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ପଯୋଜକମାନେ ଆଗେଇ ଆସୁଛନ୍ତି । ଯାହା ଦ୍ୱାରା ଚଳଚ୍ଚିତ୍ର ଦୁନିଆରେ ଏକ ନୂତ ସୂର୍ଯ୍ୟ ଉଦୟ ହୋଇଛି ବୋଲି ବହୁ ଚଳଚ୍ଚିତ୍ର ସମୀକ୍ଷକ ମତ ଦେଇଛନ୍ତି । ସେହିଭଳି ନୂଆ ଫିଲ୍ମ 'ପେଡ୍ଡୀ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି ତେଲୁଗୁ ସୁପରଷ୍ଟାର୍ ରାମ ଚରଣ । ସୋମବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି । ଏଥିରେ ରାମ ଚରଣ ଗୋଟିଏ ନୁହେଁ, ବରଂ ୩-୩ଟି ଖେଳ ପରଦାରେ ଖେଳିବେ । ଫିଲ୍ମରେ ତାଙ୍କ ନାଁ ପେଡ୍ଡୀ, ଯିଏ ଗାଁ ଲୋକଙ୍କ ପାଇଁ ଜଣେ ଈଶ୍ୱରଙ୍କ ଅବତାର । ଗାଁ ଲୋକଙ୍କ ପାଇଁ ଖେଳ କହିଲେ ପେଡ୍ଡୀ । ପ୍ରିୟ କ୍ରିକେଟର୍ କିଏ ପଚାରିଲେ, ଉତ୍ତର ପେଡ୍ଡୀ । ପ୍ରିୟ ମଲ୍ଲଯୋଦ୍ଧା ପେଡ୍ଡୀ । ଏମିତିକି ଦୌଡ଼ରେ ବି ପେଡ୍ଡୀ ସମସ୍ତଙ୍କଠୁ ଆଗରେ । ତେବେ ଗାଁ ଲୋକଙ୍କ ଉପରେ ଏକ ବହୁତ ବଡ଼ ବିପଦ ପଡ଼ିଥିବା ଟ୍ରେଲରରେ ଦେଖିବାକୁ ମିଳିଛି । କିଛି ଲୋକ ସେମାନଙ୍କୁ ହଇରାଣ କରୁଛନ୍ତି, ଯାହାଙ୍କ ପାଇଁ ପେଡ୍ଡୀ ଆଗେଇ ଆସିଛି । ଟ୍ରେଲର୍ ଦର୍ଶକଙ୍କୁ ଯେତିକି ଉତ୍ସାହିତ କରିଛି, ସେତିକି ଦ୍ୱନ୍ଦ୍ୱରେ ବି ପକାଇଛି । ରାମ ଚରଣ 'ପେଡ୍ଡୀ' ପାଇଁ ଖୁବ୍ ପରିଶ୍ରମ କରିଛନ୍ତି । ମଲ୍ଲଯୋଦ୍ଧା ଭଳି ଶରୀର ପାଇବାକୁ ସେ ଅନେକ କିଲୋ ଓଜନ ବଢ଼ାଇଛନ୍ତି ଏବଂ କଠିନ ତାଲିମ ନେଇଛନ୍ତି, ଯାହାର ଝଲକ୍ ବି ଟ୍ରେଲରେ ଦେଖିବାକୁ ମିଳିଛି । ରାଜାମୌଲୀଙ୍କ ହିଟ୍ ଫିଲ୍ମ 'ଆରଆରଆର' ପରେ ତାଙ୍କର କୌଣସି ହିଟ୍ ଫିଲ୍ମ ଆସିନାହିଁ । 'ପେଡ୍ଡୀ' ତାଙ୍କୁ କେତେ ସଫଳତା ଦେବ, ତାହା ଦେଖିବାକୁ ଦର୍ଶକ ଖୁବ୍ ଉତ୍ସାହିତ । ଏଥିରେ ତାଙ୍କ ଅପୋଜିଟ୍ରେ ଅଛନ୍ତି ଜାହ୍ନବୀ କପୁର । ଫିଲ୍ମର ରିଲିଜ୍ ତାରିଖ ବାରମ୍ବାର ବଦଳିବା ଯୋଗୁ ଫ୍ୟାନ୍‌ଙ୍କ ଅପେକ୍ଷା ବଢ଼ିଚାଲିଛି । ମାର୍ଚ୍ଚ ୨୭ରେ ରାମ ଚରଣଙ୍କ ଜନ୍ମଦିନରେ ଫିଲ୍ମ ମୁକ୍ତିଲାଭ କରିବାର ଥିଲା । କିନ୍ତୁ 'ଧୁରନ୍ଧର-୨' ଯୋଗୁ ଏପ୍ରିଲ ୩୦କୁ ଘୁଞ୍ଚାଇ ଦିଆଗଲା । ତା'ପରେ ପୁଣି ରିଲିଜ୍ ବାତିଲ ହେଲା । ସଦ୍ୟ ରିପୋର୍ଟ ଅନୁସାରେ, ଆସନ୍ତା ଜୁନ୍ ୪ରେ ଫିଲ୍ମ ଥିଏଟରକୁ ଆସିବ । 'ଟକ୍ସିକ୍'ର ରିଲିଜ୍ ବାତିଲ ହେବା ପରେ ନିର୍ମାତା ଏହି ନିଷ୍ପତ୍ତି ନେଲେ ।

# ସଲମାନଙ୍କ ଏକାକୀପଣ ପୋଷ୍ଟକୁ ନେଇ ଚିନ୍ତା ପ୍ରକାଶ ମାଆ, ସ୍ପଷ୍ଟୀକରଣ ରଖିଲେ ଭାଇଜାନ୍



**ମୁମ୍ବାଇ(ଏଜେନ୍ସି):** ନିକଟରେ ସଲମାନ ଖାନ ତାଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରିଥିଲେ । ଯେଉଁଥିରେ ଏକ ସାର୍ଟଲେସ୍ ଫଟୋ କ୍ୟାପସନରେ ସଲମାନ ନିଜକୁ 'ଏକା' ଏବଂ 'ଦୁଃଖୀ' ବୋଲି ବର୍ଣ୍ଣନ କରିଥିଲେ । ଯାହାପରେ ତାଙ୍କ ଫ୍ୟାନ୍ସଙ୍କ ଦୃଷ୍ଟି ତାଙ୍କ ଶରୀର ପ୍ରତି କମ୍ ଏବଂ ପୋଷ୍ଟ ସହିତ ଥିବା କ୍ୟାପସନ ପ୍ରତି ଅଧିକ ଆକର୍ଷଣ କରିଥିଲା । ଏହାକୁ ନେଇ ସଲମାନ ଖାନଙ୍କ ମାଆ ମଧ୍ୟ ଚିନ୍ତିତ ଥିଲେ । ବର୍ତ୍ତମାନ ସଲମାନ ତାଙ୍କ ପୋଷ୍ଟ ପଛରେ ପ୍ରକୃତ ଅର୍ଥ ସ୍ପଷ୍ଟ କରିଛନ୍ତି । ସଲମାନଙ୍କ ଏହି ନୂଆ ପୋଷ୍ଟଟି ଏବେ ଭାଇରାଲ ହେଉଛି । ପୋଷ୍ଟରେ ସଲମାନ ଲେଖିଛନ୍ତି: 'ଓହୋ ! ମୁଁ ନିଜ ବିଷୟରେ କହୁ ନଥିଲି । ଯେତେବେଳେ ମୋର ଏତେ ବଡ଼ ଏବଂ ପ୍ରେମପୂର୍ଣ୍ଣ ପରିବାର ଏବଂ ବନ୍ଧୁବର୍ଗ ଅଛନ୍ତି, ମୁଁ କିପରି ଏକା ରହିପାରିବି ? ଆପଣମାନଙ୍କ ସମସ୍ତଙ୍କ ପ୍ରାର୍ଥନା ଏବଂ ଶୁଭକାମନା ମୋ ପାଖରେ ଅଛି । ଏପରି ସମୟରେ ମୁଁ କିପରି ଏକା ଅନୁଭବ କରିବି ? ଏହା ମୋତେ ଦୁନିଆର ସବୁଠାରୁ ଅକୃତଜ୍ଞ ବ୍ୟକ୍ତି କରିବ ।' ପ୍ରକାଶ ଥାଉକି, ମେ ୧୭ରେ, ସଲମାନ ତାଙ୍କ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଥିଲେ । ଫଟୋରେ, ସେ ଏକ ସୋଫାରେ ସାର୍ଟଲେସ ବସି, ପଛକୁ ନଇଁ ପଡ଼ି ବିଶ୍ରାମ ନେଉଥିବାର ଦେଖାଯାଇଥିଲା । ଫଟୋରେ ସଲମାନଙ୍କ ଆବ୍ସ ମଧ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଥିଲା । ଫଟୋ ସହ ସେ କ୍ୟାପସନରେ ଲେଖିଛନ୍ତି: 'ମୁଁ, ମୁଁ, ଏବଂ କେବଳ ମୁଁ... ନିଜ ସାଥିରେ ରହିବାର ଦୁଇଟି ଉପାୟ ଅଛି: 'ଏକା' ଏବଂ 'ଦୁଃଖୀ' । 'ଏକା' ହେବା ଅର୍ଥ ହେଉଛି ଏକା ରହିବାକୁ ବାଛିବା, ଯେତେବେଳେ 'ଏକା' ହେବା ଅର୍ଥ ହେଉଛି ଏପରି ଏକ ପରିସ୍ଥିତି ଯେଉଁଠାରେ କେହି ଆପଣଙ୍କ ସହିତ ରହିବାକୁ ଚାହୁଁନାହିଁ... ଏବେ, କ'ଣ କରିବାକୁ ପଡିବ ତାହା ନିଜେ ଜାଣିବା ଆପଣଙ୍କ ଉପରେ ନିର୍ଭର କରେ ।' ସଲମାନ ଖାନଙ୍କ ଫିଲ୍ମ ବିଷୟରେ କହିବାକୁ ଗଲେ, ବର୍ତ୍ତମାନ, ସଲମାନ ଖାନ 'ମାତୃଭୂମି: ମେ ୱାର ରେଷ୍ଟ ଇନ ପିସ୍' ରେ ନଜର ଆସିବେ ଅପୂର୍ବ ଲାଖିଆଙ୍କ ଦ୍ୱାରା ନିର୍ଦ୍ଦେଶିତ । ସଲମାନ ଖାନଙ୍କ ବ୍ୟତୀତ ଅଙ୍କୁର ଭାଟିଆ ଏବଂ ଜେନ୍ ଶୋ ମଧ୍ୟ ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଚିତ୍ରାଙ୍ଗଦା ସିଂ ଫିଲ୍ମରେ ସଲମାନ ଖାନଙ୍କ ବିପକ୍ଷରେ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ସିନେମାଟି ଅଗଷ୍ଟ ୧୪କୁ ସ୍ଥଗିତ ରଖାଯାଇପାରେ ବୋଲି ମଧ୍ୟ ରିପୋର୍ଟ ଅଛି, ଯଦିଓ ନିର୍ମାତା ଏପର୍ଯ୍ୟନ୍ତ କୌଣସି ପରିବର୍ତ୍ତନକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାଁନ୍ତି ।

# 'ମେ ୱାପସ୍ ଆଉଙ୍ଗା' ଟ୍ରେଲର ଆଉଟ୍



**ମୁମ୍ବାଇ(ଏଜେନ୍ସି):** ଇମତିଆଜ୍ ଅଲି ତାଙ୍କର ନୂଆ ଫିଲ୍ମ 'ମେ ୱାପସ୍ ଆଉଙ୍ଗା' ସହ ପୁଣିଥରେ ଫେରିଛନ୍ତି । ଦିଲଜିତ୍ ଦୋସାଞ୍ଜ, ନାସିରୁଦ୍ଦିନ୍ ଶାହ, ବେଦାଙ୍ଗ ରୈନା ଏବଂ ଶରଭରୀ ୱାଗଙ୍କ ଅଭିନୀତ ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇଛି । ଏହି ଟ୍ରେଲରରେ ଫ୍ୟାନ୍ସ କ୍ଲାସିକ୍ ଇମତିଆଜ୍ ଅଲିଙ୍କ ସିଗ୍ନେଚର ଶୈଳୀର ଏକ ଝଲକ ଦେଖିବାକୁ ମିଳିଛି । ବେଦାଙ୍ଗ ରାଇନା ଓ ଶରଭରୀ ଇନଷ୍ଟାଗ୍ରାମରେ 'ମେ ୱାପସ୍ ଆଉଙ୍ଗା'ର ଟ୍ରେଲର ଅପଲୋଡ୍ କରିଛନ୍ତି । ସେମାନେ ଏହି ରୋମାଣ୍ଟିକ୍ ଟ୍ରେଲର ସହିତ ଏକ ହୃଦୟସ୍ପର୍ଶୀ କ୍ୟାପସନ୍ ଲେଖିଛନ୍ତି: 'ପ୍ରେମ କେବେ ସତରେ ଶେଷ ହୋଇପାରେ ? କ'ଣ କେବେ କାହାର ହୃଦୟରୁ ଘର ଛଡ଼ାଇ ନିଆଯାଇ ପାରେ ? ଟ୍ରେଲରଟି ଏବେ ମୁକ୍ତିଲାଭ କରିଛି ।' ଟ୍ରେଲରଟି ବିଭାଜନ ସମୟର ସ୍ମୃତିର ପୃଷ୍ଠଭୂମିରେ ଆରମ୍ଭ ହୋଇଛି । ନାସିରୁଦ୍ଦିନ ଶାହଙ୍କ ଚରିତ୍ରରେ ଏକ ଅପୂର୍ଣ୍ଣ ପ୍ରେମ କାହାଣୀର ଯନ୍ତ୍ରଣା ଦେଖିବାକୁ ମିଳିଛି - ଏକ ବୋଝ ଯାହା ସେ ଦଶନ୍ଧି ଧରି ତାଙ୍କ ସହିତ ବହନ କରିଆସିଛନ୍ତି । ଟ୍ରେଲରଟି ପ୍ରକାଶ କରେ ଯେ ଦିଲଜିତ ଦୋସାଞ୍ଜ ଜଣେ ଲୋକପ୍ରିୟ ୟୁଟ୍ୟୁବର ଗୁରବୀରଙ୍କ ଚରିତ୍ରରେ ଅଭିନୟ କରିଛନ୍ତି । ସେ ତାଙ୍କ ଜେଜେବାପାଙ୍କ ଦୀର୍ଘଦିନର ହଜିଯାଇଥିବା ପ୍ରେମିକାଙ୍କ ସହିତ ପୁନଃମିଳନ ପାଇଁ ନିଜର ଶେଷ ନିଶ୍ୱାସ ନେଉଥିବାର ଦେଖନ୍ତି । ବେଦାଙ୍ଗ ରୈନା ଏବଂ ଶରଭରୀ କାହାଣୀ ମଧ୍ୟରେ ଏକ ଯୁବ ଦମ୍ପତିଙ୍କୁ ଚିତ୍ରଣ କରିଛନ୍ତି, ସେମାନଙ୍କର ନିଜସ୍ୱ ସ୍ପର୍ଶକାତର ପ୍ରେମ କାହାଣୀକୁ ପରଦାକୁ ଆଣିଛନ୍ତି । ଏହି ଫିଲ୍ମ ଦର୍ଶକଙ୍କୁ ରୋମାନ୍ସ, ହୃଦୟ ବିଦାରକ, ସ୍ମୃତିସ୍ପର୍ଶୀ ଏବଂ ବିଚ୍ଛେଦରେ ପରିପୂର୍ଣ୍ଣ ଏକ ଭାବପ୍ରବଣ ପ୍ରେମ କାହାଣୀର ଏକ ଝଲକ ପ୍ରଦାନ କରେ । ଫିଲ୍ମଟି ଆସନ୍ତା ୧୨ ତାରିଖରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ମିଳିଛି ।

# ବକ୍ସ ଅଫିସ୍‌ରେ ଧମାକା କଲା ଓଡ଼ିଆ ଫିଲ୍ମ 'ମନ୍ତ୍ରମୁଗ୍ଧ'



**ଭୁବନେଶ୍ୱର(ଏନ୍.ଏମ୍.):** ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସରେ ଧମାକା କରୁଛି । କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ଭଲପାଇବା ଜିତିବାରେ ସଫଳ ହୋଇଛି । ମେ' ୧ ରେ ରିଲିଜ୍ ହୋଇଥିବା ଏହି ସିନେମା ୧୫ ଦିନ ମଧ୍ୟରେ ୩ କୋଟିରୁ ଅଧିକ ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ଏନେଇ ସାମାଜିକ ଗଣମାଧ୍ୟମରେ ନିର୍ମାତା ଫିଲ୍ମର କଲେକ୍ସନ୍ ସମ୍ପର୍କରେ ସୂଚନା ଦେଇଛନ୍ତି । ଫିଲ୍ମଟି ଏବେ ତୃତୀୟ ସପ୍ତାହରେ ପ୍ରବେଶ କରିଥିବା ବେଳେ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ୁଥିବା ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟର୍ ସହ ନିର୍ମାତା କ୍ୟାପସନରେ ଲେଖିଛନ୍ତି, ଦୁଇ ସପ୍ତାହର ସମ୍ପୂର୍ଣ୍ଣ ମନୋରଞ୍ଜନ । ବକ୍ସ ଅଫିସରେ ୩.୦୬ କୋଟି ଟଙ୍କା ରୋଜଗାର କରିଛି ଏବଂ ପାଗଳାମି ଆହୁରି ବଢ଼ିବାରେ ଲାଗିଛି । ଏହି ଯାତ୍ରାକୁ ଅବିସ୍ମରଣୀୟ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ଫିଲ୍ମର ସଫଳତା ନେଇ ପୂରା ଟିମ୍ ଉତ୍ସବ ମନାଇଛନ୍ତି । ଦର୍ଶକମାନେ ମଧ୍ୟ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି । କେହି ଫିଲ୍ମକୁ ସୁପର୍ ଡୁପର୍ ହିଟ୍ ବୋଲି କହିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନକାରୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି ।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# ସାଇଲେଣ୍ଟ କିଲର୍ ହୋଇଥାଏ ଉଚ୍ଚ ରକ୍ତଚାପ

ଉଚ୍ଚ ରକ୍ତଚାପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଏ । ଉଚ୍ଚ ରକ୍ତଚାପକୁ ଏକ ନୀରବ ଘାତକ ଭାବରେ ଜଣାଯାଏ କାରଣ ଏହା କୌଣସି ସ୍ପଷ୍ଟ ଲକ୍ଷଣ ବିନା ଶରୀରକୁ ଦୀର୍ଘକାଳୀନ କ୍ଷତି ପହଞ୍ଚାଇପାରେ । ଅନେକ ଲୋକ ହାର୍ଟ, ମସ୍ତିଷ୍କ କିମ୍ବା ବୃକକ୍ ସମସ୍ୟା ଦେଖା ନ ଦେବା ପର୍ଯ୍ୟନ୍ତ ଜାଣିପାରନ୍ତି ନାହିଁ ଯେ ସେମାନଙ୍କର ଉଚ୍ଚ ରକ୍ତଚାପ ଅଛି । ଏହି କାରଣରୁ ନିୟମିତ ଭାବରେ ରକ୍ତଚାପ ଯାଞ୍ଚ କରିବା ଏବଂ ଶୀଘ୍ର ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆଜିକାଲି ଚାପ , ଖରାପ ଖାଦ୍ୟପେୟ, ଶାରୀରିକ କାର୍ଯ୍ୟକଳାପର ଅଭାବ, ମେଦବହୁଳତା, ଧୂମପାନ ଏବଂ ନିଦ୍ରା ଅଭାବ ଉଚ୍ଚ ରକ୍ତଚାପର ଘଟଣା ବୃଦ୍ଧି କରୁଛି । ଏହି ସମସ୍ୟା ଆଉ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ; ଏହା ଯୁବପିଢ଼ିଙ୍କଠାରେ ମଧ୍ୟ ବୃଦ୍ଧି ପାଉଛି । ତେଣୁ, ଉଚ୍ଚ ରକ୍ତଚାପ କେତେ ସାଧାରଣ, ଡାକ୍ତରମାନେ ଏହା ବିଷୟରେ କ'ଣ ପରାମର୍ଶ ଦିଅନ୍ତି ଏବଂ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ କ'ଣ ସତର୍କତା ଅବଲମ୍ବନ କରାଯିବା ଉଚିତ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ , ସାରା ବିଶ୍ୱରେ ପ୍ରାୟ ୧.୪ ବିଲିୟନ ଲୋକ ଉଚ୍ଚ ରକ୍ତଚାପ ଦ୍ୱାରା ପ୍ରଭାବିତ । ଏହି ଲୋକଙ୍କ ମଧ୍ୟରୁ ପ୍ରାୟ ୪୪ ପ୍ରତିଶତ ଲୋକ ଜାଣି ନାହାଁନ୍ତି ଯେ ସେମାନଙ୍କର ଉଚ୍ଚ ରକ୍ତଚାପ ଅଛି । ଭାରତରେ ମଧ୍ୟ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏନଏଫଏଚଏସ- ୫ ତଥ୍ୟ ଅନୁଯାୟୀ, ପ୍ରାୟ ୨୧.୩ ପ୍ରତିଶତ ମହିଳା ଏବଂ ୧୫ ବର୍ଷରୁ ଅଧିକ ବୟସର ୨୪ ପ୍ରତିଶତ ପୁରୁଷ ଉଚ୍ଚ ରକ୍ତଚାପ ଦ୍ୱାରା ପ୍ରଭାବିତ । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ ଏହି ରୋଗ ପ୍ରାୟତଃ କୌଣସି ସ୍ପଷ୍ଟ ଲକ୍ଷଣ ବିନା ବର୍ଷ ବର୍ଷ ଧରି ରହିପାରେ । ଏହି ସମୟ ମଧ୍ୟରେ, ଏହା ଧୀରେ ଧୀରେ ହାର୍ଟ, ମସ୍ତିଷ୍କ, ବୃକକ୍ ଏବଂ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇପାରେ । ଯଦି ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ନ କରାଯାଏ, ତେବେ ହୃଦଘାତ, ଷ୍ଟ୍ରୋକ୍, ହୃଦଘାତ ଏବଂ ବୃକକ୍ ରୋଗ ଭଳି ଗମ୍ଭୀର ସମସ୍ୟାର ଆଶଙ୍କା ବହୁତ ବଢ଼ିପାରେ । ତେଣୁ, ବିଶେଷଜ୍ଞମାନେ ନିୟମିତ ଯାଞ୍ଚକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ କରିବାକୁ ପରାମର୍ଶ ଦିଅନ୍ତି ।

## ମା'ରାଣ ଦେହକୁ ନେବେନି...



ଦୁର୍ନୀତିରେ ଏବେ ଆମରି ରାଜ୍ୟର
ପୋଜିସନ ଅଷ୍ଟାଦଶ...
ସରମରେ ମୁହଁ ପୋଡ଼ିଯାଏ,
ଯାହା ମିଳୁନି ଆମକୁ ବିଷ...
ଟଙ୍କାରେ କରନ୍ତି ଚାଷ...
ଜେଇ ମାନଙ୍କର ସମ୍ପତି ଦେଖିକି
ଶୁଖିଲାରେ ନାଗେ କାଶ...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ଆଳୁ ଆଚାର



**ଆବଶ୍ୟକୀୟ ସାମଗ୍ରୀ:**

ସିଝା ଆଳୁ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଟମାଟୋ, କଟା ଧନିଆ ଏବଂ ପୁଦିନା ପତ୍ର, ତେନ୍ତୁଳି ରସ, ଲୁଣ (ସ୍ୱାଦ ଅନୁସାରେ), ଲଙ୍କା ପାଉଡର, ଭଜା ଜିରା ପାଉଡର, ଟିକେ ଗୁଡ଼, ସୋରିଷ ତେଲ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଆଳୁକୁ ଧୋଇ ସିଝାନ୍ତୁ । ଏବେ, ସିଝା ଆଳୁକୁ ଚକଟି ଏକ ବଡ଼ ପାତ୍ରରେ ରଖନ୍ତୁ । ଏହା ପରେ ଲଙ୍କା, ପିଆଜ, ପୋଦିନା ଏବଂ ଧନିଆ ପତ୍ର ପକାନ୍ତୁ ।

ଏହା ପରେ ଟମାଟୋ ପକାନ୍ତୁ ଏବଂ ଏହାକୁ ଶୀଘ୍ର ମିଶ୍ରଣ କରନ୍ତୁ । ଏବେ, ତେନ୍ତୁଳି ରସ, ଲୁଣ, ଲାଲ ଲଙ୍କା ପାଉଡର, ଜିରା ପାଉଡର ଏବଂ ଗୁଡ଼ ମିଶାନ୍ତୁ ।

ଶେଷରେ, କିଛି ସାମାନ୍ୟ ଗରମ ହୋଇଥିବା ସୋରିଷ ତେଲ ପକାନ୍ତୁ । ସବୁକିଛି ଭଲ ଭାବରେ ମିଶାନ୍ତୁ । ପ୍ରସ୍ତୁତ ହୋଇଗଲା ଆଳୁ ଆଚାର ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




## ନୃଶଂସ ହତ୍ୟାକାଣ୍ଡ: ଝିଅକୁ ୬ ଖଣ୍ଡ କଲା ବାପା



**ଲକ୍ଷ୍ନୌ (ଏଜେନ୍ସି) :** ଝିଅକୁ ହତ୍ୟା କରି ଖଣ୍ଡ ଖଣ୍ଡ କଲା ବାପା। ମୁଣ୍ଡକୁ ପୋଖରୀରେ ପକାଇବା ପରେ ଶରୀରର ଅନ୍ୟ ଅଂଶକୁ ବାକ୍ସ ଭିତରେ ପୁରାଇ ଟ୍ରେନରେ ଛାଡିଦେଇଥିଲା। ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ସାରା ଦେଶରେ ଚାଞ୍ଚଲ୍ୟ ଖେଳି ଯାଇଛି। ମିଳିଥିବା ସୂଚନାନୁସାରେ, ନିକଟରେ ଲକ୍ଷ୍ନୌର ଗୋମତୀନଗର ଏକ୍ସପ୍ରେସର ଏକ ସ୍ଲିପର କୋଚରେ ବାକ୍ସ ଏବଂ ବ୍ୟାଗରେ ଖଣ୍ଡ ଖଣ୍ଡ ମୃତଦେହ ମିଳିଥିଲା। ମୁଣ୍ଡଟି ଗାଏବ ଥିଲା। ଏହି ମାମଲାରେ ଜିଆରପି ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛି। ଜିଆରପି କହିଛି ଯେ ବାପା ତାଙ୍କ ନାବାଳିକା ଝିଅକୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ଦେଇଥିଲେ ଏବଂ ମୃତଦେହକୁ ଫିଙ୍ଗି ଦେଇଥିଲେ। ସେ ମୁଣ୍ଡଟି ଗାଁ ପୋଖରୀରେ ଫିଙ୍ଗି ଦେଇଥିଲେ, ଯେତେବେଳେ ଶରୀରର ଅନ୍ୟ ପାଞ୍ଚଟି ଅଂଶ ବସ୍ତା, ବାକ୍ସ ଏବଂ ବ୍ୟାଗରେ ପ୍ୟାକ୍ କରାଯାଇଥିଲା। ତା'ପରେ ସେ ଛାପରା-ଗୋମତୀନଗର ଏକ୍ସପ୍ରେସର ସ୍ଲିପର କୋଚରେ ମୃତଦେହ ଛାଡି ଦେଇଥିଲେ। ଜିଆରପି ଅନୁଯାୟୀ, ମୋବାଇଲ୍ ଫୋନରେ ଜଣେ ହିନ୍ଦୁ ପୁଅ ସହିତ କଥା ହେବା ପାଇଁ ବାପା ଝିଅ ଉପରେ ରାଗିଥିଲେ। ଜିଆରପି ଅଭିଯୁକ୍ତ ପିତାଙ୍କୁ କୁଶିନଗରରୁ ଗିରଫ କରିଛି। ନିକଟରେ ଲକ୍ଷ୍ନୌର ଚାରବାଗ ଷ୍ଟେସନରେ ଛାପରା-ଗୋମତୀନଗର ଏକ୍ସପ୍ରେସର ଏକ ବଗିରେ ବାକ୍ସ ଏବଂ ବ୍ୟାଗରେ ଖଣ୍ଡ ଖଣ୍ଡ ମୃତଦେହ ମିଳିଥିଲା। ଏହି ମାମଲାରେ ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା ଯେ ମୁଣ୍ଡଟି ଗାଏବ ଥିଲା। ମୃତକଙ୍କୁ ଚିହ୍ନଟ କରିବା କଷ୍ଟକର ଥିଲା। ତଥାପି, ସିସିଟିଭି ଫୁଟେଜ୍ ବ୍ୟବହାର କରି ଜିଆରପି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲା। ଜିଆରପି ତଦନ୍ତ ସମୟରେ, ଅଭିଯୁକ୍ତକୁ କୁଶିନଗରର ସେବାର୍ହି ଥାନା ଅଞ୍ଚଳର ଜୟପୁର ଗ୍ରାମର ବାସିନ୍ଦା ବିଗନ୍ ଅନସାରୀ ଭାବରେ ଚିହ୍ନଟ କରାଯାଇଥିଲା। ଯେତେବେଳେ ପୁଲିସ ତାଙ୍କୁ ହେପାଜତକୁ ନେଇ ପଚରାଉଚରା ଆରମ୍ଭ କଲା, ସେତେବେଳେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଥିଲା। ମୃତକଙ୍କ ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। ପୁଲିସ ଅନୁଯାୟୀ, ସେ ଜଣେ ହିନ୍ଦୁ ଯୁବକଙ୍କ ସହ ଫୋନରେ କଥା ହେଉଥିଲେ। ତାଙ୍କ ବାପା ବିଗନ୍ ଅନସାରୀ ଏହା ଜାଣିଥିଲେ ଏବଂ ତାଙ୍କୁ ବାରମ୍ବାର ବାରଣ କରିଥିଲେ। ଯେତେବେଳେ ସେ ମନା କଲେ, ସେ କ୍ରୋଧିତ ହୋଇଗଲେ। କାରଣ ଅଭିଯୁକ୍ତଙ୍କ ଅନ୍ୟ ଦୁଇ ଝିଅ ପୂର୍ବରୁ ପ୍ରେମ ବିବାହ କରିଥିଲେ, ସେ ଆହୁରି ଭୟଭୀତ ହୋଇଗଲେ ଯେ ସେ ସମାନ ପଥ ଅନୁସରଣ କରିପାରନ୍ତି। ତେଣୁ ସେ ଏହି ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସୁଡ଼ଙ୍ଗ ଖୋଳି ଚେନାବ ପାଣିର ଗତିପଥ ବଦଳାଇବ ଭାରତ
## ପାକିସ୍ତାନ ପାଣି ପାଇଁ ହେବ ତହଳ ବିକଳ

**ନୂଆଦିଲ୍ଲୀ(ଏଜେନ୍ସି) :** ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲୁଟି) ବନ୍ଦ କରିବା ପରଠାରୁ, ଭାରତ ଆଉ ଏକ ପ୍ରମୁଖ ରଣନୈତିକ ଏବଂ ରାଜନୈତିକ ପଦକ୍ଷେପ ନେଇଛି। ପାକିସ୍ତାନକୁ ପ୍ରବାହିତ ଚେନାବ ନଦୀ ଉପରେ ଦୁଇଟି ପ୍ରମୁଖ ପ୍ରକଳ୍ପ ଉପରେ ଦ୍ରୁତ ଗତିରେ କାମ ଆରମ୍ଭ ହୋଇଛି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଚେନାବ ଜଳକୁ ପରିବର୍ତ୍ତନ କରିବା ପାଇଁ ହିମାଚଳ ପ୍ରଦେଶରେ ଏକ ବଡ଼ ସୁଡ଼ଙ୍ଗ ନିର୍ମାଣ ନିର୍ମାଣ କରାଯାଉଛି। ଦ୍ୱିତୀୟଟି ହେଉଛି ଚେନାବ ନଦୀ ଉପରେ ଥିବା ସଲାଲ ଡ୍ୟାମର ପୋଡ଼ାଜଳ ପରିଚାଳନା କ୍ଷମତାକୁ ପୁନରୁଦ୍ଧାର କରିବା। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ଏହି ପ୍ରଚଣ୍ଡ ଗରମ ମଧ୍ୟରେ ପାକିସ୍ତାନ ପାଣି ପାଇଁ ତହଳବିକଳ ହେବାକୁ ଯାଉଛି।

### ପାକିସ୍ତାନରେ ଫେରୁଛି ପ୍ରାଚୀନ ହିନ୍ଦୁ ନାଁ

## ଇସ୍‌ଲାମପୁର 'କୃଷ୍ଣ ନଗର', ରହମାନ ଗଳି ହେଲା 'ରାମ ଗଳି'

**ନୂଆଦିଲ୍ଲୀ (ଏଜେନ୍ସି) :** ଦେଶ ବିଭାଜନର ପ୍ରାୟ ୮୦ ବର୍ଷ ପରେ ପାକିସ୍ତାନର ଲାହୋର ନିଜର ଇସ୍‌ଲାମିକ ପରିଚୟକୁ ଛାଡ଼ି ପୁରୁଣା ହିନ୍ଦୁ, ଶିଖ, ଜୈନ ଓ ଉପନିବେଶ ବାଦୀ ନାଁକୁ ଫେରୁଛି। ଏବେ ଇସଲାମ୍‌ପୁର ନାଁ କୃଷ୍ଣ ନଗର ହୋଇଛି। ବାବ୍ରୀ ମସ୍‌ଜିଦ ଛକ ଜୈନ ମନ୍ଦିର ଛକରେ ବଦଳିଛି। ରହମାନ ଗଳି ତା'ର ପୁରୁଣା ନାଁ 'ରାମ ଗଳି'କୁ ଫେରିପାଇଛି। ଗତ ଦୁଇ ମାସ ହେଲା, ଲାହୋରରେ ଅତିକମ୍‌ରେ ୯ଟି ସ୍ଥାନର ନାଁର ପୁନଃନାମକରଣ ହୋଇଛି। ଅନେକ ସ୍ଥାନ ନିଜର ପୁରୁଣା ଗୌରବକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ପରିବର୍ତ୍ତନ



ପାକିସ୍ତାନର ପଞ୍ଜାବ ସରକାରଙ୍କ 'ଲାହୋର ଐତିହ୍ୟ କ୍ଷେତ୍ର ପୁନରୁଦ୍ଧାର ପ୍ରକଳ୍ପ'ର ଅଂଶ। ସରକାରଙ୍କ କର୍ତ୍ତୃପକ୍ଷଙ୍କ ଅନୁସାରେ, ଅନେକ ଦଶନ୍ଧିର ଅବହେଳା, ଅନିୟମିତ ବିକାଶ ଏବଂ ବୈଚାରିକ ରୂପେ ଇତିହାସର ପୁନର୍ଲିଖନ ପରେ ଏହି ସାଂସ୍କୃତିକ ରାଜଧାନୀର ବିଭାଜନ ପୂର୍ବର ପରିଚୟକୁ ପୁନଃସ୍ଥାପିତ କରିବାର ଏହା ପ୍ରୟାସ। ଏହି ପରିବର୍ତ୍ତନ ଅତ୍ୟନ୍ତ ଗଭୀରସ୍ତରରେ ହୋଇଛି। ସୁନ୍ନତ ନଗର ସନ୍ତ ନଗରରେ ରୂପାନ୍ତରିତ ହୋଇଛି। ମୌଲାନା ଜଫର ଅଲି ଖାନ୍ ଛକ ପୁଣି ଥରେ ଲକ୍ଷ୍ମୀ ଛକ ହୋଇଛି। ମୁସ୍ତଫାବାଦ ଏଣିକି ଧରମପୁରା ନାମରେ ପରିଚିତ ହେବ। ଔପନିବେଶିକ ଯୁଗର ନାଁ ମଧ୍ୟ ପୁଣି ଫେରିଛି। ଫାତିମା ଜିନ୍ନା ରୋଡ୍ ପୁଣି ଥରେ କ୍ୱିନ୍ସ ରୋଡ୍ ନାମରେ ପରିଚିତ ହେବ। ଆଲ୍ଲାମା ଇକ୍‌ବାଲ ରୋଡ୍ ଜେଲ ରୋଡ୍ ନାମରେ ପୁନଃସ୍ଥାପିତ ହେବ। ବାଗ୍-ଏ-ଜିନ୍ନା ନିଜର ପୁରୁଣା ଲରେନ୍ସ ଗାର୍ଡେନ୍ସ ନାଁ ଫେରିପାଇବ। ଏହି ପ୍ରକଳ୍ପ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ବିଚାରଧାରା, ଯାହା ତାଙ୍କ ଝିଅ ପଞ୍ଜାବର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମରୟମ ନୱାଜଙ୍କ ଦ୍ୱାରା ଆଗକୁ ବଢୁଛି। ଏହା ଦେଶର ସବୁଠୁ ମହତ୍ୱାକାଂକ୍ଷୀ ସଂସ୍କୃତି ପୁନରୁଦ୍ଧାର ପ୍ରୟାସ, ଯେଉଁଥିରେ ୫୦ ବିଲିଅନ ପାକିସ୍ତାନୀ ମୁଦ୍ରା ଖର୍ଚ୍ଚ ହୋଇଛି। ସରକାର ୟୁରୋପୀୟ ରାଷ୍ଟ୍ରମାନଙ୍କ ସହ ତୁଳନା କରି ଯୁକ୍ତି ଦର୍ଶାଇଛନ୍ତି ଯେ, ପାକିସ୍ତାନ ମଧ୍ୟ ନିଜ ସହରମାନଙ୍କର ଐତିହାସିକ ଢାଞ୍ଚାକୁ ଲିଭାଇ ଦେବା ପରିବର୍ତ୍ତେ ସଂରକ୍ଷଣ କରିବା ଉଚିତ୍। ଐତିହ୍ୟ ପର୍ଯ୍ୟଟନର ପ୍ରୋତ୍ସାହନ ଏବଂ ଏଥିରୁ ଆୟ ଏହି ପ୍ରୟାସର ଏକ ଉଦ୍ଦେଶ୍ୟ।

### ବରଯାତ୍ରୀଗାଡିକୁ ଧକ୍କା ଦେଲା କଣ୍ଟେନର

## ୧୨ ମୃତ, ୩୦ରୁ ଊର୍ଦ୍ଧ୍ୱ ଆହତ

**ନୂଆଦିଲ୍ଲୀ(ଏଜେନ୍ସି) :** ମୁମ୍ବାଇ-ଅହମ୍ମଦାବାଦ ଜାତୀୟ ରାଜପଥରେ ଡାହାନୁ ତାଲୁକାର ଧନୀୱାରୀରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ବରଯାତ୍ରୀଙ୍କୁ ନେଇ



ଯାଉଥିବା ଏକ ଟ୍ରକ କଣ୍ଟେନର ଟ୍ରକ୍ ସହିତ ଧକ୍କା ଦେଇଥିଲା। ଆଇଚର ଟ୍ରକ୍ ଏବଂ କଣ୍ଟେନର ମଧ୍ୟରେ ହୋଇଥିବା ଭୟଙ୍କର ଧକ୍କାରେ ଏକ ଦୁଇ ଚକିଆ ଯାନ ମଧ୍ୟ ଧକ୍କା ଖାଇଥିଲା। ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଟ୍ରକ୍ରେ ଥିବା ୩୦ ରୁ ୩୫ ଜଣ ଆହତ ହୋଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ଟ୍ରକ୍ଟି ୪୦ ରୁ ଅଧିକ ଲୋକଙ୍କୁ ନେଇଯାଉଥିଲା। ଏହି ବିବାହ ଶୋଭାଯାତ୍ରା ଡାହାନୁ ତାଲୁକାର ବାପୁଗାଁରୁ ଧନୀୱାରୀ ଅଭିମୁଖେ ଯାତ୍ରା କରୁଥିଲା ଏବଂ କନ୍ୟା ଘର ନିକଟରେ ଦୁର୍ଘଟଣା ଘଟିଥିଲା। ଆହତ ମାନଙ୍କୁ ତୁରନ୍ତ କାସା ଉପ-ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଗୁରୁତର ଆହତ ମାନଙ୍କୁ ଅଧିକ ଚିକିତ୍ସା ପାଇଁ ଧୁଣ୍ଡଲୱାଡ଼ିର ବେଦାନ୍ତ ହସ୍ପିଟାଲ ଏବଂ ଗୁଜୁରାଟର ଅନ୍ୟାନ୍ୟ ହସ୍ପିଟାଲକୁ ପଠାଯାଇଛି। ରିପୋର୍ଟ ଅନୁସାରେ, ଧନୀୱାରୀରେ ପହଞ୍ଚିବା ପରେ ଟ୍ରକ୍ ଖଡକିପଡ଼ା ଅଭିମୁଖେ ଯାଉଥିଲା। ମୁମ୍ବାଇରୁ ଆସୁଥିବା ଏକ କଣ୍ଟେନର ଗାଡ଼ି ଟ୍ରକ୍ ସହିତ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ କଣ୍ଟେନରର ସମ୍ମୁଖ ଭାଗ ଅଲଗା ହୋଇ ସିଧାସଳଖ ଆଇଚର ଟ୍ରକ୍ ଉପରେ ପଡ଼ିଗଲା। ଅନେକ ଲୋକ କଣ୍ଟେନର ତଳେ ଚାପି ହୋଇ ଗୁରୁତର ଆହତ ହୋଇଛନ୍ତି।

## ୨୩ ରୁ ୨୬ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସୁଛନ୍ତି ଆମେରିକାର ବୈଦେଶିକ ମନ୍ତ୍ରୀ

**ନୂଆଦିଲ୍ଲୀ(ଏଜେନ୍ସି) :** ଆସନ୍ତା ମେ ୨୩ ତାରିଖରୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଚାରିଦିନିଆ ଭାରତ ଗସ୍ତରେ ଆସିବେ। ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଆମେରିକାର ବୈଦେଶିକ ବିଭାଗ ପକ୍ଷରୁ ଏହି ଗସ୍ତ ସମ୍ପର୍କରେ ଘୋଷଣା କରାଯାଇଛି।



ବୈଦେଶିକ ବିଭାଗର ମୁଖପାତ୍ର ଟମି ପିଗଟ୍ କହିଛନ୍ତି ଯେ, ମେ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ନିଜ ଗସ୍ତ କାଳରେ ଶ୍ରୀ ରୁବିଓ କୋଲକାତା, ଆଗ୍ରା, ଜୟପୁର ଏବଂ ନୂଆଦିଲ୍ଲୀ ଗସ୍ତ କରିବେ। ବରିଷ୍ଠ ଭାରତୀୟ ଅଧିକାରୀମାନଙ୍କ ସହ ବୈଠକ ସମୟରେ ଶ୍ରୀ ରୁବିଓ ଶକ୍ତି, ସୁରକ୍ଷା, ବାଣିଜ୍ୟ ଏବଂ ପ୍ରତିରକ୍ଷା ସହଯୋଗ ବାବଦରେ ଆଲୋଚନା କରିବେ ବୋଲି ସେ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ମେ ୨୬ ତାରିଖରେ ହେବାକୁ ଥିବା କ୍ୱାଡ୍ ବୈଠକରେ ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀମାନଙ୍କ ସହ ଶ୍ରୀ ରୁବିଓ ଯୋଗଦେବେ। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତା କରିବେ। ଏକ୍ସରେ ଏକ ପୋଷ୍ଟ କରି ଦୂତାବାସ କହିଛି ଯେ, ଶ୍ରୀ ରୁବିଓଙ୍କ ପ୍ରଥମ ଭାରତ ଗସ୍ତ, କ୍ୱାଡ୍ ମନ୍ତ୍ରୀସ୍ତରୀୟ ବୈଠକ, ଉଚ୍ଚସ୍ତରୀୟ ଆଲୋଚନା ଏବଂ ଆମେରିକାର ୨୫୦ ବର୍ଷ ପୂର୍ତ୍ତିର ଉତ୍ସବ ପାଇଁ ଦୂତାବାସ ତାଙ୍କୁ ସ୍ୱାଗତ କରିବାକୁ ଆଗ୍ରହର ସହ ଅପେକ୍ଷା କରିଛି।

# ଆଇନ ଅଦାଲତ

## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା, ଆଉ ଜଣେ ଦଲାଲ୍ ଗିରଫ

**କଟକ(ଏନ୍.ଏମ୍.) :** ହାଇକୋର୍ଟ ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ମଡେଲ୍ ଉତ୍ତର ବିକ୍ରି ଘଟଣାରେ ଲାଲବାଗ ଥାନା ପୁଲିସ ଆଉ ଜଣେ ଦଲାଲକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଭୁବନେଶ୍ୱର ଧଉଳି ଥାନା ଉତ୍ତରା ନିକଟ ସତ୍ୟଭାମାପୁରର ସତ୍ୟବ୍ରତ ମହାନ୍ତି। ଅଭିଯୁକ୍ତ ସତ୍ୟବ୍ରତ ବିଭିନ୍ନ କୋଚିଂ ସେଣ୍ଟରକୁ ଯାଇ ଆଶାୟୀ ପ୍ରାର୍ଥୀଙ୍କ ସହିତ ଯୋଗାଯୋଗ କରୁଥିଲା। ତାର ଲିଙ୍କ ସିଧାସଳଖ ଏହି ରାକେଟର ମାଷ୍ଟରମାଇଣ୍ଡଙ୍କ ସହିତ ରହିଥିଲା ବୋଲି ପୁଲିସ କହିଛି। ଅପରପକ୍ଷେ ଦଲାଲ ସତ୍ୟବ୍ରତ ସହ କେଉଁ କୋଚିଂ ସେଣ୍ଟର୍ ମାଲିକମାନେ ଯୋଗାଯୋଗରେ ଥିଲେ ସେ ସମ୍ପର୍କରେ ପୁଲିସ ଏବେ ଖୋଳତାଡ଼ କରୁଥିବା ସୂଚନା ମିଳିଛି।

ହାଇକୋର୍ଟର(ଏଏସଓ-୨୦୨୪) ମୁଖ୍ୟ ଲିଖିତ ପରୀକ୍ଷା ୨୦୨୫ ଜୁଲାଇରେ ହୋଇଥିଲା। ଏହାର ପ୍ରଶ୍ନପତ୍ର ବା ମଡେଲ ଉତ୍ତର ପରୀକ୍ଷା ପୂର୍ବରୁ ଲିକ୍ ହୋଇଥିବା ଆଶଙ୍କା କରି ଜୁଲାଇ ମାସର ପରୀକ୍ଷାକୁ କର୍ତ୍ତୃପକ୍ଷ ରଦ୍ଦ କରିଦେଇଥିଲେ। ଏହି ଘଟଣାର ତଦନ୍ତ କରିବା ପାଇଁ ଲାଲ୍ବାଗ ଥାନାରେ ମାମଲା ରଜୁ ହୋଇଥିଲା। ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ ଦାୟିତ୍ୱ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ସିଲିକନ



ଟେକ ପ୍ରାଇଭେଟ୍ ଲିମିଟେଡ ନେଇଥିଲା। ଏହାର ମାଲିକାନା ସୁରେଶ ଚନ୍ଦ୍ର ନାୟକଙ୍କ ପାଖରେ ରହିଛି। କିନ୍ତୁ ଏହି ପ୍ରଶ୍ନପତ୍ରର ମଡେଲ୍ ଉତ୍ତର ପରିଚାଳନା ଦାୟିତ୍ୱ ପଞ୍ଚସଫ୍ଟ ପ୍ରାଇଭେଟ୍ ଲିମିଟେଡର ଶଙ୍କର ପୃଷ୍ଟି ପାଖରେ ଥିଲା। ପୂର୍ବରୁ ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ସୁରେଶ ନାୟକ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ମଧ୍ୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କ ସଂସ୍ଥାର ସଂପୃକ୍ତି ସ୍ପଷ୍ଟ ହେବା ପରେ ଲାଲବାଗ ଥାନା ପୁଲିସ ଜଣଙ୍କ ପରେ ଜଣେ ଅଭିଯୁକ୍ତକୁ ଗିରଫ କରିଚାଲିଛି। ସେହିକ୍ରମରେ ସତ୍ୟବ୍ରତ ଧରାପଡ଼ିଛି। ସତ୍ୟବ୍ରତ ସିଧାସଳଖ ଶଙ୍କର ପୃଷ୍ଟି ଓ ସୁରେଶ ନାୟକର ଲିଙ୍କ ଥିଲା। ସତ୍ୟବ୍ରତ ଆର୍ଥିକ ସ୍ଥିତି ଭଲ ରହିଛି ଆଶାୟୀଙ୍କୁ ଟାର୍ଗେଟ୍ କରୁଥିଲା। ପ୍ରଶ୍ନ ତଥା ମଡେଲ୍ ଉତ୍ତର ପାଇଁ ଜଣକା ୨୦ ଲକ୍ଷ ଟଙ୍କା ଦେବାକୁ ଡିଲ୍ କରୁଥିଲା। କେବଳ ସତ୍ୟବ୍ରତ ୧୨ରୁ ୧୪ ଜଣ ପିଲାଙ୍କୁ ଠିକ୍ କରାଇ ମାଷ୍ଟରମାଇଣ୍ଡଙ୍କ ସହିତ ଭେଟ କରାଇଥିଲା। ଟଙ୍କା କଥା ଛିଡ଼ିବା ପରେ ଆଶାୟୀଙ୍କୁ ମଡେଲ୍ ଉତ୍ତର ମିଳିଥିଲା। ସତ୍ୟବ୍ରତର ଏହି କାମରେ କୌଣସି କୋଚିଂ ସେଣ୍ଟର ମାଲିକ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ପୁଲିସ ତନାଘନା କରୁଛି। ଏହା ପୂର୍ବରୁ ଗିରଫ ହୋଇଥିବା କୋରାପୁଟର ସପନ କୁମାର ପଣ୍ଡା ମଧ୍ୟ ସମାନ ଢଙ୍ଗରେ ଆଶାୟୀଙ୍କୁ ଏକାଠି କରି ଟଙ୍କା ଆଦାୟ କରିଥିଲା। ଏଭଳି ଆଉ କିଛି ଦଲାଲଙ୍କୁ ଏବେ ପୁଲିସ ଖୋଜୁଥିବା ସୂଚନା ମିଳିଛି।

## ବହୁ ଚର୍ଚ୍ଚିତ କୃତିବାସ ହତ୍ୟା ମାମଲା, ତିନି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ




**ଭୁବନେଶ୍ୱର(ଏନ୍.ଏମ୍.) :** ଭୁବନେଶ୍ୱର ସରକନ୍ତରା ସୁଧ ଟଙ୍କା କାରବାର କୁ ନେଇ କୃତିବାସ ପରିଜା ଓରଫ ସୋନୁ ହତ୍ୟାକାଣ୍ଡ ମାମଲା ୧୨ବର୍ଷ ପରେ ଅଭିଯୁକ୍ତଙ୍କୁ ମିଳିଲା ଦଣ୍ଡ। ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଭୁବନେଶ୍ୱର ତୃତୀୟ ଜିଲ୍ଲା ଦୌରା ଜଜଙ୍କ କୋର୍ଟ। ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ଖୁଣ୍ଟିଆ , ଭରତ ସାହୁ ଓ ସାଗର ପୃଷ୍ଟିକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଘଟଣା ୨୦୧୪ ମସିହା ନଭେମ୍ବରରେ ଘଟିଥିଲା।

ଟଙ୍କା ନେଣଦେଣକୁ ନେଇ ହୋଇଥିଲା ହତ୍ୟାକାଣ୍ଡ। ଘଟଣାରେ ତିନିଜଣଙ୍କୁ ଗିରଫ କରିଥିଲା ପୋଲିସ। ନୟାଗଡରୁ ସିମ୍ କିଣିଥିଲେ ହତ୍ୟାକାରୀ। ହତ୍ୟା କରିବା ପରେ ବାଥରୁମରେ କାଟି ଖଣ୍ଡଖଣ୍ଡ କରିଥିଲେ। ପଲିଥିନରେ ମାଂସ ଭର୍ତ୍ତି କରି ରାଜଧାନୀର ଏଣେତେଣେ ଫିଙ୍ଗିଥିଲେ। ଏହା ପରେ ଖପୁରୀକୁ ଦୟା ନଦୀରେ ଫୋପାଡ଼ି ଥିଲେ ଅଭିଯୁକ୍ତ। ଦୟା ନଦୀ ନାଥପୁର ପଠାରୁ ମିଳିଥିଲା ଖଣ୍ଡ ବିଖଣ୍ଡିତ ଖପୁରିକୁ ନେଇ ତଦନ୍ତ କରୁଥିଲା ପୁଲିସ। ତେବେ ଖପୁରି ସୋନୁର ଜଣା ପଡିବା ପରେ ତାଙ୍କ ବାପା ମାଆଙ୍କ ଡିଏନଏ ଟେଷ୍ଟ ପରେ ସ୍ପଷ୍ଟ ହୋଇଥିଲା।

## ପୂର୍ବତନ ବ୍ଲକ୍ ବିଜେଡି ସଭାପତି ସମେତ ୧୯ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଉମରକୋଟ(ଏନ୍.ଏମ୍.) :** ସରକାରୀ ଜମିକୁ କେନ୍ଦ୍ର କରି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ୍ ଅନ୍ତର୍ଗତ ନେଉରା ପଞ୍ଚାୟତର ବାଉଁଶବେଡ଼ା ଠାରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ୩ଜଣଙ୍କର ହତ୍ୟାକାଣ୍ଡ ମାମଲାର ରାୟ ଉମରକୋଟ ଅତିରିକ୍ତ ଜିଲ୍ଲା କୋର୍ଟରେ ପ୍ରକାଶ ପାଇଛି। ଏହି ଘଟଣାରେ ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଦେବୀସିଂ ମାଝୀଙ୍କ ସମେତ ୧୯ଜଣଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀତା ପଟ୍ଟନାୟକ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨ଟି ପୃଥକ୍ ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜୀବନ କାରାଦଣ୍ଡଦେଶ ଶୁଣାଇଛନ୍ତି। ପ୍ରକାଶ ଥାଉକି ବାଉଁଶବେଡ଼ା ଗ୍ରାମର ବଳରାମ ହରିଜନ ବେନୋର ପଞ୍ଚାୟତ ଅଧିନ ଡେଲଗାଁ ଠାରେ ସରକାରୀ ଜମି ରେ ଚାଷ କରିଥିଲେ। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ସେଠାରେ ବନୀକରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବଳରାମ ଯାଇ ସମସ୍ତ ଚାରାକୁ ଓପାଡ଼ି ଦେଇଥିଲେ। ଏଥିରେ ସ୍ଥାନୀୟ କିଛି ଆଦିବାସୀ ବଳରାମଙ୍କ ଘରକୁ ପଚାରିବା ପାଇଁ ଯାଇଥିଲେ। ଏଥିରେ ବଳରାମ ରାଗି ଯାଇ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରି ଗୁରୁବାରୁ ଭତ୍ରାଙ୍କ ପେଟରେ ଛୁରୀ ଭୁଷି ଦେଇଥିଲେ। ବଳରାମଙ୍କ ସହଯୋଗୀ ଗଣପତି ହରିଜନ ଅନ୍ୟଜଣେ ଗ୍ରାମବାସୀ ଫଗୁଣୁ ଭତ୍ରାର ବେକ କାଟି ଦେବାରୁ ଘଟଣା ସ୍ଥଳରେ ଫଗୁଣୁର ଘଟଣା ହିଁ ମୃତ୍ୟୁ ହେଇଥିଲା। ଏହି ଖବର ପରେ ଶହଶହ ଗ୍ରାମବାସୀ ଏକତ୍ରୀତ ହୋଇ ବଳରାମର ଘରରେ ନିଆଁ ଲଗାଇ ଦେଇଥିଲେ। ସେ ଛାତ ଡେଇଁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଲୋକମାନେ ତାଙ୍କୁ ବାଡ଼େଇ ମାରି ଦେଇଥିଲେ। ଏହି ଘଟଣାରେ ତା୨୭/୬/୨୦୧୬ ତାରିଖ ଦିନ ଉମରକୋଟ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହେଇଥିଲା। ଉମରକୋଟ ଅତିରିକ୍ତ ଜିଲ୍ଲା କୋର୍ଟରେ ଏହି ୨ ଟି ମାମଲାରେ ମୋଟ ୧୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏଥିରେ ଉମରକୋଟର ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଦେବୀ ସିଂ ମାଝୀ, ଦୟା ଭତ୍ରା, ଦେବନାଥ କୁମ୍ଭାର ଓ ଅନ୍ୟମାନେ ଅଛନ୍ତି। ଏହି ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଗଣପତି ହରିଜନ ଜେଲରେ ଥିବାବେଳେ ୧୮ଜଣ ଜାମିନରେ ଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅଶୋକ କୁମାର ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

## ମାତ୍ର ୫୨ ଟଙ୍କାର ତମାଖୁ ଚୋରି ପାଇଁ ୨୦ ବର୍ଷର ଲଢ଼େଇ
## ନ୍ୟାୟ ପାଇଲା ବେଳକୁ ନାହାନ୍ତି ଅଭିଯୋଗକାରୀ ଓ ଅଭିଯୁକ୍ତ

**ସମ୍ବଲପୁର(ଏନ୍.ଏମ୍.) :** ୫୨ ଟଙ୍କାର ତମାଖୁ ଚୋରି ଅଭିଯୋଗ ପାଇଁ ୨୦ ବର୍ଷର ଆଇନଗତ ଲଢ଼େଇ। ଶେଷରେ କୋର୍ଟରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ତିନି ଅଭିଯୁକ୍ତ। ବିଳମ୍ବିତ ନ୍ୟାୟ ବ୍ୟବସ୍ଥାର ଏଭଳି ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ। ହେଲେ ନ୍ୟାୟ ପାଇବା ବେଳକୁ ଆଖି ବୁଜି ସାରିଛନ୍ତି ଦୁଇ ଅଭିଯୁକ୍ତ। ଅଭିଯୋଗକାରୀଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି। ଘଟଣା ୨୦୦୬ ମସିହା ସେପ୍ଟେମ୍ବର ୨୯ରେ। ସମ୍ବଲପୁର ଜିଲ୍ଲା ବାମରା (ପଣ୍ଡରିପଥର) ଷ୍ଟେସନ ବସ୍ତିରେ ପ୍ରଫୁଲ୍ଲ ସାହୁଙ୍କ ମାଲିକାନାରେ ଥିବା ଏକ ପାନ ଦୋକାନରୁ ୫୨ ଟଙ୍କାର ଗୁଟ୍ଖା ପ୍ୟାକେଟ ଏବଂ ସିଗାରେଟ୍ ଚୋରି ହୋଇଥିଲା। ଏ ନେଇ ଗୋବିନ୍ଦପୁର ଥାନାରେ ତା' ପରଦିନ ଅଭିଯୋଗ କରିଥିଲେ ପ୍ରଫୁଲ୍ଲ। ପୁଲିସ୍ ନୁନିଆମୁଣ୍ଡା ଗ୍ରାମର ଚାରି ଜଣଙ୍କୁ ଏବଂ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ କେରୁପାଣି ଗ୍ରାମର ଅନ୍ୟ ଜଣଙ୍କୁ ଗିରଫ କରିଥିଲା। ପ୍ରାୟ ମାସେ ଜେଲରେ ରହିବା ପରେ ସମସ୍ତେ ଜାମିନରେ ମୁକୁଳିଥିଲେ। ସେହିବର୍ଷ ନଭେମ୍ବର ୧୧ରେ ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିଲା ଓ ବିଚାର ପ୍ରକ୍ରିୟା ଜାରି ରହିଥିଲା। ହେଲେ ବର୍ଷ ବର୍ଷ ଧରି ଜାରି ରହିଥିବା ମାମଲା କ୍ରମେ ଶିଥିଳ ପଡ଼ିଗଲା। କୋର୍ଟ ନୋଟିସ୍ ମଧ୍ୟ କମିଗଲା। ଦୀର୍ଘ ଆଇନଗତ ପ୍ରକ୍ରିୟା ମଧ୍ୟରେ ଦୁଇ ଅଭିଯୁକ୍ତ ଏବଂ ଅଭିଯୋଗକାରୀ ପ୍ରଫୁଲ୍ଲ ସାହୁଙ୍କ ମୃତ୍ୟୁ ହୋଇଯାଇଥିଲା। ଜୀବିତ ଥିବା ଅନ୍ୟ ୩ ଜଣ ଅଭିଯୁକ୍ତ କୋର୍ଟରେ ହାଜର ହେବା ମଧ୍ୟ ବନ୍ଦ କରି ଦେଇଥିଲେ। କିଛିଦିନ ତଳେ ଜୀବିତ ୩ ଅଭିଯୁକ୍ତ ନୁନିଆମୁଣ୍ଡାର ଗଣେଶ ଜୟପୁରିଆ (୫୦), ଉମେଶ ବାଙ୍କରା (୪୮)ଏବଂ ଚୋରି ସାମଗ୍ରୀ କିଣିଥିବା ଅଭିଯୁକ୍ତ କେରୁପାଣି ଗ୍ରାମର ହେମନ୍ତ ସାହୁ (୬୩)ଙ୍କ ବିରୋଧରେ କୁଚିଣ୍ଡା ଏସ୍ଡିଜେଏମ୍ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ଏହା ସତ୍ତ୍ୱେ ୩ ଅଭିଯୁକ୍ତ ହାଜର ହେଉ ନଥିବାରୁ ଗତ ୧୬ ତାରିଖରେ ସେମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମାମଲାର ଶୁଣାଣି କରି କୋର୍ଟ ତିନି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ମାମଲାର ଅନ୍ତ ଘଟାଇଛନ୍ତି। ନିର୍ଦ୍ଦୋଷରେ ଖଲାସ ହୋଇଥିବା ହେମନ୍ତ କହିଛନ୍ତି, ୨୦ ବର୍ଷର ଆଇନଗତ ଲଢ଼େଇ ପରେ କୋର୍ଟ ଶେଷରେ ଆମକୁ ନିର୍ଦ୍ଦୋଷରେ ମୁକ୍ତ କରିଛନ୍ତି। ଓକିଲ ଏମ୍.କେ. ମିଶ୍ର କହିଛନ୍ତି, ସେମାନେ ୨୦୦୬ ରୁ ୨୦୨୬ ପର୍ଯ୍ୟନ୍ତ ଆଇନଗତ ଲଢ଼େଇ ଲଢ଼ୁଥିଲେ। ଅନେକ ଥର ପ୍ରତ୍ୟକ୍ଷଦର୍ଶୀ କୋର୍ଟରେ ହାଜର ନହେବାରୁ ମାମଲା ବିଳମ୍ବିତ ହୋଇଥିଲା। କୁଚିଣ୍ଡାର ଏସଡିଜେଏମ୍ କୋର୍ଟ ସମ୍ପୃକ୍ତ ତିନି ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।




# ସରକାରୀ ଦଳ ନେତାଙ୍କ କାଣ୍ଡ : ଗଣତନ୍ତ୍ରକୁ ଆକ୍ରମଣ

ରାଜ୍ୟରେ ଏବେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ଦେବାରେ ଲାଗିଛି । ଓଡ଼ିଶାରେ ଦୀର୍ଘ ୨୫ ବର୍ଷ ଧରି ଶାସନ ଗାଦିରେ ବସିଥିବା ସରକାରକୁ ଲୋକେ ହଟାଇ ଡବଲ ଇଞ୍ଜିନ ସରକାର କ୍ଷମତାରେ ବସାଇଲେ । ମାତ୍ର ଏବେ ବିଭିନ୍ନ ଘଟଣାକୁ ନେଇ ଜନତା ପସ୍ତାଉଥିବା ଘଟଣା ଏବେ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି । ଏକଥା କୁହାଯାଇ ପାରେ ଯେ, ଏହା ନିଶ୍ଚିତ ଯେ, ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଥିବାବେଳେ ଅନେକ ଜନହିତକର କାମ ହାତକୁ ନେଇଛି । ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କଥା ଦୂରେ ଥାଉ ସାଧାରଣ ମନ୍ତ୍ରୀମାନଙ୍କୁ ଭେଟିବା କଷ୍ଟକର ବ୍ୟାପାର ହୋଇଥିଲା । ଏପରିକି ପୂର୍ବ ସରକାର ବ୍ୟୁରୋକ୍ରାସମାନଙ୍କ ହାତରେ ଶାସନ ଭାର ଟେକି ଦେବା ସହ ସମସ୍ତ ଦାୟିତ୍ୱ ସେହିମାନଙ୍କୁ ନେଇ ଆରାମରେ ରହିଯାଉଥିଲେ । ଯାହା ଫଳରେ ବିଭିନ୍ନ ଜନହିତକର ପ୍ରକଳ୍ପର ସଫଳ ରୂପାୟନ ହୋଇପାରୁଥିଲା ସତ କିନ୍ତୁ ଗରିବ ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇ ପାରୁନଥିଲା । ଯାହା ଫଳରେ ଗତ ନିର୍ବାଚନରେ ଲୋକେ ତତ୍‌କାଳୀନ ସରକାରଙ୍କ ଉପରେ ଅସନ୍ତୋଷ ଜାହିର କରିବା ସହ ବହୁ ନେତାଙ୍କୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ । ମାତ୍ର ସେହି ସରକାରଙ୍କ କିଛି ନେତାଙ୍କୁ ଲୋକେ ଏବେ ବି ପସନ୍ଦ କରୁଛନ୍ତି । ତେଣୁ ନିର୍ବାଚନରେ କିଛି ପୂର୍ବତନ ବିଧାୟକ ପୁନଃ ନିର୍ବାଚିତ ହେବାରେ ସଫଳ ହୋଇଛନ୍ତି । ସେହିଭଳି ଦେଖିବାକୁ ଗଲେ ବିଜେପି ଗତ ନିର୍ବାଚନରେ ୧୪୭ଟି ଆସନରେ ବିଧାୟକ ପ୍ରାର୍ଥୀ ଦେଇଥିଲେ ମଧ୍ୟ କିଛି ପ୍ରାର୍ଥୀଙ୍କୁ ଲୋକେ ପୂର୍ବରୁ ହିଁ ପ୍ରତ୍ୟାଖାନ କରିଥିବାରୁ ସେହି ନିର୍ବାଚନରେ ସେମାନେ ବିଜୟ ଲାଭ କରି ପାରିଲେ ନାହିଁ ।

ଏପରିକି ୨୦୧୯ ନିର୍ବାଚନରେ ବିଜେଡି ୧୧୨ଟି ଆସନ ଅକ୍ତିଆର କରିଥିବାବେଳେ ବିଜେପି ୨୩ଟି ଏବଂ କଂଗ୍ରେସ ୯ଟି ସିଟରେ ବିଜୟ ଲାଭ କରିଥିଲା । ସେହିଭଳି ୨୦୨୪ ନିର୍ବାଚନରେ ବିଜେପି ୭୮ଟି ଆସନ ପାଇ ସରକାର ଗଠନ କରିଥିବାବେଳେ ବିଜେଡି ୫୧ଟି ଓ କଂଗ୍ରେସ ୧୪ଟି ଆସନ ପାଇଥିଲା । ତେଣୁ ଏମିତିକିଛି ନିର୍ବାଚନ ମଣ୍ଡଳିରେ ବିଜେପିର ପ୍ରାର୍ଥୀଙ୍କୁ ଲୋକେ ନିର୍ବାଚିତ କରିନଥିଲେ । ହେଲେ ହାରିଥିବା ପ୍ରାର୍ଥୀମାନେ ଏବେ ସରକାରୀ ଦଳର ଦ୍ୱାହୀ ଦେଇ ଅଞ୍ଚଳରେ ଗୁଣ୍ଡାରାଜ ଆରମ୍ଭ କରିଥିବା ଭଳି ସଂଗୀନ ଅଭିଯୋଗ ଉଠିଛି । ଯାହାକୁ ନେଇ ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ତ୍ତମାନର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପତ୍ର ଲେଖି ଏ ବିଷୟରେ ଅବଗତ କରିଛନ୍ତି । ରାଜ୍ୟରେ ଏବେ ବିଭିନ୍ନ ବିଧାୟକଙ୍କୁ ମଧ୍ୟ ବିଜେପିର ହାରିଥିବା ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଆକ୍ରମଣ କରିବାକୁ ପଛାଉନଥିବା ବିଭିନ୍ନ ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ପ୍ରକାଶ ପାଉଛି । ଏପରିକି ନିଜର ଅପାରଗତାକୁ ଲୁଚାଇବା ପାଇଁ ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ଗଣମାଧ୍ୟମକୁ ଆପତ୍ତିଜନକ ଭାଷାରେ ମଧ୍ୟ ଗାଳି ଦେଉଥିବାର ଦେଖିବାକୁ ମିଳିଛି । ଯାହା ଏହା ରାଜନୈତିକ ହିଂସା ନୁହେଁ ବରଂ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି କୁହାଯାଉଛି । ନିର୍ବାଚିତ ବିଧାୟକଙ୍କୁ ଯେଉଁଠି ଆକ୍ରମଣ କରାଯାଉଛି, ସରକାରୀ ଦପ୍ତରରେ ପଶି ଅଧିକାରୀମାନଙ୍କୁ ଯେଉଁଭଳି ଧମକ ଚମକ ଦିଆଯାଉଛି ତାହା ସରକାରୀ ଦଳ ନେତାଙ୍କ ଗୁଣ୍ଡାଗିରି ବୋଲି ସାଧାରଣ ଭୋଟର ମଧ୍ୟ ଅଭିଯୋଗ କରୁଛନ୍ତି । ଯଦି ପ୍ରଶାସନ କାମ କରିପାରୁନାହିଁ ; ସରକାରୀସ୍ତରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ବହୁ ବାଟ ରହିଥିଲେ ମଧ୍ୟ ଏହି ନେତାମାନଙ୍କ ଏଭଳି କାଣ୍ଡ ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଏବଂ ସେମାନଙ୍କୁ ଦଳ ପକ୍ଷରୁ ଉଚିତ ଦଣ୍ଡବିଧାନ କରିବାକୁ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି ।

* * *

## କବିତା ଗୁଚ୍ଛ

### କି ଲାଭ ସେ ପାଏ

ମାତା ପିତା ପତି ଉପାସେ ଥାଆନ୍ତି
ପଥର ଦେଉଳେ ଯାଏ
ଇଶ୍ୱରଙ୍କ ପାଖେ ମୁଣ୍ଡ ପିଟି ପିଟି
କେଉଁ ଲାଭ ସିଏ ପାଏ ।
ଚଳନ୍ତି ଦେବତା ଯିଏ
ତାଙ୍କୁ ଅବହେଳା କରି ଚାଲିଗଲେ
ଦିଅଁ କି ଦେଉଳେ ରୁହେ ?

ସୁରୁଜ ଆମର ସକାଳୁ ଉଦୟ
ସଂଜେ ଅସ୍ତାଚଳେ ଯାଏ
ପ୍ରାଣଶକ୍ତି ବିଶ୍ୱେ ବିଞ୍ଚିଦେଇ ଯାଏ
ସଭିଙ୍କୁ ଜୀବନ ଦିଏ ।
କି ଲାଭ ବା ସିଏ ପାଏ
ସୁରୁଜ ନଥିଲେ ଅନ୍ଧାର ଘୋଟନ୍ତା
ଏ କଥା ବୁଝେ କି କିଏ ।

କୃଷକ ଆମର କୃଷି କରି ଚାଲେ
ଖରା ବରଷା କୁ ସହେ
ମାଟିରେ ସେ ମାଟି ହୋଇ ଖଟି ଥାଏ
କି ଲାଭ ସେଥିରୁ ପାଏ ।
ଝାଳ ଦେହୁ ବହୁଥାଏ
ଝାଳ ନୁହେଁ ସେତ ରକତର ଧାର
ଝରଝର ଝରି ଯାଏ ।

ଏ ମର ସଂସାରେ ସମସ୍ତେ ମରିବେ
ଜାଣନ୍ତି ଏହା ସଭିଏଁ
ତଥାପି କି ମାୟା ସଂସାରେ ବ୍ୟାପିଛି
ନବୁଝନ୍ତି ଏହା କିଏ ।
ଲାଞ୍ଚ, ମିଛ, ଚୋରି ହୁଏ
ଇଶ୍ୱରଙ୍କ ସତ୍ତା କେହି ନବୁଝନ୍ତି
ଦୋଷି ସିନା ଦଣ୍ଡ ପାଏ ।

ମାଟି, ବାଲି, ଗୋଡି, ସିମେଣ୍ଟ ଗୋଳାଏ
କଣ୍ଟ୍ରାକ୍ଟର ପାଶେ ରୁହେ
ଦିନ ମଜୁରୀକୁ ପକେଟ ପୁରାଇ
ସଭିଙ୍କୁ ଆନନ୍ଦ ଦିଏ ।
ମାଟି କୁଡ଼ିଆ ରେ ରୁହେ
ମହଲା, ମହଲା ଘର ତୋଳି ଦେଇ
କି ଲାଭ ସେଥିରୁ ପାଏ ।

ବଗିଚା ରେ ଫୁଲ ଖିଲି ଖିଲି ହସେ
ବଗିଚାଶୋଭା ବଢ଼ାଏ
ମାଳିଟିଏ ତାର କେତେ ଯତ୍ନ ନିଏ
ସେ କଥା କେ ବୁଝୁଥାଏ ।
ଫୁଲଟିକୁ ତୋଳି ନିଏ
କେତେ ଯତନରେ ଗଭାରେ ଖୋସାଇ
ମାଳିକୁ ଭାବଇ କିଏ ।



**– ବିଷ୍ଣୁପ୍ରିୟା ପଣ୍ଡା**
**ସେକ୍ଟର ୧୩, ସି ଡି ଏ**
**କଟକ**

# ବିଭକ୍ତ ବିଶ୍ୱକୁ ଏକତା ଓ ଶାନ୍ତିର ସନ୍ଦେଶ ଦେଉଥିବା ମୁସଲମାନ ସମାଜ

ଯେତେବେଳେ ସମାଜ ସନ୍ଦେହ, ଭୁଲ ସୂଚନା ଏବଂ ଶତ୍ରୁତା ଦ୍ୱାରା କ୍ରମଶଃ ଭାଙ୍ଗି ପଡ଼େ, ସେତେବେଳେ ଶାନ୍ତି ବଜାୟ ରଖିବା ପାଇଁ ସମ୍ପ୍ରଦାୟଗୁଡ଼ିକର ଦାୟିତ୍ୱ ଆହୁରି ଜରୁରୀ ହୋଇ ପଡ଼େ । ମୁସଲମାନ ମାନଙ୍କ ପାଇଁ ଏହା କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଗଭୀର ଆଧାତ୍ମିକ ଚିନ୍ତାଧାରା । ଇସଲାମ ସହିତ ଜଡ଼ିତ ମୂଳ ଶବ୍ଦ ‘ସଲାମ (ଶାନ୍ତି)’ ଏହାର ଅନୁଗାମୀମାନଙ୍କୁ ବ୍ୟକ୍ତିଗତ ଏବଂ ସାର୍ବଜନୀନ ଜୀବନରେ ଦୟା, ଧୈର୍ଯ୍ୟ ଏବଂ ସମନ୍ୱୟକୁ ଅବତାରଣା କରିବାକୁ ଆହ୍ୱାନ କରେ । ତଥାପି ଆଧୁନିକ ଆଲୋଚନାର କୋଳାହଳରେ ଏହି ଅତ୍ୟାବଶ୍ୟକୀୟ ବାର୍ତ୍ତା ପ୍ରାୟତଃ କ୍ରୋଧ, ପ୍ରତିକ୍ରିୟା ଏବଂ ଉତ୍ତେଜନା ଦ୍ୱାରା ଆଚ୍ଛାଦିତ ହୋଇଯାଏ । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଇସଲାମର ମୂଳ ଶିକ୍ଷା, କୁରାନ ଏବଂ ସୁହକୁ ଫେରିବା ଅତ୍ୟନ୍ତ ଜରୁରୀ ହୋଇପଡ଼େ; ଯାହା ନିରନ୍ତର ଭାବରେ ବିବାଦ ଉପରେ ଶାନ୍ତି, ମତଭେଦ ଉପରେ ମର୍ଯ୍ୟାଦା ଏବଂ ଗୁଜବ ଉପରେ ସତ୍ୟକୁ ଗୁରୁତ୍ୱ ଦିଏ । କୁରାନ ସ୍ପଷ୍ଟ ଭାବରେ ଶାନ୍ତିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାଏ । ଆଲ୍ଲା କୁହନ୍ତି, ‘ଏବଂ ପରମ ଦୟାଳୁଙ୍କ ଦାସମାନେ ହେଉଛନ୍ତି ସେମାନେ ଯେଉଁମାନେ ପୃଥିବୀରେ ନମ୍ର ଭାବରେ ଚାଲିଥାନ୍ତି, ଏବଂ ଯେତେବେଳେ ଅଜ୍ଞମାନେ ସେମାନଙ୍କୁ କଠୋର ଭାବରେ ସମ୍ବୋଧନ କରନ୍ତି, ସେମାନେ ଶାନ୍ତିର କଥା କୁହନ୍ତି’ (ସୁରା ଅଲ-ଫୁରକାନ ୨୫:୬୩) । ଏହି ପଦ କେବଳ ଏକ ଆଧାତ୍ମିକ ଆଦର୍ଶ ନୁହେଁ; ଏକ ସାମାଜିକ ନିର୍ଦ୍ଦେଶ ମଧ୍ୟ । ଏହା ମୁସଲମାନମାନଙ୍କୁ ଅସନ୍ତୋଷର ଜବାବ ପ୍ରତିଶୋଧ ଦ୍ୱାରା ନୁହେଁ, ବରଂ ଶାନ୍ତ ଏବଂ ମର୍ଯ୍ୟାଦା ସହିତ ଦେବାକୁ ନିର୍ଦ୍ଦେଶ ଦିଏ । କ୍ଷଣିକ ପ୍ରତିକ୍ରିୟା ଦ୍ୱାରା ପରିଚାଳିତ ଏକ ବିଶ୍ୱରେ, ବିଶେଷକରି ସାମାଜିକ ଗଣମାଧ୍ୟମରେ ଏହି ଶିକ୍ଷା କ୍ରାନ୍ତିକାରୀ ଅଟେ । ଏହା ଉତ୍ତେଜନା ଥିବା ସ୍ଥାନରେ ସଂଯମତା ଏବଂ ବିଶୃଙ୍ଖଳା ଥିବା ଜାଗାରେ ବିଜ୍ଞତାର ବ୍ୟବହାରକୁ ଉତ୍ସାହିତ କରେ । ଗୁଜବ ଏବଂ ଅପ୍ରମାଣିତ ସୂଚନାର ପ୍ରସାର ଆଉ ଏକ ବଢୁଥିବା ଚିନ୍ତାର ବିଷୟ । କୁରାନ୍ ଚେତାବନୀ ଦେଇଛି : ‘ହେ ବିଶ୍ୱାସୀଗଣ ! ଯଦି କୌଣସି ଦୁଷ୍ଟ ବ୍ୟକ୍ତି ତୁମ ପାଖକୁ ଖବର ଆଣି ଆସେ, ତେବେ ତାହା ଯାଞ୍ଚ କର, ନଚେତ୍ ତୁମେ ଅଜ୍ଞତାରେ ଲୋକମାନଙ୍କୁ କ୍ଷତି ପହଞ୍ଚାଇବ ଏବଂ ପରେ ତୁମେ ଯାହା କରିଛ ସେଥିପାଇଁ ଅନୁତାପ କରିବ’ (ସୁରା ଅଲ-ହୁଜୁରାତ ୪୯:୬) । ଏହି ପଦଟି ଯାଞ୍ଚ ବିନା ବାର୍ତ୍ତା ଫରଓ୍ୱାର୍ଡ କରିବାର ଆଧୁନିକ ସଂସ୍କୃତିକୁ ସିଧାସଳଖ ସମ୍ବୋଧ କରେ । ଗୋଟିଏ ଗୁଜବ ପ୍ରତିଷ୍ଠା ନଷ୍ଟ କରିପାରେ, ହିଂସାକୁ ବଢ଼ାଇ ଦେଇପାରେ ଏବଂ ବିଭାଜନକୁ ଗଭୀର କରିପାରେ । ଇସଲାମ ଏପରି ଅବହେଳାକୁ ଅନୁମତି ଦିଏ ନାହିଁ; ଏହା ପ୍ରତିକ୍ରିୟା ଦେବା ପୂର୍ବରୁ ସତ୍ୟ ଖୋଜିବା ପାଇଁ ପ୍ରତ୍ୟେକ ବିଶ୍ୱାସୀଙ୍କ ଉପରେ ଏକ ନୈତିକ କର୍ତ୍ତବ୍ୟ ରଖୁଛି । ପୟଗମ୍ବର ମହମ୍ମଦଙ୍କ ସୁହ ଏହି ନୀତିକୁ ଆହୁରି ଦୃଢ଼ କରେ । ସେ କହିଛନ୍ତି: ‘ମୁସଲମାନ ସେହି ବ୍ୟକ୍ତି ଯାହାର ଜିହ୍ୱା ଏବଂ ହାତରୁ ଲୋକମାନେ ସୁରକ୍ଷିତ’(ସହି ଅଲ-ବୁଖାରୀ ୧୦) । ଏହି ହଦିସ କେବଳ ରୀତିନୀତି ଦ୍ୱାରା ନୁହେଁ, ବରଂ ଅନ୍ୟମାନଙ୍କ ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ଜଣେ ମୁସଲମାନକୁ ପରିଭାଷିତ କରେଓ ଯଦି ଜଣଙ୍କ କଥା ଘୃଣା ପ୍ରସାର କରେ କିମ୍ବା ସେମାନଙ୍କର କାର୍ଯ୍ୟରେ ଅଶାନ୍ତି ସୃଷ୍ଟି କରେ, ତେବେ ଏହା ଜଣେ ବିଶ୍ୱାସୀର ପରିଚୟକୁ ବିରୋଧ କରେ । ପୟଗମ୍ବର, ମକ୍କାରେ କଠୋର ନିର୍ଯାତନାର ସମ୍ମୁଖୀନ ହେବା ସତ୍ତ୍ୱେ, ଧୈର୍ଯ୍ୟ ଏବଂ କ୍ଷମା ସହିତ ପ୍ରତିକ୍ରିୟା ଦେଇଥିଲେ । ତାଙ୍କ ଜୀବନ ଏକ ପ୍ରମାଣ ଭାବରେ ଠିଆ ହୋଇଛି ଯେ ଶକ୍ତି ଆକ୍ରମଣରେ ନୁହେଁ, ବରଂ ଆତ୍ମ-ସଂଯମ ଏବଂ କରୁଣାରେ ଅଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାରେ କୁହାଯାଇଛି ଯେ ‘ନିଜ ବୁଦ୍ଧି ବିନା ଚାଲନ୍ତୁ ନାହିଁ, ଯେ ଅନ୍ୟମାନେ ଆମ ସହିତ ଭଲ ବ୍ୟବହାର କରନ୍ତି, ଆମେ ସେମାନଙ୍କ ସହିତ ଭଲ ବ୍ୟବହାର କରିବୁ, ଏବଂ ଯଦି ସେମାନେ ଭୁଲ କରନ୍ତି, ତେବେ ଆମେ ଭୁଲ କରିବୁ । ବରଂ ଲୋକମାନେ ଭଲ କଲେ ଭଲ କରିବାକୁ ଏବଂ ଯଦି ସେମାନେ ମନ୍ଦ କରନ୍ତି, ତେବେ ଭୁଲ ନକରିବାକୁ ନିଜକୁ ଅଭ୍ୟସ୍ତ କର’ (ତିର୍ମିଥି ୨୦୦୭) । ଏହା ନୈତିକ ସ୍ୱାଧୀନତା ପାଇଁ ଏକ ଆହ୍ୱାନ । ମୁସଲମାନମାନେ ସେମାନଙ୍କ ଚାରିପାଖରେ ନକାରାତ୍ମକତାକୁ ପ୍ରତିଫଳିତ କରିବା ପାଇଁ ନୁହେଁ ବରଂ ଏହାଠାରୁ ଉପରକୁ ଉଠିବା ପାଇଁ ଚେଷ୍ଟା କରନ୍ତି । ସାମ୍ପ୍ରଦାୟିକ ଉତ୍ତେଜନା କିମ୍ବା ରାଜନୈତିକ ଉତ୍ତେଜନା ସମୟରେ ଏହି ନୀତି ବିଶେଷ ଭାବରେ ପ୍ରାସଙ୍ଗିକ ହୋଇଯାଏ । ଆବେଗପୂର୍ଣ୍ଣ ଭାବରେ ପ୍ରତିକ୍ରିୟା କରିବା କେବଳ ସଂଘର୍ଷର ଚକ୍ରକୁ ଇନ୍ଧନ ପ୍ରଦାନ କରେ, ଯେତେବେଳେ କି ଧୈର୍ଯ୍ୟ ସେମାନଙ୍କୁ ଭାଙ୍ଗିପାରେ । ଏହା ବ୍ୟତୀତ, ଇସଲାମ ଏକତା ଏବଂ ମିଳନକୁ ଖୁବ୍ ବେଶୀ ମୂଲ୍ୟ ଦିଏ । କୁରାନରେ କୁହାଯାଇଛି : ‘ବିଶ୍ୱାସୀମାନେ କେବଳ ଭାଇ, ତେଣୁ ନିଜ ନିଜ ଭାଇମାନଙ୍କ ମଧ୍ୟରେ ସମାଧାନ କର ଏବଂ ଆଲ୍ଲାଙ୍କୁ ଭୟ କର ଯେପରି ତୁମ୍ଭେମାନେ ଦୟା ପାଇବ’ (ସୁରା ଅଲ-ହୁଜୁରତ ୪୯:୧୦) । ଏହି ପଦ ଆଭ୍ୟନ୍ତରୀଣ ଏକତାଠାରୁ ଅଧିକ ବିସ୍ତାରିତ, ଏହା ମୁସଲମାନଙ୍କୁ ସମାଜରେ ସେତୁ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ, ପ୍ରତିବନ୍ଧକ ଭାବରେ ନୁହେଁ । ପଡ଼ୋଶୀ, କର୍ମକ୍ଷେତ୍ର କିମ୍ବା ସାର୍ବଜନୀନ ସ୍ଥାନରେ ହେଉ, ମୁସଲମାନମାନଙ୍କୁ ବୁଝାମଣା ବୃଦ୍ଧି କରିବା ଏବଂ ମତଭେଦ ହ୍ରାସ କରିବା ପାଇଁ ଆହ୍ୱାନ କରାଯାଇଛି । ଭୟ ଏବଂ ବିଭାଜନ ଦ୍ୱାରା କାହାଣୀଗୁଡ଼ିକ ରୂପ ନେଉଥିବା ସମୟରେ ମୁସଲମାନଙ୍କୁ ଶାନ୍ତିର ଦୂତ ଭାବରେ ସେମାନଙ୍କର ଭୂମିକାକୁ ସଚେତନ ଭାବରେ ପୁନର୍ବାର ଗ୍ରହଣ କରିବାକୁ ପଡିବ । ଏହା ଅନ୍ୟାୟ ସମ୍ମୁଖରେ ନିଷ୍କ୍ରିୟତା କିମ୍ବା ନୀରବତା ବିଷୟରେ ନୁହେଁ, ବରଂ ଭାବପ୍ରବଣ ପ୍ରତିକ୍ରିୟା ଅପେକ୍ଷା ନୀତିଗତ ପ୍ରତିକ୍ରିୟା ବାଛିବା ବିଷୟରେ । ଏହାର ଅର୍ଥ ହେଉଛି କ୍ରୋଧକୁ କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ଦିଅ ନାହିଁ, ବରଂ ଆସ୍ଥାକୁ ଆଚରଣକୁ ମାର୍ଗଦର୍ଶନ କରିବାକୁ ଦିଅ । ଗୁଜବକୁ ଏଡାଇବା, ଘୃଣାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଉତ୍ତେଜନାକୁ ପ୍ରତିରୋଧ କରିବା ଦୁର୍ବଳତାର ଲକ୍ଷଣ ନୁହେଁ; ଏଗୁଡ଼ିକୁ ଇସଲାମିକ ଶିକ୍ଷାରେ ଗଭୀର ଗୁରୁତ୍ୱ ଦିଆଯାଇଛି । ଦୟା ସହିତ କୁହାଯାଇଥିବା ପ୍ରତ୍ୟେକ ଶବ୍ଦ, ପ୍ରସାରିତ ହେବା ପୂର୍ବରୁ ବନ୍ଦ ହୋଇଥିବା ପ୍ରତ୍ୟେକ ଗୁଜବ ଏବଂ କ୍ରୋଧର ସାମ୍ନାରେ ଧୈର୍ଯ୍ୟର ପ୍ରତ୍ୟେକ ମୁହୂର୍ତ୍ତ ଏକ ଅଧିକ ସୁସଙ୍ଗତ ସମାଜ ଗଠନରେ ସହାୟ ହୁଏ । ବିଶ୍ୱକୁ ଆଉ ଦ୍ୱନ୍ଦର ସ୍ୱର ଆବଶ୍ୟକ ନାହିଁ । ଏହାକୁ ସୁସ୍ଥ କରୁଥିବା ହୃଦୟ, ଏକତ୍ରିତ କରୁଥିବା ଶବ୍ଦ ଏବଂ ପ୍ରେରଣା ଦେଉଥିବା କାର୍ଯ୍ୟ ଆବଶ୍ୟକ । ଅଧିକନ୍ତୁ, ମୁସଲମାନଙ୍କ ପାଇଁ, ଏହା ହିଁ ପଥ; ସେମାନଙ୍କର ବିଶ୍ୱାସ ସେମାନଙ୍କୁ ସର୍ବଦା ଏହା ଦେଖାଇଛି । ଆଜିର ହିଂସା ଓ ଦ୍ୱେଷଗ୍ରସ୍ତ ବିଶ୍ୱ ପରିବେଶରେ ଧୈର୍ଯ୍ୟ ଓ ଶାନ୍ତିର ପଥକୁ ଅନୁସରଣ କରିବା ସମସ୍ତ ସମାଜ ପାଇଁ ଏକାନ୍ତ ଆବଶ୍ୟକ ।

**– ଇନସା ୱାରସୀ**
**ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍**
**ଜାମିଆ ମିଲିଆ ଇସଲାମିଆ**

# ଆରଟିଆଇର କରୁଣ ମୃତ୍ୟୁ : ଗଣତାନ୍ତ୍ରିକ ସ୍ୱଚ୍ଛତା-ସ୍ୱପ୍ନର କଫିନରେ ଶେଷ ପିରକ

ସ୍ୱାଧୀନ ଭାରତ ଇତିହାସରେ ଏକ ସମ୍ଭାବନାର ସୂର୍ଯ୍ୟୋଦୟ ହୁଏ ୨୦୦୫ ମସିହା ଅକ୍ଟୋବର ୧୨ତାରିଖରେ । ସାଧାରଣ ନାଗରିକ ପାଇଁ କାର୍ଯ୍ୟକାରୀ କରାହୁଏ ସ୍ୱଚ୍ଛତା ପରଖିବାର ଅମୋଘ ଅସ୍ତ୍ର ‘ସୂଚନା ଅଧିକାର ଆଇନ ’ (Right to Information Act-2005) । ସେତେବେଳେ ମନେ ହୋଇଥିଲା ଭାରତୀୟ ସମ୍ବିଧାନର ଏକ ନୂଆ ଅଧ୍ୟାୟ ଉନ୍ମୋଚିତ ହେଲା; ଏଥର ସରକାରୀ କର୍ମଚାରୀ ବାଧ୍ୟ ହେବେ ସେମାନଙ୍କ କଳା କାରନାମାର ଉତ୍ତର ଦେବାକୁ -ସାଧାରଣ ଜନତାଙ୍କ କ୍ଷମତା ପ୍ରତିଷ୍ଠିତ ହେବ । ସାଧାରଣ ଖଟିଖିଆ ମଣିଷଟିଏ ବି ସରକାରୀ ଦପ୍ତରର ବନ୍ଦ କବାଟ ଖଟ ଖଟ କରିପାରିବେ, ତଥ୍ୟ ଜାଣିପାରିବେ ଦୁର୍ନୀତିର ମୁଖା ଖୋଲିପାରିବେ -ଏହା ଥିଲା ସ୍ୱପ୍ନ । ଏହା ଭିତରେ ବିତିଗଲାଣି ଦୀର୍ଘ ୨୦ ବର୍ଷ; କିନ୍ତୁ ସେହି ଅବାଞ୍ଛିତ ସ୍ୱପ୍ନ ଆଜି ବାସ୍ତବତାର ପଥୁରିଆ ବାଟରେ ଝୁଣ୍ଟି ଝୁଣ୍ଟି ଲହୁଲୁହାଣ ହୋଇସାରିଲାଣି । ଆଇନର ଅବସ୍ଥା ଆଜି କ’ଣ ? ଗୋଟିଏ ମୁମୂର୍ଷ ଅନୁଷ୍ଠାନ, ବ୍ୟର୍ଥତାର ଏକ କରୁଣ କାହାଣୀ । ସରକାରୀ ଉଦାସୀନତା, ଅମଲାତାନ୍ତ୍ରିକ ଷଡ଼ଯନ୍ତ୍ର, ପ୍ରଶାସନିକ ବାଧା ଏବଂ ରାଜନୈତିକ ହସ୍ତକ୍ଷେପର ଶିକାର ହୋଇ ଭାରତୀୟ ଗଣତନ୍ତ୍ରର ଏହି ସଜାଗ ପ୍ରହରୀ ଆଜି ଆକ୍ଟିଭିଷ୍ଟମାନଙ୍କ ଲାସ୍‌ର ସ୍ତୁପ ପାଲଟିଛି । ଅଧିକାଂଶ କ୍ଷେତ୍ରରେ ଆରଟିଆଇ ବ୍ୟର୍ଥ ହୋଇଛି । ଏହା କେବଳ ଆଇନର ବ୍ୟର୍ଥତା ନୁହେଁ, ଏହା ମଧ୍ୟ ଗଣତନ୍ତ୍ରର ବ୍ୟର୍ଥତା ।

ସୂଚନା ଅଧିକାର ଆଇନ ସରକାରୀ ସଂସ୍ଥା ନିକଟରୁ ୩୦ ଦିନ ଭିତରେ ତଥ୍ୟ ପାଇବାର ଅଧିକାର ଭାରତୀୟ ନାଗରିକମାନଙ୍କୁ ଦେଇଛି । ଏହି ଆଇନର ବାହୁବଳରେ କମନଓ୍ୱେଲଥ ଗେମ୍ସ ଦୁର୍ନୀତି, ଆଦର୍ଶ ହାଉସିଂ ସୋସାଇଟି କେଳେଙ୍କାରୀ, ବ୍ୟାପମ କାଣ୍ଡ ଏବଂ ଇଲେକଟୋରାଲ ବଣ୍ଡ ଦୁର୍ନୀତି ଆଦିର ପର୍ଦ୍ଦାଫାଶ ହୋଇଛି -ଏହା ସତ୍ୟ । କିନ୍ତୁ ବାସ୍ତବରେ ପ୍ରତିଦିନ କ’ଣ ଘଟିଚାଲିଛି ? ସରକାରୀ ପରିସଂଖ୍ୟାନ କହୁଛି, ପ୍ରତିବର୍ଷ ୪୦ରୁ ୫୦ ଲକ୍ଷ ମାମଲା ଆରଟିଆଇରେ ଆବେଦନ କରାଯାଉଛି, ଅଥଚ ‘ସତ୍ୟନିଷ୍ଠ ନାଗରିକ ସଂଗଠନ’, ‘ସତର୍କ ନାଗରିକ ସଂଗଠନ’ (SNS) ଏବଂ ‘ସେଣ୍ଟର ଫର ଇକ୍ୟୁଇଟି ଷ୍ଟଡ଼ିଜ’ର ୨୦୧୮-୧୯ ମସିହାର ରିପୋର୍ଟ କାର୍ଡ ଅନୁଯାୟୀ, ଆବେଦନକାରୀମାନଙ୍କ ମଧ୍ୟରୁ ମାତ୍ର ୪୫ ଶତାଂଶରୁ କମ ପ୍ରକୃତ ତଥ୍ୟ ପାଇଛନ୍ତି । ଆଉ ଯେଉଁମାନେ ତଥ୍ୟ ପାଇନାହାନ୍ତି, ସେମାନଙ୍କ ମଧ୍ୟରୁ ମାତ୍ର ୧୦ଶତାଂଶ ପୁନର୍ବାର ଅପିଲ କରିଛନ୍ତି । ଏହାର ଅର୍ଥ ବେଶିଭାଗ ଆବେଦନକାରୀ ହତାଶ ହୋଇ ଚୁପ ହୋଇଯାଇଛନ୍ତି ।

କେନ୍ଦ୍ରୀୟ ତଥ୍ୟ କମିଶନ (CIC) ଓ ରାଜ୍ୟ କମିଶନଗୁଡିକ (SIC) ଆଜି ପ୍ରାୟ ଅକାମି ହୋଇ ପଡିଛନ୍ତି । ୨୦୨୫-୨୬ ମସିହାର ତଥ୍ୟ ଅନୁଯାୟୀ, ସାରା ଦେଶରେ ଚାରି ଲକ୍ଷରୁ ଅଧିକ ଅପିଲ ଓ ଅଭିଯୋଗ ପେଣ୍ଡିଙ୍ଗ ରହିଛି । ମହାରାଷ୍ଟ୍ରରେ ୯୫ ହଜାରରୁ ବେଶି, କର୍ଣ୍ଣାଟକରେ ୪୭ ହଜାର, ତାମିଲନାଡୁରେ ୪୧ ହଜାର । କେନ୍ଦ୍ରୀୟ ତଥ୍ୟ କମିଶନରେ ମାତ୍ର ଦୁଇ ଜଣ ଇନଫରମେସନ କମିଶନର କାର୍ଯ୍ୟ କରୁଛନ୍ତି, ବାକି ୯ ଟି ପଦବୀ ଆଜିଯାଏଁ ପୂରଣ ହୋଇପାରିନାହିଁ । ଅତଃପର, ଗୋଟିଏ ଶୁଣାଣି ପାଇବା ପାଇଁ ଏକ ବର୍ଷରୁ ଅଧିକ ସମୟ ଲାଗୁଛି । ତେଲେଙ୍ଗାନା ରାଜ୍ୟ ଇନଫରମେସନ କମିସନଙ୍କ ହିସାବରୁ ଜଣାପଡିଛି, ଆରଟିଆଇରେ ଆଜିକା ତାରିଖରେ ଯଦି ଗୋଟିଏ ଅଭିଯୋଗ କରାଯିବ ତ ହିତାଧିକାରୀଙ୍କୁ ସୂଚନା ପାଇବା ପାଇଁ ୨୯ ବର୍ଷ ୨ ମାସ ଅପେକ୍ଷା କରିବାକୁ ପଡିବ ! ଅର୍ଥାତ ୨୦୫୪ ମସିହାରେ ତାଙ୍କୁ ତଥ୍ୟ ପ୍ରଦାନ କରାଯିବ । ସାତୋଟି ରାଜ୍ୟରେ ଏହି କମିସନ ଦୀର୍ଘ ବର୍ଷ ଧରି ଅଚଳ । ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି, ସରକାର ଇଚ୍ଛାକୃତ ଭାବରେ କମିଶନର ନିଯୁକ୍ତ କରିନାହାନ୍ତି । କାରଣ ସ୍ୱଚ୍ଛତା ଚାହିଁଲେ ଦୁର୍ନୀତି ଧରାପଡିବ, ଆଉ ଦୁର୍ନୀତି ଧରାପଡ଼ିଲେ କ୍ଷମତା ହରାଇବାକୁ ହେବ । ୨୦୨୩-୨୪ ମସିହା ଅଡିଟ ରିପୋର୍ଟରେ ସତର୍କ ନାଗରିକ ସଂଗଠନ ପ୍ରକାଶ କରିଛି ଯେ, ଦେଶର ୨୯ଟି ସୂଚନା କମିସନ ମଧ୍ୟରୁ ୭ଟି କମିସନ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ନିଷ୍କ୍ରିୟ ଥିଲେ । ଝାଡ଼ଖଣ୍ଡ ରାଜ୍ୟର ସୂଚନା କମିସନ ଦୀର୍ଘ ଚାରି ବର୍ଷ ଧରି ସମ୍ପୂର୍ଣ୍ଣ ଅଚଳ ଥିଲା । ତ୍ରିପୁରା ଓ ତେଲେଙ୍ଗାନାର କମିଶନ ମଧ୍ୟ ଦୀର୍ଘ ଦିନ ଧରି ବନ୍ଦ ଅଛି । କେନ୍ଦ୍ରୀୟ କମିସନରେ ଯଥେଷ୍ଟ କର୍ମଚାରୀ ନଥିବାରୁ ପାହାଡ଼ ପ୍ରମାଣ ମାମଲା ଗଦା ହୋଇଛି । ୨୦୧୯ ମସିହାରେ ପେଣ୍ଡିଙ୍ଗ ମାମଲା ସଂଖ୍ୟା ପ୍ରାୟ ୨ଲକ୍ଷ ୧୮ହଜାର ; ୨୦୨୪ ମସିହାରେ ବୃଦ୍ଧି ପାଇ ଏହି ଆକଳନ ୪ଲକ୍ଷ ୫ହଜାରରେ ପହଞ୍ଚିଛି ଅର୍ଥାତ ୮୦ ଶତାଂଶ ବଢିଛି । ଛତିଶଗଡ଼ ଓ ବିହାର ପରି ରାଜ୍ୟରେ ଆଜି ଯଦି କେହି ଆବେଦନ କରେ ତ ତାଙ୍କୁ ୨୦୨୯ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ୨୦୨୩ ମସିହା ଅକ୍ଟୋବର ମାସରେ ଏହି ଦୟନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କୁ ସୁପ୍ରିମ କୋର୍ଟ ତିରସ୍କାର କହିଛନ୍ତି ଯେ, ଶୂନ୍ୟ ପଦବୀ ପୂରଣ ନହେଲେ ଆରଟିଆଇ ଆଇନ ‘ମୃତ ପ୍ରାୟ ଦଲିଲ’ରେ ପରିଣତ ହୋଇଯିବ । ତଥାପି ସରକାର ନିର୍ବିକାର ।

କେନ୍ଦ୍ର ସରକାର ୨୦୧୯ ମସିହାରେ ଆରଟିଆଇ ଆଇନରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରନ୍ତି । ଏହି ସଂଶୋଧନ ବଳରେ ସରକାର ସୂଚନା କମିଶନରମାନଙ୍କର ଚାକିରୀ ସମୟ ସୀମା, ବେତନ ଏବଂ ଚାକିରିର ସର୍ତ୍ତାବଳୀ ନିଜ ହାତକୁ ନେଇଯାଇଛନ୍ତି । ପୂର୍ବରୁ ସୂଚନା କମିଶନରମାନଙ୍କର ମର୍ଯ୍ୟାଦା ନିର୍ବାଚନ କମିଶନରମାନଙ୍କ ପରି ସ୍ୱାଧୀନ ଓ ନିରପେକ୍ଷ ଥିଲା । କିନ୍ତୁ ନୂଆ ସଂଶୋଧନରେ ସେମାନଙ୍କ କ୍ଷମତାକୁ ସଂକୁଚିତ କରିବା ଏକ ଅସମାହିତ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୩ ମସିହାରେ ଡିଜିଟାଲ ବ୍ୟକ୍ତିଗତ ଡାଟା ସଂରକ୍ଷଣ ଅଧିନିୟମ (DPDP-2023)ର ୪୪(୩) ଧାରା ଆରଟିଆଇ ଆଇନର ୮(୧)( ଜ ) ଧାରାଟିକୁ ସଂଶୋଧନ କରି ସମସ୍ତ ବ୍ୟକ୍ତିଗତ ସୂଚନା ପ୍ରକାଶକୁ ନିଷିଦ୍ଧ କରିଦେଇଛନ୍ତି । ପୂର୍ବରୁ ଏହି ଧାରାରେ କୁହାଯାଇଥିଲା ଯେ, ଯଦି ଜନସ୍ୱାର୍ଥ ମାମଲା ଥାଏ ତା’ ହେଲେ ବ୍ୟକ୍ତିଗତ ତଥ୍ୟକୁ ବି ପ୍ରକାଶ କରାଯିବ । ସଂଶୋଧନ ପରେ ଦୁର୍ନୀତିଗ୍ରସ୍ତ ଅମଲା ବା ଠିକାଦାର ନିଜର ତଥ୍ୟ ଗୋପନ ରଖିବାକୁ ‘ବ୍ୟକ୍ତିଗତ ଗୋପନୀୟତା’କୁ ଢାଲ ରୂପେ ଅପବ୍ୟବହାର କରିପାରିବେ । ଆରଟିଆଇ ଆବେଦନର ସୂଚନା ନଦେବା ବା ଭୁଲ ସୂଚନା ଦେବା ଭାରତୀୟ ଅମଲାତନ୍ତ୍ରର ଏକ ପୁରାତନ ବ୍ୟାଧି । ଅଧିକାଂଶ କ୍ଷେତ୍ରରେ ଆବେଦନକାରୀ ୩୦ଦିନ ଭିତରେ ସୂଚନା ପାଇ ନଥାନ୍ତି । ଦିଲ୍ଲୀରେ ଦେଖା ଯାଇଛି, ୬୦ ଶତାଂଶ ଆରଟିଆଇ ଆବେଦନକାରୀଙ୍କ ଅପିଲ ପ୍ରଯୁକ୍ତିଗତ କାରଣରୁ , ଯେମିତିକି ଭୁଲ ଫର୍ମାଟ ବା ଭୁଲ ଭାଷାରେ ଲେଖାର ଆଳରେ ଖାରଜ କରାଯାଇଛି । ୨୦୧୯ର ଆରଟ ଆଇ ସଂଶୋଧନ ଓ ଡିଜିଟାଲ ବ୍ୟକ୍ତିଗତ ଡାଟା ପ୍ରୋଟେକସନ ଆକ୍ଟ ବଳରେ ‘ବ୍ୟକ୍ତିଗତ ତଥ୍ୟ ଓ ସୂଚନ ଗୋପନ ରଖିବାର ଅଧିକାର’ର ହାତ ଧରି ପିଏମଓ, ଅର୍ଥ ମନ୍ତ୍ରାଳୟ, ସୁପ୍ରିମ କୋର୍ଟ, ଦିଲ୍ଲୀ ହାଇକୋର୍ଟ ଆଦି ଅନେକ ସରକାରୀ କାର୍ଯ୍ୟାଳୟ ସର୍ବାଧିକ ଥର ଆରଟିଆଇ ଆଇନକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏମାନେ ଅଧିକାଂଶ କ୍ଷେତ୍ରରେ ଆରଟିଆଇର କୌଣସି ଧାରା ଉଲ୍ଲେଖ କରିନାହାନ୍ତି । ୨୦୨୦ ମସିହା କରୋନା ସଂକ୍ରମଣ କାଳରେ ପିଏମ ଓ କେୟାର୍ସ ଫଣ୍ଡ ଓ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଅମ୍ଳଜାନ ସିଲିଣ୍ଡର ଅଭାବ ନେଇ ଆରଟିଆଇ ଅପିଲ ମାଧ୍ୟମରେ ତଥ୍ୟ ମଗାଯାଇଥିଲା ଅଥଚ ଏହାର ଉତ୍ତର ଦେବାକୁ ସରକାର ସିଧାସଳଖ ମନା କରିଦେଇ ଥିଲେ । ‘ଜାତୀୟ ନିରାପତ୍ତା ସୁରକ୍ଷା’ ବା ‘ତୃତୀୟ ପକ୍ଷର ତଥ୍ୟ ସୂଚନା ନିରାପତ୍ତା’ ଆଳରେ ସରକାର ଚତୁରତାର ସହିତ ଏସବୁକୁ ଏଡାଇ ଯାଇଥିଲେ । ଦୁଃଖର ବିଷୟ, ଆମ ଦେଶର ପବ୍ଲିକ ଇନଫରମେସନ ଅଫିସର (PIO) ମାନେ ପ୍ରଶିକ୍ଷିତ ନୁହନ୍ତି, ରେକର୍ଡ ମ୍ୟାନେଜମେଣ୍ଟ ନାହିଁ, ସବୁଠାରୁ ବଡ କଥା ଇନଫ୍ରାଷ୍ଟ୍ରକଚରର ଅଭାବ । ୩୦ ଦିନରେ ଉତ୍ତର ଦେବାର ବାଧ୍ୟବାଧକତା କେବଳ କାଗଜ କଲମରେ ସୀମାବଦ୍ଧ । ବାସ୍ତବରେ ମାସ – ବର୍ଷ ବିତିଯାଏ ଅଥଚ ସୂଚନା ମିଳେନା । ୯୦ ଶତାଂଶ କ୍ଷେତ୍ରରେ କମିସନ ଦଣ୍ଡ ଦିଏନା । ଫଳସ୍ୱରୂପ, ପିଆଇଓମାନେ ନିର୍ଭୟରେ ତଥ୍ୟ ଲୁଚେଇ ଦିଅନ୍ତି । ୨୦୧୫ରୁ ୨୦୨୩ ପର୍ଯ୍ୟନ୍ତ ସମଗ୍ର ଦେଶରେ ମାତ୍ର ୮ ଶତାଂଶ ପବ୍ଲିକ ଇନଫରମେସନ ଅଫିସର (PIO)ଙ୍କୁ ଦଣ୍ଡିତ କରାଯାଇଛି । ୨୦୨୪ ମସିହାରେ ତାମିଲନାଡୁରେ ପ୍ରାୟ ୧୪୦୦ ମାମଲାରୁ ମାତ୍ର ୨୧ଟି କ୍ଷେତ୍ରରେ ଜରିମାନା ଆରୋପ କରାଯାଇଛି । କଥା ହେଉଛି, ଯେଉଁଠି ଶାସ୍ତି ନାହିଁ ସେଠି ନିୟମ ମାନି ଚଳିବାର ପ୍ରୟୋଜନ ବି ନାହିଁ ।

ଆରଟିଆଇ ଆଇନର ବେଶ କିଛି ପ୍ରୟୋଗ ମଧ୍ୟ ରାଜନୈତିକ କାରଣରୁ ସିଧାସଳଖ ବାଧାପ୍ରାପ୍ତ ହୋଇଛି । ୨୦୧୬ ମସିହାରେ ନୋଟବନ୍ଦୀ ସମୟରେ ରିଜର୍ଭ ବ୍ୟାଙ୍କ ସଂକ୍ରାନ୍ତୀୟ ତଥ୍ୟ ଜାଣିବା ପାଇଁ ଆରଟିଆଇ ନିକଟରେ ଅପିଲ କରାଯାଇଥିବା ଆବେଦନଗୁଡିକୁ ‘ଜାତୀୟ ସାର୍ବଭୌମତ୍ୱ ଓ ନିରାପତ୍ତା’ର ଦ୍ୱାହି ଦେଇ ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା । ସରକାର ଏଠି ଆରଟିଆଇ ଧାରା-୮କୁ ଢାଲ ରୂପେ ବ୍ୟବହାର କରିଥିଲେ । ପିଏମ କେୟାର୍ସ ଫଣ୍ଡ ସମ୍ପର୍କିତ ତଥ୍ୟ ମଗାଯିବାରୁ ସରକାର କହିଥିଲେ ଯେ, ଏହା ଆରଟିଆଇ ଆଇନ ଅନ୍ତର୍ଭୁକ୍ତ ନୁହେଁ । କେନ୍ଦ୍ରୀୟ ସୂଚନା କମିଶନରେ ୨୦୧୪ ମସିହାରୁ ଦୀର୍ଘ ସମୟ ଧରି କୌଣସି ନିଯୁକ୍ତି ନହେବା, ଆରଟିଆଇ ଆଇନ ସଂଶୋଧନ ବିଲ ତର୍ଜମା ସମୟରେ ବିରୋଧୀ ଦଳର ନେତାମାନେ ଅନୁପସ୍ଥିତ ରହିବା, ୨୦୨୫ ମସିହା ସେପ୍ଟେମ୍ବର ପର୍ଯ୍ୟନ୍ତ ବିଗତ ୧୧ ବର୍ଷ ମଧ୍ୟରେ ସାତଥର କେନ୍ଦ୍ରୀୟ ସୂଚନା କମିସନରେ ମୁଖ୍ୟ କମିଶନର ନିଯୁକ୍ତି କରାନଯିବା ସରକାରଙ୍କର ଅପାରଗତାକୁ ଦର୍ଶାଉଛି । ଭାରତର ଗ୍ରାମାଞ୍ଚଳରେ ୧୨ ଶତାଂଶ ନାଗରିକ ଆରଟିଆଇ ସମ୍ପର୍କରେ ସଚେତନ, ସହରାଞ୍ଚଳରେ ଏହି ସଂଖ୍ୟା ୩୦ ଶତାଂଶରୁ ଅଧିକ ନୁହେଁ -ଏହା ଲୋକନୀତି (CSDS) ସମୀକ୍ଷାରୁ ଜଣାପଡିଛି । ଯେଉଁମାନେ ସଚେତନ ଏବଂ ସାହସ କରି ତଥ୍ୟ ମାଗିଛନ୍ତି, ସେମାନଙ୍କ ପରିଣତି ଭୟାବହ ହୋଇଛି । ‘କମନଓ୍ୱେଲଥ ହ୍ୟୁମାନ ରାଇଟ୍ସ ଇନସିଏଟିଭ’ର ୨୦୨୩ ମସିହାର ପ୍ରତିବେଦନ ଅନୁଯାୟୀ ଆରଟିଆଇ ଆଇନ ବଳବତ୍ତର ହେବା ପରଠୁ ୧୦୦ରୁ ଊର୍ଦ୍ଧ୍ୱ ଅର୍ଥାତ ୫୧ ଶତାଂଶ ଆରଟିଆଇ ଆକ୍ଟିଭିଷ୍ଟଙ୍କୁ ହତ୍ୟା କରାଯାଇଛି, ସଂଖ୍ୟାଟି ନିର୍ଭୁଲ ନୁହେଁ କାରଣ ଅନେକ ଘଟଣା ଗଣମାଧ୍ୟମକୁ ଆସିପାରେନା । ଗୁଜରାଟର ଅମିତ ଜେଠଓ୍ୱାଙ୍କୁ ୨୦୧୦ ମସିହା ମେ ମାସରେ ଭଦୋଦରା କୋର୍ଟ ପରିସରରେ ଗୁଳି କରି ହତ୍ୟା କରାଯାଏ । ସେ ଗିର ଜଙ୍ଗଲ ଅଞ୍ଚଳର ଖଣି ମାଫିଆ ଓ ସରକାରୀ ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲେ । ମହାରାଷ୍ଟ୍ରର ସତୀଶ ଶେଟ୍ଟି ଜମି କେଳେଙ୍କାରୀ ନେଇ ଦୀର୍ଘ ପାଞ୍ଚ ବର୍ଷ ଧରି ଆରଟିଆଇର ଚକ୍କର କାଟୁଥିବାବେଳେ ତାଙ୍କୁ ୨୦୧୦ ମସିହା ଜାନୁଆରୀ ୧୩ ତାରିଖରେ ଖଣ୍ଡାରେ ହାଣି ନିର୍ମମ ଭାବରେ ହତ୍ୟା କରାଯାଏ । କେନ୍ଦ୍ରାପଡ଼ାର ବେରୁଆଁ ଗାଁର ୩୫ବର୍ଷୀୟ ରଞ୍ଜନ କୁମାର ଦାସଙ୍କୁ ୨୦୨୦ ମସିହା ଫେବୃଆରୀ ୧ ତାରିଖରେ ତାଙ୍କ ଗାଁ ଠାରୁ ଦୁଇ କିଲୋମିଟର ଦୂରରେ ନିର୍ମମ ଭାବେ ହତ୍ୟା କରାଯାଏ, ସେ ଭିତରକନିକା ଅଞ୍ଚଳରେ ଥିବା ବେଆଇନ ଇଟାଭାଟି ଓ ବାଲି ମାଫିଆଙ୍କ ବିରୁଦ୍ଧରେ ଆରଟିଆଇର ଦ୍ୱାରସ୍ଥ ହୋଇଥିଲେ । ୨୦୨୨ ମସିହା ଜୁନ ୩ ତାରିଖରେ ମଧ୍ୟପ୍ରଦେଶର ବିଦିଶା ଅଶୋକ ନଗର ଅଞ୍ଚଳର ଆରଟିଆଇ ଆକ୍ଟିଭିଷ୍ଟ ରଞ୍ଜୀତ ସୋନିଙ୍କୁ ପି ଡବ୍ଲୁ ଡ଼ି ଅଫିସ ସାମ୍ନାରେ ଜିରୋ ରେଞ୍ଜରୁ ମୁଣ୍ଡର ପଛ ପଟୁ ଗୁଳି କରି ହତ୍ୟା କରାଯାଏ । ହତ୍ୟାର ଶିକାର ହୋଇଥିବା ଅନ୍ୟ ଚର୍ଚ୍ଚିତ ଆରଟିଆଇ ଆକ୍ଟିଭିଷ୍ଟମାନଙ୍କ ମଧ୍ୟରେ ଅଛନ୍ତି : ଗୁଜୁରାଟର ରତନ ସିଂ ଚୌଧୁରୀ (୨୦୧୫), ରସିକ ପରମାର(୨୦୨୫) ଓ ସୁଧୀର ଚୌଧୁରୀ (୨୦୨୪), ମହାରାଷ୍ଟ୍ରର ଭୁପେନ୍ଦ୍ର ଭୋରା (୨୦୧୬), ବିହାରର ଜୟନ୍ତ କୁମାର (୨୦୧୮) ଓ ବିପିନ ଅଗ୍ରୱାଲ (୨୦୨୧), ଉତ୍ତର ପ୍ରଦେଶର ଦେବଜୀତ (୨୦୨୨) ଓ ରାଘବେନ୍ଦ୍ର ବାଜପେୟୀ (୨୦୨୫) ଆନ୍ଧ୍ର ପ୍ରଦେଶର ସୋଲ ରଙ୍ଗା ରାଓ (୨୦୧୦), ତାମିଲନାଡୁର ଏସ. ଭୁବନେଶ୍ୱରନ(୨୦୧୨), ଜେ. ପାରସମଲ(୨୦୧୬) ଓ ଶରବୁଦ୍ଦିନ (୨୦୨୩), କର୍ଣ୍ଣାଟକର ବାସୁଦେବ ଆଡିଗା(୨୦୧୩), ୟଲ୍ଲାଲିଙ୍ଗା କୁରୁବା (୨୦୧୫), ଶ୍ରୀନାଥ (୨୦୧୬), ବିନାୟକ ବାଲିଗା (୨୦୧୬), ଭେଙ୍କେଟେଶ ଏସ. (୨୦୨୧) ଓ ଟି. ଶ୍ରୀଧର (୨୦୨୧), ତେଲେଙ୍ଗାନାର ଗଟ୍ଟୁ ଭମନ ରାଓ ଓ ତାଙ୍କ ସ୍ତ୍ରୀ ନାଗମଣି(୨୦୨୧), ନେଲାଭେଲ୍ଲୀ ରାମା ରାଓ (୨୦୨୦) ଓ ନଲ୍ଲା ରାମକ୍ରିଷ୍ଟାୟା(୨୦୨୩) । ଏସବୁ ନରହତ୍ୟା ଆମ ରାଜ୍ୟ ଓଡ଼ିଶାରେ ବି କମ ନୁହେଁ । ସମ୍ବଲପୁରର ପର୍ଶୁରାମ ପ୍ରଧାନ(୨୦୧୮), କଟକ ନିଆଳିର କୃପାସିନ୍ଧୁ ସାହୁ(୨୦୧୫), ଗଞ୍ଜାମର ଗଣେଶ ପଣ୍ଡା (୨୦୧୪) ଓ ଅଭିମନ୍ୟୁ ପଣ୍ଡା (୨୦୧୯)ଏବଂ ପରିବେଶବିତ୍ ଚିତ୍ତରଞ୍ଜନ ବେହେରା(୨୦୨୪) ମଧ୍ୟ ଆରଟିଆଇ ଆକ୍ଟିଭିଷ୍ଟ ରୂପେ କାର୍ଯ୍ୟ କରି ହତ୍ୟାର ଶିକାର ହୋଇଛନ୍ତି । ଏହିସବୁ ହତ୍ୟାକାଣ୍ଡର ବିଚାର ହୁଏନା । ୩୦୦ରୁ ଅଧିକ କର୍ମୀଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଛି । ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି, ଶତାଧିକ ହ୍ୱିସିଲ ବ୍ଲୋୟର ପ୍ରାଣ ହରାଇଛନ୍ତି । ମହାରାଷ୍ଟ୍ର ଓ ଗୁଜରାଟରେ ଏହି ଆକ୍ରମଣ ଘଟଣା ଦେଶରେ ସବୁଠୁ ବେଶି । ହ୍ୱିସିଲ ବ୍ଲୋୟର ପ୍ରୋଟେକସନ ଆକ୍ଟ ଆଜି ବି କାଗଜ କଲମର ବଳଗଣ୍ଡି ଡେଇଁ ପାରିନି । ପୋଲିସ, ପ୍ରଶାସନ, ରାଜନୈତିକ ନେତାମାନେ ମିଶି ଏହି ଆକ୍ଟିଭିଷ୍ଟମାନଙ୍କର କଣ୍ଠରୋଧ କରିଦେଇଛନ୍ତି, ଗଣତାନ୍ତ୍ରିକ ସ୍ୱଚ୍ଛତାର ଗଳାଚିପି ହତ୍ୟା କରିଛନ୍ତି । କ’ଣ ମିଳିଛି ଫଳାଫଳ ? ସାଧାରଣ ମଣିଷ ଭୟଭୀତ ହୋଇ ଆରଟିଆଇରେ ଅପିଲ କରିବା ଛାଡିଦେଇଛି । ଯେଉଁମାନେ ସାହାସ କରି ଆରଟିଆଇର ଦ୍ୱାରସ୍ଥ ହୋଇଛନ୍ତି, ସେମାନଙ୍କୁ ଏକଘରିଆ କରିଦିଆଯାଇଛି । ସେମାନଙ୍କ ଜୀବନ ପ୍ରତି ସୃଷ୍ଟି ହୋଇଛି ବିପଦ ନାହିଁ ତ ଉଜୁଡି ଯାଇଛି ସଂସାର ।

ଗଣତନ୍ତ୍ର ଉପରୁ ସାଧାରଣ ଜନତା ଆସ୍ଥା ହରେଇ ବସିଛନ୍ତି । ଦୁର୍ନୀତି ବଢୁଛି ତାଳଦେଇ ବଢୁଛି ସରକାରୀ ସ୍ୱେଚ୍ଛାଚାର । ନିରବ ଦ୍ରଷ୍ଟା ସାଜିଛି ସାଧାରଣ ଜନତା । କାର୍ଯ୍ୟ ନିର୍ବାହୀ ବିଭାଗ, ଅମଲାତନ୍ତ୍ର, ବିଚାର ବ୍ୟବସ୍ଥା -ସଭିଏଁ ମିଳିମିଶି କଲୋଜିୟମ, ଏକଜିକ୍ୟୁଟିଭ ନିଯୋଜନ ଓ ଜୁଡ଼ିସିଆରି ବିଳମ୍ବ କରି ଆରଟିଆଇ ସିଷ୍ଟମକୁ ଦୁର୍ବଳ କରିଦେଇଛନ୍ତି । ଫଳରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି । ଏନଆରଇଜିଏ ସ୍କାମ, ଜମି କେଳେଙ୍କାରୀ ଠିକାଦାରୀ ଦୁର୍ନୀତି ଆଦି ଆରଟିଆଇକୁ ଆଖିଠାର ମାରି ପ୍ରତ୍ୟକ୍ଷ ଦିବାଲୋକରେ ଦେଶକୁ ଲୁଟି ଚାଲିଛନ୍ତି । ସରକାର ବାହାସ୍ଫୋଟ ମାରି କହୁଛନ୍ତି ପ୍ରତ୍ୟାଖ୍ୟାନ ହାର କମୁଚି ୨୦୨୪-୨୫ରେ ଏହା ହ୍ରାସ ପାଇଁ ୩.୨୫ଶତାଂଶରେ ଆସି ପହଞ୍ଚିଛି । ସତ କହିବାକୁ ଗଲେ ଏହା ସରକାରଙ୍କ ବ୍ୟର୍ଥତାର ମୁଖା । ମୁଖ୍ୟ କାରଣ ହେଉଛି ଭୟରେ ଆରଟିଆଇ ଅପିଲ ଆବେଦନ କମିବାରେ ଲାଗିଛି । ଅପିଲ ନିଷ୍ପତ୍ତି ହାର ବୃଦ୍ଧି କୁ ନେଇ ସରକାର ଗର୍ବ କରୁଥିବା ବେଳେ ବ୍ୟାକଲଗ ଆଗରେ ଏହି ସଂଖ୍ୟା ଅର୍ଥହୀନ । ସବୁଠାରୁ ହାସ୍ୟକର କଥା ହେଉଛି, ସ୍ୱଚ୍ଛତାର ରକ୍ଷକ ଭାବରେ ପରିଚିତ ସରକାରୀ ଅନୁଷ୍ଠାନଗୁଡିକ ମାତ୍ରାଧିକ ଆରଟିଆଇ ବିରୋଧୀ ଆଚରଣ ଦେଖାଉଛନ୍ତି । ଭାରତର ରାଜନୈତିକ ଦଳଗୁଡିକ-କେନ୍ଦ୍ରୀୟ ସୂଚନା କମିସନ ୨୦୧୩ ମସିହାରେ ୬ଟି ପ୍ରଧାନ ଦଳକୁ ‘ପବ୍ଲିକ ଅଥରିଟି’ ଘୋଷଣା କରିଥିଲେ ବି ସେମାନେ ଆରଟିଆଇ ପରିସରଭୁକ୍ତ ହେବାକୁ ଅସ୍ୱୀକାର କରିଛନ୍ତି । ସୁପ୍ରିମ କୋର୍ଟଙ୍କ କଲୋଜିୟମ ସଂକ୍ରାନ୍ତୀୟ ସୂଚନା ପ୍ରକାଶରେ ବି ଦୀର୍ଘଦିନ ଧରି ଟାଳଟୁଳ ନୀତି ଗ୍ରହଣ କରାଯାଇଛି । ଏକ ତୃତୀୟାଂଶରୁ ଅଧିକ ତଥ୍ୟ ସୂଚନା କମିଶନ ତାଙ୍କ ୱେବ ସାଇଟରେ ଅପଲୋଡ଼ କରିନଥାନ୍ତି-ଯାହା ଆରଟିଆଇର ଦାବି । ଯେଉଁ ପ୍ରତିଷ୍ଠାନ ସ୍ୱଚ୍ଛତାର ପ୍ରମାଣପତ୍ର ଦେବ, ସେ ନିଜେ ହିଁ ଅସ୍ୱଚ୍ଛ ;ଏହି ମର୍ମାନ୍ତିକ ବାସ୍ତବତା ହିଁ ଆଜିର ଭାରତର ଆରଟିଆଇର ଅବସ୍ଥା । ଭାରତର ଆରଟିଆଇ ଆଇନ ଏକ ବୈପ୍ଳବିକ ଧାରଣା ଉପରେ ପ୍ରତିଷ୍ଠିତ-ନାଗରିକ ହିଁ ରାଷ୍ଟ୍ରର ପ୍ରକୃତ ମାଲିକ, ତେଣୁ ରାଷ୍ଟ୍ର ସମ୍ପର୍କିତ ତଥ୍ୟ ମାଗିବା ପ୍ରତ୍ୟେକ ଭାରତୀୟ ନାଗରିକର ମୌଳିକ ଅଧିକାର । ଅଥଚ ସେହି ଧାରଣାକୁ ବାସ୍ତବ ରୂପ ଦେବା ପାଇଁ ଯେଉଁ ପ୍ରତିଷ୍ଠାନ ଗଠିତ ହୁଏ ,ତାହା ଆଜି ଅବନତିର ଗର୍ତ୍ତରେ ପଡି ଛଟପଟ । ଆରଟିଆଇର ବିକଳ ଚିତ୍ର ସମ୍ବିଧାନକୁ ଶକ୍ତ ଆଘାତ । ଏଭଳି ପରିସ୍ଥିତିରେ କ’ଣ କରିବା ଉଚିତ ? ନାଗରିକ ଅଧିକାରକୁ ସୁଦୃଢ଼ କରିବାକୁ ହେଲେ ପ୍ରଥମେ କମିସନର ଶୂନ୍ୟ ପଦବୀ ପୂରଣ,ସୂଚନା କମିଶନରମାନଙ୍କ ସ୍ୱାଧୀନତାର ପୁନରୁଦ୍ଧାର, DPDP ଆଇନର ହାନିକାରକ ସଂଶୋଧନକୁ ପ୍ରତ୍ୟାହାର, ଆରଟିଆଇ ଆକ୍ଟିଭିଷ୍ଟମାନଙ୍କ ନିରାପତ୍ତା ନିଶ୍ଚିତ କରିବା ଏବଂ ଗ୍ରାମୀଣ ଜନତା ମଧ୍ୟରେ ସଚେତନତା ବୃଦ୍ଧି - ଏହିସବୁ ପଦକ୍ଷେପଗୁଡ଼ିକ ଛଡା ଆରଟିଆଇ ଆଇନ କେବଳ କାଗଜର ବାଘ ହୋଇ ରହିଯିବ । ଗଣତନ୍ତ୍ରର ସ୍ୱାସ୍ଥ୍ୟ ନିର୍ଭର କରେ ନାଗରିକର ସୂଚନା ଜାଣିବାର ଅଧିକାର ଉପରେ । ଆଉ ଅଧିକାର ଯଦି କ୍ରମଶଃ ସଂକୁଚିତ ହେବାକୁ ଲାଗେ , ତା’ ହେଲେ ଗଣତନ୍ତ୍ର ନିଜେ ହିଁ ଦୁର୍ବଳ ହୋଇପଡିବ । ଆରଟିଆଇକୁ ବଞ୍ଚି ରହିବାକୁ ହେଲେ କେବଳ ଆଇନ ନୁହେଁ-ଆଇନ ପ୍ରତି ସରକାରଙ୍କର ସତ୍ ଅଙ୍ଗୀକାର ଲୋଡ଼ା ।

**- ଡକ୍ଟର ନୀଳମଣି ସୂତାର**
**ଖାନନଗର, କଟକ**
**ଦୂରଭାଷ : ୮୫୯୯୮୯୪୯୧୫**






## କାଳବୈଶାଖୀ ପ୍ରବାହରେ ଉଡିଲା ଛପର ଭାଙ୍ଗିଲା ଗଛ

# ବ୍ୟାପକ କ୍ଷୟକ୍ଷତି ସହାୟତା ନିମନ୍ତେ ଦାବି

**ନବରଙ୍ଗପୁର (ଏନ୍.ଏମ୍.) :** ଦୀର୍ଘ ଦିନ ଧରି ନିଦାଘ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ କାଳବୈଶାଖି ସମ୍ୟକ ଆସ୍ୱସ୍ଥି ଦେଇଥାଏ। ମାତ୍ର କାଳବୈଶାଖି ଏବେ ଜନସାଧାରଣଙ୍କ ପାଇଁ କାଳ ହୋଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡିରେ ହୋଇଥିବା କାଳବୈଶାଖୀ ବର୍ଷାରେ ଅଞ୍ଚଳ ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ସହିତ ଜୋରରେ ପବନ ବୋହିବା ଦ୍ୱାରା ପାପଡାହାଣ୍ଡି ସହିତ ଆଖ ପାଖ ଗ୍ରାମ ମାନଙ୍କରେରେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି। କେଉଁଠି ଘର ଉପରେ ଗଛ ପଡି ଯାଇଛି, କେଉଁଠି ଘରର ଛପର ଉଡିଯାଇଛି, କେଉଁଠି ବିଦ୍ୟୁତ ତାର ଉପରେ ଗଛ ପଡିଛି। ପୁରୁଣା ଡାକ୍ତରଖାନା ନିକଟରେ ଥିବା ପାପଡାହାଣ୍ଡି ଗ୍ରାମର ବ୍ୟବସାୟୀ ସୁରେଶ ଅଗ୍ରୱାଲଙ୍କ ଇନୋଭା



କାର (ଓଆର ୦୨ ବିଏମ ୦୨୭୭) ଉପରେ ଏକ ନୀଳଗିରି ଗଛ ପଡି ଯିବାରୁ କାର ଟି ସମ୍ପୂର୍ଣ କ୍ଷତିଗ୍ରସ୍ତ ହୋଇଛି। ପାପଡାହାଣ୍ଡି ନିକଟ ଡ଼କ୍ରିବେଡା ଗ୍ରାମରେ ଥିବା ପ୍ରିୟବ୍ରତ ପାତ୍ରଙ୍କ ଫାର୍ମହାଉସର ଛପର ସହିତ ଗଛ ଗୁଡିକ ଭାଙ୍ଗି ଯାଇଛି ଏବଂ ସେହି ଗ୍ରାମରେ ଘର ଗୁଡିକର ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ, ଘର ଉପରେ ଏବଂ ବିଦ୍ୟୁତ ତାର ଉପରେ ପଡିଥିବା ଦେଖିବାକୁ ମିଳିଛି।ଯାହାଫଳରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଖବର ପାଇ ପାପଡାହାଣ୍ଡି ଅଗ୍ନିଶମ ବିଭାଗ ବିଭିନ୍ନ ସ୍ଥାନରେ ପଡିଥିବା ଗଛ ଗୁଡିକ କାଟି ସଫା କରୁଥିବା ବେଳେ ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ର ଆକଳନ କରି କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।



# କୃଷ୍ଣ ଚନ୍ଦ୍ର ସାହୁ ବୋଲଗଡ ବ୍ଲକ ଟପର୍

**ବୋଲଗଡ(ଏନ୍.ଏମ୍.) :** ମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଓ ବୈଷୟିକ ଶିକ୍ଷା ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବୋଲଗଡ ବ୍ଲକରେ ମାଣିକା ଗୋଡାର ମେଧାବୀ ଛାତ୍ର କୃଷ୍ଣ ଚନ୍ଦ୍ର ସାହୁ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୫୭୩ ମାର୍କରଖି ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ସେହିପରି ଯୁକ୍ତ ଦୁଇ କଳା ପରୀକ୍ଷାରେ ରୂପା ପ୍ରଧାନ ୫୩୪ ମାର୍କ



ରଖି ବୋଲଗଡ ବ୍ଲକରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଉଭୟଙ୍କୁ ବୋଲଗଡ ଅଞ୍ଚଳର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି। ମେଧାବୀ ଛାତ୍ର କୃଷ୍ଣ ଚନ୍ଦ୍ର ସାହୁ ଭବିଷ୍ୟତରେ ଜଣେ ବୈଜ୍ଞାନିକହେବାର ଅଭିଳାଷ ରଖିଛନ୍ତି। ମେଧାବୀ ଛାତ୍ରୀ ରୂପା ପ୍ରଧାନ ଜଣେ ପ୍ରଶାସନିକ ଅଧିକାରୀ ହୋଇ ସମାଜସେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି।

## ଟାଙ୍ଗୀ ଚାନ୍ଦପୁରରେ ଔଷଧ ଦୋକାନ ବନ୍ଦ

# ଆନ୍ଦୋଳନରେ ସାମିଲ ହେଲେ ବ୍ୟବସାୟୀ

**ଖୋର୍ଦ୍ଧା/ ଟାଙ୍ଗୀ(ଏନ୍.ଏମ୍.) :** ରାଜ୍ୟ ତଥା ଦେଶରେ ଅନଲାଇନ ଜରିଆରେ ଔଷଧ ବିକ୍ରିକୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟସ ଆସୋସିଏସନ ବିରୋଧ କରିଆସୁଛି। ଏହାର ପ୍ରତିବାଦରେ ରାଜ୍ୟର ସମସ୍ତ ଔଷଧ ବ୍ୟବସାୟୀ ଔଷଧ କାରବାରକୁ ବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଟାଙ୍ଗୀ, ଚାନ୍ଦପୁର, କୁହୁଡି, ଭୁଷଣ୍ଡପୁର ଅଂଚଳରେ ଥିବା ସମସ୍ତ ହୋଲସେଲର ଓ ଖୁଚୁରା ଔଷଧ ବ୍ୟବସାୟୀ ୩ ଦଫା ଦାବି ନେଇ ଦୋକାନ ବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଅନଲାଇନରେ ଔଷଧ ବିକ୍ରି ବନ୍ଦ କରିବା, କର୍ପୋରେଟ ସଂସ୍ଥା ଦ୍ୱାରା ଦିଆଯାଉଥିବା ଅତ୍ୟଧିକ ରିହାତି ବନ୍ଦ କରିବା, ନକଲି ଔଷଧ ଓ ନିଶା ଔଷଧ ବିକ୍ରି ବନ୍ଦ କରିବା ପ୍ରମୁଖ ଦାବି ରହିଛି । ସକାଳ ୬ ଘଟିକା ଠାରୁ ଔଷଧ ବ୍ୟବସାୟୀମାନେ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି




ଆନ୍ଦୋଳନ ଫଳରେ ଔଷଧ ବ୍ୟବସାୟ ପ୍ରଭାବିତ ହୋଇଥିବାବେଳେ ରୋଗୀମାନେ ଔଷଧ ନପାଇ ହଟହଟାର ସମ୍ମୁଖିନ ହୋଇଛନ୍ତି। ଡ୍ରଗ୍ସ ଆଣ୍ଡ କସମେଟିକ୍ସ ନିୟମ ଅନୁଯାୟୀ ଅନଲାଇନରେ ଔଷଧ ବିକ୍ରୟର କୌଣସି ବ୍ୟବସ୍ଥା ନାହିଁ। କରୋନା ସମୟରେ ପରିସ୍ଥିତିକୁ ନଜର ରଖି କେନ୍ଦ୍ର ସରକାର ଅନଲାଇନରେ ଔଷଧ ବିକ୍ରିକୁ ଅନୁମତି ପ୍ରଦାନ କରିଥିଲେ। ହେଲେ ଏବେ ସ୍ଥିତି ସୁଧୁରି ଯିବାପରେ ମଧ ତାହାକୁ ପ୍ରତ୍ୟାହାର କରାଯାଇନି ଫଳରେ ଔଷଧ ବ୍ୟବସାୟୀ ପ୍ରଭାବିତ ହୋଇଛନ୍ତି। ତେଣୁ ସଂଘର ଦାବିକୁ ସରକାର ନମାନିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ରାଜ୍ୟ ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ପାଇକରାୟ ଓ ସୁନୀଲ ମହାନ୍ତି ସୂଚନା ଦେଇଛନ୍ତି। ଔଷଧ ବ୍ୟବସାୟୀ ତ୍ରପତି ମହାପାତ୍ର, ବିକାଶ ରଂଜନ ସାହୁ, ମାନସ ବଳିୟାରସିଂ, ବିକାଶରଞ୍ଜନ ସାହୁ, ବିରଞ୍ଚି ନାରାୟଣ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ନିରଂଜନ ସାହୁ, ମନୋଜ ପାଇକରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିଭଳି ରାଜ୍ୟର ସମସ୍ତ ଜିଲ୍ଲାରେ ମଧ ଔଷଧ ଦୋକାନୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଅନଲାଇନରେ ଔଷଧ ବିକ୍ରୟକୁ ତିବ୍ର ବିରୋଧ କରିଛନ୍ତି।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି





**ଟାଙ୍ଗୀ/ଖୋର୍ଦ୍ଧା (ଏନ୍.ଏମ୍.) :** କାଳବୈଶାଖୀ ପ୍ରଭାବରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ତହସିଲ ଅନ୍ତର୍ଗତ କୁହୁଡି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘରର ଚାଳ ଛପର ଉଡିବା ସହିତ ବିଦୁତଃ ଖୁଣ୍ଟ ଓ ଗଛ ଭାଙ୍ଗି ଯିବା ସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। କେଉଁଠି ଘରର ଚାଳ ଛପର ଉଡି ୨ରୁ ୩ଶହ ଫୁଟ ଦୂରରେ ପକାଇବା ସହିତ କେଉଁଠି ଆଜବେଷ୍ଟ ଉପରେ ଗଛ ପଡି ଘର ଚୁନା କରିଦେଇଛି। ପବନର ପ୍ରଖର ଏତେ ଜୋର ଥିଲା ଯେ ଚୁଆଟାଙ୍ଗୀ ଅଞ୍ଚଳରେ ବିଦୁତଃ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ କୁହୁଡି ବସଷ୍ଟାଣ୍ଡ ରାସ୍ତାରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଯାହା ଫଳରେ ବିଦ୍ୟୁତ ସଂଯୋଗ ବାଧା ପ୍ରାପ୍ତ ହୋଇଥିଲା। ଜଗନ୍ନାଥ ବିହାରର ଲତା ମହାରଣାଙ୍କ ଘରର ଟିଣ ଆଜବେଷ୍ଟ ପବନରେ ଉଡିଯାଇ ପ୍ରାୟ ୩୦୦ମିଟର ଦୂରରେ ପଡିଥିଲା। ସେହିପରି ସ୍ୱାମୀ ପରିତ୍ୟକ୍ତା ଅସହାୟ ମହିଳା ଝୁନା ସାହୁଙ୍କ ଆଜବେଷ୍ଟ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯିବା ସହ ଘରେ ଥିବା ସମସ୍ତ ଘରକରଣା ଓ ବର୍ଷାରେ ଭିଜିଯିବା ସହ ବହୁ କ୍ଷୟକ୍ଷତି ହୋଇଛି। ସେହିପରି ସୁକାନ୍ତି ତରାସଙ୍ଗ ଆଜବେଷ୍ଟ ଘର ଆଂଶିକ ନଷ୍ଟ ହୋଇଯାଇଛି। ଏହି ଭଳି ଅନେକ ଲୋକଙ୍କ ଘର ଓ ବାଡି ବଗିଚାରେ ଥିବା ବହୁ ଗଛ ଭାଙ୍ଗିଥିବା ସୂଚନା ମିଳିଛି। ଖବର ପାଇ ଟାଙ୍ଗୀ ତହସିଲ ଅଧିନ କୁହୁଡି ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅନ୍ୟପଟେ ସ୍ଥାନୀୟ ସରପଞ୍ଚ, ଜିଲ୍ଲାପରିଷଦ ସଦସ୍ୟ, ପୂର୍ବତନ ସରପଞ୍ଚ ପ୍ରମୁଖ ଅସହାୟ ଲୋକଙ୍କୁ ଭେଟିବା ସହିତ ତୁରନ୍ତ ବ୍ଲକ ପ୍ରଶାସନ ଅସହାୟ ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ବୌଦ୍ଧପୀଠ ବିକାଶ ପାଇଁ ସରକାରୀ ତତ୍ପରତା କ୍ଷେତ୍ର ପରିଦର୍ଶନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ

**ବାଲିଚନ୍ଦ୍ରପୁର (ଏନ୍.ଏମ୍.) :** ବଡ଼ଚଣା ବ୍ଲକ୍‌ର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ଏହାର ସଂଲଗ୍ନ ଅଞ୍ଚଳର ପାରିପାର୍ଶିକ ଅବସ୍ଥାର ବିକାଶ ପାଇଁ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଭିତ୍ତଭୂମିର ବିକାଶ ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ସହ ପର୍ଯ୍ୟଟନ, ରାଜସ୍ୱ, ଇଡକୋ ଓ ଜଳସମ୍ପଦ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରତିବର୍ଷ ବଡ଼ ଗେଙ୍ଗୁଟି ନଦୀର ବନ୍ୟାଜଳ ବୌଦ୍ଧପୀଠ ଓ ଏହାର ଆଖପାଖ ଅଞ୍ଚଳକୁ ଦୀର୍ଘ ୪ ମାସ ଜଳମଗ୍ନ କରୁଛି। ଫଳରେ ପର୍ଯ୍ୟଟନ ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି। ବାଲିକୁଦା ସେତୁଠାରୁ ଗଜେନ୍ଦ୍ରପୁର ସେତୁ ପର୍ଯ୍ୟନ୍ତ ବନ୍ୟା ନିୟନ୍ତ୍ରଣ ପାଇଁ ଘେରିବନ୍ଧ ନିର୍ମାଣ



ହେବାର ସରକାରୀ ପ୍ରସ୍ତାବ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ତାରକା ହୋଟେଲ ନିର୍ମାଣ, ଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହ ପାରିପାର୍ଶ୍ୱିକ ଭିତ୍ତଭୂମିର ବିକାଶ ପାଇଁ ସରକାର ଯୋଜନା କରିଛନ୍ତି।ଏଥି ନେଇ ୧୬୫ ଏକର ବେସରକାରୀ ଓ ୧୩ ଏକର ସରକାରୀ ଜମି ଅଧିଗ୍ରହଣ କରାଯିବା ପାଇଁ ପ୍ରାରମ୍ଭିକ ଭାବେ ଜଣାପଡିଛି। ଚଣ୍ଡିଆ, ଗୋପାଳପୁର ଓ ମଝିପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନ ଅଧିକାରୀମାନେ ବୁଲି ଦେଖିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଟିମ୍‌ରେ ବିଧାୟକଙ୍କ ସହ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ବିନୋଦ କୁମାର ଜେନା, ଯାଜପୁର ଏଡିଏମ୍ ଯୁଧିଷ୍ଠିର ନାଏକ, ସହକାରୀ ଜିଲ୍ଲାପାଳ ତାପସ କୁମାର ସାହୁ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜଳସମ୍ପଦ ବିଭାଗ ଏସଡିଓଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ।

# ଅରିନ୍ଦମଙ୍କ ବିରୋଧରେ ପୁଣି ଗର୍ଜିଲେ ସାମ୍ବାଦିକ

**କଟକ(ଏନ୍.ଏମ୍.) :** ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକଙ୍କ ଦବଙ୍ଗଗିରୀ ଘଟଣାର ଭିଡିଓ ଗଣମାଧ୍ୟମରେ ପ୍ରସାରଣ ଓ ଖବରକାଗଜରେ ମୁଦ୍ରଣ ହେବା ପରେ ଅରିନ୍ଦମ ସାମ୍ବାଦିକମାନଙ୍କୁ ଅତି କଦର୍ଯ୍ୟ ଅପମାନ ଜନକ ଭାଷାରେ ଫେସବୁକରେ ମନ୍ତବ୍ୟ ଦେଇଥିଲେ। ଉକ୍ତ ଭିଡିଓଟି ଭାଇରାଲ ହେବା ଦ୍ୱାରା ସର୍ବସାଧାରଣରେ ଏକ ନିନ୍ଦାର ବିଷୟ ପାଲଟିଥିଲା। ନିଜର ବିଫଳତା ଓ ଦଳର ଭର୍ତ୍ସନା ଶୁଣିବା ପରେ ସେ ରାଗରେ ଜର୍ଜରିତ ହେବାସହ ମାନସିକ ଭାରସାମ୍ୟ ହରାଇ ନିଜର ଭାଷା ଜ୍ଞାନକୁ ଜଳାଞ୍ଜଳି ଦେଇ ଏବିଡ଼ିଓଙ୍କୁ ଧମକାଇଥିଲେ। ଯାହାର ଭିଡିଓ ଜାରି କରି ସାମ୍ବାଦିକମାନଙ୍କୁ କହିଥିଲେ ଯେ, ସେମାନେ ନିୟୁଜ କରି କୁଆଡେ ଚାରଣି ଆଠଣି ରୋଜଗାର କରୁଛନ୍ତି ଓ ଘରକୁ ସାମ୍ବାଦିକ ମାନେ ସେହି ପଇସାରେ ଚାଉଳ ନେଇ ଭାତ ଖାଉଛନ୍ତି। ଏଭଳି ଅପମାନ ସୂଚକ ମନ୍ତବ୍ୟ ରଖି ଅରିନ୍ଦମ ବିବାଦ ଘେରକୁ ଆସିଥିଲେ। ଯାହାକୁ ନେଇ ପ୍ରଥମେ ଟାଙ୍ଗୀ-ଚୌଦ୍ୱାରର ସାମ୍ବାଦିକମାନେ ଏକାଠି ହୋଇ ଅରିନ୍ଦମ ନାଁରେ ଏକ ଲିଖିତ ଅଭିଯୋଗ ଟାଙ୍ଗୀ ଥାନାରେ କରିଥିଲେ। ଏହାସହ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ରଖିଥିଲେ। ତେବେ କଟକରେ ମଧ ସମାନ ଭାବେ ତାଙ୍କ ନାମରେ ପୁରି ଘାଟ ଥାନାରେ ଏକ ଲିଖିତ ଅଭିଯୋଗ ସାମ୍ବାଦିକ ମାନେ କରିଥିଲେ। ମାତ୍ର ଏତଲା ଦେବାର ୨୪ ଘଣ୍ଟା ପରେ ମଧ ତାହା ରେଜିଷ୍ଟ୍ରେସନ ହେଲାନାହିଁ। ଅନ୍ୟପଟେ ଆଜି କଟକ ସାମ୍ବାଦିକ ଗ୍ରୁପ ପକ୍ଷରୁ ବହୁସଂଖ୍ୟାରେ ସାମ୍ବାଦିକ ଏକତ୍ରିତ ହୋଇ ଅରିନ୍ଦମଙ୍କ ବାସଭବନ ନିକଟରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ଯଦି ଅରିନ୍ଦମଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏହା ଏକ ମହାଆନ୍ଦୋଳନର ରୂପ ନେବା ସହ ଓଡ଼ିଶାର ପ୍ରତ୍ୟେକ ଥାନାରେ ସାମ୍ବାଦିକ ମାନେ ଏକଜୁଟ ହୋଇ ଏତଲା ଦେବେ ବୋଲି ସୂଚନା ଦେଇଛନ୍ତି ସାମ୍ବାଦିକ ମାନେ। ଏଥି ସହିତ କ୍ଷମତାକୁ ଆସିବାପରେ ବିଜେପି ଗୁଣ୍ଡାଗିରି ଆରମ୍ଭ କରିଥିବା ଭଳି ସଂଗୀନ ଅଭିଯୋଗ ଉଠିଛି।

# ଗଠନ ହେଲା ହିନ୍ଦୁ ଏକତା ମଞ୍ଚର ନୂତନ ଭୁବନେଶ୍ୱର ମହାନଗର କମିଟି

**ଭୁବନେଶ୍ୱର(ଏନ୍.ଏମ୍.) :** ସମଗ୍ର ଭାରତବର୍ଷରେ ହିନ୍ଦୁମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟରତ ହିନ୍ଦୁ ଏକତା ମଞ୍ଚ, ଓଡ଼ିଶା, ଏହାର ଭୁବନେଶ୍ୱର ମହାନଗର କମିଟି ପୁନର୍ଗଠନ କରିଛି। ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଭାତ କୁମାର ସାହୁ ରାଜ୍ୟ ସଂଯୋଜକ ସୁଶୀଲ ପାଲ ଏବଂ ସଂସ୍ଥାପକ ସଦସ୍ୟ ପୀତବାସ ବାରିକଙ୍କ ଉପସ୍ଥିତିରେ ଉତ୍କଳ ସମ୍ମିଳନୀ ସଭା ଗୃହରେ ଗତ ସୋମବାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ଲକ୍ଷ୍ମୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ସଭାର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ




ଆଲୋଚନା କରିଥିଲେ। ରାଜ୍ୟ ସଭାପତି ଶ୍ରୀ ଜେନା ହିନ୍ଦୁ ଧର୍ମର ଅଧୋପତନର କାରଣ, ଏହାର ସୁରକ୍ଷା,ଗୋ ବଂଶର ରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଏହାର ସାଧାରଣ ପରିଷଦ ପୁନର୍ଗଠନ କରାଯାଇ ଅନେକ ନୂତନ ସଭ୍ୟ ଗ୍ରହଣ କରାଗଲା। ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର, ସଭାପତି, ସୁଶୀଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି, ମିନତି ପାଲ, ଉପ ସଭାପତି, ସୁରଜିତ ମହାନ୍ତି ଉପ ସଭାପତି, ଡ ମିହିର ପଟ୍ଟନାୟକ ଉପ ସଭାପତି ଲକ୍ଷ୍ମୀ ପ୍ରସାଦ ମିଶ୍ର ସମ୍ପାଦକ ମାଧବାନନ୍ଦ ଚଇନି ସହ ସମ୍ପାଦକ, କୁମାରୀ ଗୀତାଞ୍ଜଳି ପାତ୍ର ସହ ସମ୍ପାଦକ ମନୋଜ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ, ଶତ୍ରୁଘ୍ନ ଓଝା ଉପ କୋଷାଧ୍ୟକ୍ଷ,ଭାବରେ ମନୋନୀତ ହୋଇଥିଲେ। ଅକ୍ଷୟ କୁମାର ସ୍ୱାଇଁ, କୈଳାଶ ଚନ୍ଦ୍ର ଦାସ, ଅର୍ପିତା ପଟ୍ଟନାୟକ, ସୌଦାମିନୀ ପଣ୍ଡା, ଆଡ଼ଭୋକେଟ ଶୁଭ୍ରାଂଶୁ କୁମାର ଚମ୍ପତି, ବିଭୂତି ଭୂଷଣ ନାୟକ, ଅକ୍ଷୟ କୁମାର ସାହୁ, ବିଭୀଷଣ ମହାକୁଡ ,ପ୍ରମୁଖ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଥିଲା ବେଳେ ବେଳେ ରାମ ହରି ମିଶ୍ର, ଡ ସୁବୋଧ ରାଉତରାୟ, ଡ କେ ସି ପାଣିଗ୍ରାହୀ, ବସନ୍ତ କୁମାର ପଡ଼ିଆରୀ ପ୍ରମୁଖଙ୍କୁ ଉପଦେଷ୍ଟା ଭାବରେ ଗ୍ରହଣ କରାଯାଇଥିଲା। ଡ ସୁରେନ୍ଦ୍ର ମିଶ୍ରଙ୍କୁ ବାଜପେୟୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଏକ ସ୍ମରଣିକା ପ୍ରସ୍ତୁତିର ଦାୟିତ୍ୱ ଦିଆଯାଇଥିଲା ଓ ଆଜୀବନ ସଦସ୍ୟ ରମାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ରାସାୟନିକ ସାର ଓ କୀଟନାଶକ ଛାଡ଼ି ପ୍ରାକୃତିକ କୃଷିକୁ ପ୍ରାଥମିକତା ଦିଅ

**ଭୁବନେଶ୍ୱର (ଏନ୍.ଏମ୍.) :** ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଔଷଧର ପ୍ରୟୋଗ ଯୋଗୁଁ ମାଟି କ୍ରମାଗତ ବିଷାକ୍ତ ହୋଇପଡୁଛି। ମୃର୍ତ୍ତିକା ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଲାଗି ଚାଷୀମାନେ ଅଧିକରୁ ଅଧିକ ପ୍ରାକୃତିକ ଓ ଜୈବିକ ଚାଷ କରିବା ଲାଗି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାଦ୍ୱାରା କେବଳ ମୃର୍ତ୍ତିକା ସୁସ୍ଥ ରହିବନାହିଁ; ବରଂ ଜୈବିକ ଚାଷରୁ ଉତ୍ପାଦିତ ଫସଲ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ମଧ ସୁରକ୍ଷିତ ରଖିବ।

ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ-୨୦୨୬'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡ୍‌ମ୍ୟାପ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି।

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏଥିରେ ଯୋଗଦେଇ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରି କହିଥିଲେ, ଚଳିତବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ। ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମ୍ରେ ପାଞ୍ଚ ଭାଗରୁ ଭାଗେ ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ। ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ। ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ




ଏକ ନୂଆ ପେଷ୍ଟିସାଇଡ୍ ଆକ୍ଟ ବା କୀଟନାଶକ ଆଇନ ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ମାଟିର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କହିଥିଲେ, ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ସମସ୍ତ ୫୮ଟି ସବ୍-ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯାଉଛି। ଓଡ଼ିଶାରେ ୧୮୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ସଫଳତାର ସହ କାର୍ଯ୍ୟ କରି ଗତ ଦୁଇ ବର୍ଷରେ ୧୨୬ କୋଟି ଟଙ୍କାର କାରବାର କରିଛନ୍ତି। କୋରାପୁଟ, କଳାହାଣ୍ଡି ଭଳି ୬ଟି ଜିଲାରେ ଏକଲକ୍ଷ ଏକର ଜମିରେ କଫି ବଗିଚାର ବିକାଶ କରାଯାଉଛି। ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦକତା କମ୍ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସୁଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିହାରର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ଛତିଶଗଡ଼ର କୃଷିମନ୍ତ୍ରୀ ରାମ ବିଚାର ନେତାମ, କେନ୍ଦ୍ରୀୟ କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗ ଯୋଗାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କେନ୍ଦ୍ରୀୟ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର ଏବଂ କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଡ. ମଙ୍ଗିଲାଲ୍ ଜାଟ୍ ମଞ୍ଚାସୀନ ଥିଲେ।




## ଝାଞ୍ଜି ଖରାରୁ ଆଶ୍ୱସ୍ତି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୁଡ଼ ପଣା ବଣ୍ଟନ

**କେନ୍ଦ୍ରାପଡା (ଏନ୍.ଏମ୍.) :** ଆମ ଓଡିଶା ମାଟି ସଂସ୍କୃତି ଓ ପରମ୍ପରାର ମାଟି ଅଟେ । ଏବେ ଗ୍ରୀଷ୍ମ ପ୍ରବାହ ସାରା ଓଡିଶାରେ ବଢ଼ି ଚାଲିଛି । ମଣିଷ ଠୁ ଆରମ୍ଭ କରି ପଶୁ ପକ୍ଷୀ ମଧ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ କବଳିତ । ଏଥିରୁ ଆଶ୍ୱସ୍ତି ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ପ୍ରକାରର ପଣା ବଣ୍ଟନ କରାଯାଉଛି । ଏଥିରେ ଆମ୍ବ ରସ, ସପୁରି ରସ, ବେଲ ପଣା, ପାନ ମଧୁରୀ ସରବତ, ପୁଦିନା ପାଣି, ଲେମ୍ବୁ ପାଣି ଇତ୍ୟାଦି । ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ବ୍ଲକ ରାସ୍ତାରେ ଅନୁଷ୍ଠିତ ହେଉଛି । ଏହା ଦୀର୍ଘ ଦୁଇ ମାସ ଧରି ଚାଲୁ ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି । ପଶୁମାନଙ୍କ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ପାଞ୍ଚ ଗୋଟି ଜଳ କୁଣ୍ଡର ବ୍ୟବସ୍ଥା କରାଯାଇଛି । ବୃଷ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡିଶାର ପାରମ୍ପରିକ 'ଗୁଡ଼ ପଣା' ବଣ୍ଟନ କରାଯାଇଛି । ଏହି ପଣାରେ ଗୁଡ଼, ନଡ଼ିଆ, ପାନ ମଧୁରୀ, ଗୁଜୁରାତି, ଲୁଣ, ବରଫ, ଗୋଲମରିଚ ଓ ପାଣିର ସମ୍ମିଶ୍ରଣ ଥିଲା । ଗ୍ରୀଷ୍ମ କାଳୀନ ସମୟରେ ଏହା ଶରୀର ପାଇଁ ବହୁତ ଉପାଦେୟ ବୋଲି ବୟସ୍କ ମାନେ ମତ ଦେଇଛନ୍ତି । କିଛି ବୃଦ୍ଧବୃଦ୍ଧା ମାନେ ଏହି ପଣା ପିଇ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ମୁଖପାତ୍ର ପ୍ରମୋଦ ନାୟକ, ସୁରେନ୍ଦ୍ରନାଥ ଶତପଥି,, ଗୌରାଙ୍ଗ ନାୟକ, ରଞ୍ଜନ ସାହୁ, ଯୋଗେନ୍ଦ୍ର ଜେନା, ଜଗବନ୍ଧୁ ଦାସ, କୁନି ସେବକ ସୋମ୍ୟ ରଞ୍ଜନ ପୃଷ୍ଟି ଓ ହରିଚନ୍ଦନ କର ସହଯୋଗ କରିଥିଲେ ।




## ବ୍ରହ୍ମାକୁମାରୀସ୍, ଶାନ୍ତିକୁଣ୍ଡ ସେବାକେନ୍ଦ୍ରର ୪୮ତମ ସ୍ୱନକ୍ଷତ୍ର ଉତ୍ସବ




**ବ୍ରହ୍ମପୁର(ଏନ୍.ଏମ୍.) :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ପ୍ରାଙ୍ଗଣରେ ସେବାକେନ୍ଦ୍ରର ୪୮ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚଳିତ ବର୍ଷର ମୁଖ୍ୟ ବିଷୟ 'ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ବିଶ୍ୱ ନବନିର୍ମାଣ' ସମ୍ପର୍କରେ ଆଲୋଚନା କରାଯାଇଥିଲା । ବ୍ରହ୍ମାକୁମାରୀସ୍ ସବଜୋନ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗିନୀ ମାଳା ଆମନ୍ତ୍ରିତ ବ୍ୟକ୍ତି ବିଶେଷଙ୍କୁ ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନର ଶୁଭାଭିନନ୍ଦନ ଜ୍ଞାପନ ସହ ଆଲୋଚ୍ୟ ବିଷୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ସମାଜର ସମସ୍ତ ବର୍ଗର ଉତ୍ସର୍ଗୀକୃତ ସାଧକମାନଙ୍କ ସହଯୋଗରେ ବର୍ତ୍ତମାନ ସୃଷ୍ଟିର ଚାରିତ୍ରିକ ସଙ୍କଟ ସମୟରେ ଏହି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନିଶ୍ଚିତ ବିଶ୍ୱନବନିର୍ମାଣ ଦିଗରେ ସହାୟକ ହୋଇପାରିବ ବୋଲି କହିଥିଲେ । ସେ ପୁଣି କହିଥିଲେ ଯେ, ପ୍ରତ୍ୟେକ ଜନସାଧାରଣ ବର୍ତ୍ତମାନର ପରିସ୍ଥିତିରେ ନକାରାତ୍ମକ ବିଚାର ପରିତ୍ୟାଗ ପୂର୍ବକ ସକାରାତ୍ମକତାର ଧାରଣ ଦ୍ୱାରା ଅସମ୍ଭବକୁ ସମ୍ଭବ କରି ସମାଜର ଦୁଃଖକଷ୍ଟକୁ ନିବାରଣ କରିପାରିବେ । ବ୍ରହ୍ମାକୁମାରୀ ପ୍ରଭାତି ଶାନ୍ତିକୁଣ୍ଡର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନର ସମ୍ୟକ ବିବରଣୀ ପ୍ରଦାନ ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ଆତ୍ମା ସତ୍ୟ ଗୁଣର ଧାରଣ ଏବଂ ଦିବ୍ୟଶକ୍ତିର ଅନୁଭବ ଆଧାରରେ ପରମାତ୍ମାଙ୍କୁ ଅନୁଭୂତି କରିବା ତଥା ଜୀବନରେ ଘଟୁଥିବା ପ୍ରତ୍ୟେକ ଘଟଣା ନିଶ୍ଚିତ ରୂପେ କଲ୍ୟାଣକାରୀ ବିବେଚନା କରିବା ହିଁ ବାସ୍ତବିକ ଆଧ୍ୟାତ୍ମିକ ଜାଗରଣ ଅଟେ । ଏପରି ପ୍ରତ୍ୟେକ ଆତ୍ମାଙ୍କ ଆଧ୍ୟାତ୍ମିକ ଜାଗରଣ ଅର୍ଥାତ ଗୁଣ ଏବଂ ଶକ୍ତିର ପ୍ରକମ୍ପନ ତଥା ପ୍ରତିଫଳନ ଦ୍ୱାରା ସମାଜ ସଠିକ ଦିଗରେ ପରିଚାଳିତ ହୋଇ ପରିଶେଷରେ ବିଶ୍ୱ ନବନିର୍ମାଣରେ ସହାୟକ ହୋଇପାରିବ । ବ୍ରହ୍ମାକୁମାରୀ ସୁଜାତା ପରମାତ୍ମାଙ୍କ ଯଥାର୍ଥ ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମାକୁମାରୀ କସ୍ତୁରୀ ରାଜଯୋଗ ଅଭ୍ୟାସ ଦ୍ୱାରା ପବିତ୍ରତା, ସୁଖ ଶାନ୍ତିର ଗହନ ଅନୁଭୂତି କରାଇଥିଲେ । ବ୍ରହ୍ମାକୁମାରୀ ଅର୍ଚ୍ଚନା ଈଶ୍ୱରୀୟବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ସୁପରିଚାଳନା କରିଥିଲେ । ପରିଶେଷରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶୁଭଙ୍କାକ୍ଷୀ ତଥା ସହଯୋଗୀ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଭ୍ରାତା ଅଜିତ କୁମାର ମହାପାତ୍ର ଏବଂ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପ୍ରବନ୍ଧକ ଭ୍ରାତା ପ୍ରଫୁଲ୍ଲ ଦାଶ ନିଜ ଶୁଭକାମନାରେ କାମ, କ୍ରୋଧାଦି ପାଞ୍ଚବିକାରକୁ ପରିତ୍ୟାଗ ପୂର୍ବକ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପନ୍ନ ହେବା ସକାଶେ ପ୍ରେରଣାପ୍ରଦାନ ସହ ଉକ୍ତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏହିପରି ଉଚ୍ଚସ୍ତରୀୟ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହରର ସମସ୍ତ ଆଧ୍ୟାତ୍ମିକ ପୀଠ, ମଠ, ମନ୍ଦିରର ଟ୍ରଷ୍ଟି, ପୂଜକ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସଭାପତି ତଥା ସମ୍ପାଦକ ଏବଂ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

### ଓଡ଼ିଶା ମେଟାଲିକ୍ ବିରୋଧରେ ଗର୍ଜିଲେ ମହିଳା ଓ ଅଞ୍ଚଳବାସୀ

## ଜଙ୍ଗଲ ଜମି ଉଦ୍ଧାର ନହେଲେ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ

**ଝାରସୁଗୁଡ଼ା (ଏନ୍.ଏମ୍.) :** ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ମରାକୁଟା ଠାରେ ଥିବା ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଦ୍ୱାରା ବେଆଇନ ଜଳ ଶୋଷଣ, ନଦୀ ପ୍ରଦୂଷଣ ଏବଂ ଜଙ୍ଗଲ ଜମି ଜବରଦଖଲ ପ୍ରତିବାଦରେ ଜମେରା, ଇବ୍, ମରାକୁଟା ଓ ବୁଢ଼ାପଦରର ଶତାଧିକ ଗ୍ରାମବାସୀ ବ୍ରଜରାଜନଗର ପୌରାଞ୍ଚଳର ଶତାଧିକ ମହିଳା ଏବଂ ଜନସାଧାରଣ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ପକ୍ଷରୁ ଗ୍ରୀଷ୍ମ ସମୟରେ ବାଣିଜ୍ୟିକ ବ୍ୟବହାର ପାଇଁ ଇବ ନଦୀରୁ ଜଳ ଉଠାଇବାକୁ କୌଣସି ଅନୁମତି ନଥିବା ସତ୍ତ୍ୱେ, ବେଆଇନ ଭାବେ ପାଇପ୍ ଲାଇନ ଯୋଗେ ପ୍ରଚୁର ପାଣି ଉଠାଯାଉଛି । ଏହାଫଳରେ ନଦୀ କୂଳରେ ଥିବା ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ଏବଂ ନଦୀ ସେପାରିରେ ଥିବା ବ୍ରଜରାଜନଗର ପୌରପାଳିକା ଅନ୍ତର୍ଗତ ରେମଜା, ତେଲେନପାଲି ପାଲି, ଇଟାଭଟା ଓ ଗୋଣ୍ଡଘୋରା ଆଦି ଗ୍ରାମରେ ଭୟଙ୍କର ଜଳ ସଙ୍କଟ ସୃଷ୍ଟି ହୋଇଛି । କମ୍ପାନୀ ନିଜ ପରିସର ମଧ୍ୟରେ ଅନୁମତି ଠାରୁ ଅଧିକ ଗଭୀର ନଳକୂପ ଖୋଦନ କରି ଭୂତଳ ଜଳ ଶୋଷଣ କରୁଥିବାରୁ ସ୍ଥାନୀୟ ଅଞ୍ଚଳର ସାଧାରଣ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଛି । ଅଞ୍ଚଳବାସୀଙ୍କ କହିବା କଥା ଯେ, ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ପାନୀୟ ଜଳ, ଜଳସେଚନ ଓ ନିତ୍ୟ ବ୍ୟବହାର ପାଇଁ ଇବ ନଦୀ ଉପରେ ନିର୍ଭର କରନ୍ତି । ମାତ୍ର କମ୍ପାନୀ ନିଜର ଦୂଷିତ ବର୍ଜ୍ୟଜଳକୁ ବେଆଇନ ଭାବେ ଜମେରା ନାଳ ମାଧ୍ୟମରେ ଇବ ନଦୀକୁ ଛାଡୁଥିବାରୁ ନଦୀ ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବାରେ ଲାଗିଛି, ଯାହା ସ୍ଥାନୀୟ ଜନଜୀବନ ଓ ପରିବେଶ ପ୍ରତି ବଡ଼ ବିପଦ ସୃଷ୍ଟି କରିଛି । ଏହା ସହିତ କମ୍ପାନୀ ପ୍ରାୟ ୧୦.୪୯ ଏକର ଜଙ୍ଗଲ ଜମିକୁ ବେଆଇନ ଭାବେ ନିଜ ଦଖଲରେ ରଖିଛି । ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଏହି ଏ.୧୦.୪୯ ଡିସିମିଲ ଗ୍ରାମ୍ୟ ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ନୋଟିସ ଜାରି କରିଥିଲେ ମଧ କମ୍ପାନୀ ଆଜି ପର୍ଯ୍ୟନ୍ତ ତାହାକୁ ଖାଲି କରିନାହିଁ । ଏହା ଜଳ ଆଇନ ୧୯୭୪, ପରିବେଶ ସୁରକ୍ଷା ଆଇନ ୧୯୮୬ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ର ସ୍ପଷ୍ଟ ଉଲ୍ଲଂଘନ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି । କିନ୍ତୁ ଝାରସୁଗୁଡା ତହସିଲଦାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ । ଗତ ମଇ ୧୩ ତାରିଖ ଠାରୁ ଅଞ୍ଚଳବାସୀ ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ପ୍ରତିବାଦ ଜାରି ରଖିଛନ୍ତି । ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନଙ୍କୁ ଗ୍ରାମବାସୀମାନେ ୪ଟି ଦାବି ଉପସ୍ଥାପନ କରିଛନ୍ତି ସେଗୁଡିକ ହେଲା ଇବ ନଦୀରୁ ବେଆଇନ ପାଣି ଉଠାଇବା ବନ୍ଦ ହେଉ, ଗଭୀର ନଳକୂପ ମାଧ୍ୟମରେ ଭୂତଳ ଜଳ ଶୋଷଣ ଉପରେ ରୋକ୍ ଲାଗୁ, ଜମେରା ନାଳରେ ଦୂଷିତ ଜଳ ନିଷ୍କାସନ ତୁରନ୍ତ ବନ୍ଦ କରାଯାଉ, ଜବରଦଖଲ ହୋଇଥିବା ଜଙ୍ଗଲ ଜମିକୁ ତୁରନ୍ତ ମୁକ୍ତ କରାଯାଉ । ଯଦି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜମି ମୁକ୍ତ କରାନଯାଏ, ତେବେ ଝାରସୁଗୁଡ଼ା ତହସିଲଦାରଙ୍କ ବିରୋଧରେ ମହାମହିମ ରାଷ୍ଟ୍ରପତି ଏବଂ ଜାତୀୟ ମାନବାଧିକାର କମିଶନଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁଁ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେଙ୍ଗଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ର ଗ୍ରହଣ କରିବା ସହ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୋରେଙ୍ଗ ପ୍ରତିନିଧି ମଣ୍ଡଳୀକୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ସେ ନିଜେ ଏହି ବିଷୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ଏବଂ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବେ । ଏହି ଦାବିପତ୍ର ଦେବା ସମୟରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ, ସୁରେଖା ଶେଖର ଦେଓ, ବିନ୍ଦୁରେଖା ଭୋଇ, ଜମେରାରୁ ସୁବାସିନୀ ସେଠ, ପ୍ରଭାସିନୀ ମାଲି, ସେବତୀ ଲୁହା, ଇବ୍ ଅଞ୍ଚଳରୁ ଜ୍ୟୋତ୍ସ୍ନା ମାଝୀ ଏବଂ ବୁଢ଼ୀପଦରରୁ ଟିକେଶ୍ୱରୀ ପ୍ରଧାନ ଓ ଆରତୀ ସାହୁଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।




## ଗାରାବନ୍ଧ ପ୍ରାଥମିକ ଚିକିତ୍ସାଳୟକୁ ପାରଳାଖେମୁଣ୍ଡି ବିଧାୟକଙ୍କ ଅଚାନକ ଗ୍ରସ୍ତ

**ପାରଳାଖେମୁଣ୍ଡି, (ଏନ୍.ଏମ୍.) :** ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଗାରବନ୍ଧ ପ୍ରାଥମିକ ଚିକିତ୍ସାଳୟ କୁ ଅଚାନକ ପାରଳାଖେମୁଣ୍ଡି ବିଧାୟକ ରୁପେସ ପାଣିଗ୍ରାହି ଗ୍ରସ୍ତ କଲେ , ଚଳିତ ସପ୍ତାହରେ ଜଣେ ରୋଗୀ ଆସି ଫେରିବା ଓ ଚିକିତ୍ସାଳୟ ଚାବି ପଡ଼ିବା ଘଟଣା ଜାଣିବା ପରେ ଆଜି ବିଧାୟକ ଅଚାନକ ଆସି ପହଞ୍ଚିଥିଲେ, ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ କି ଏହି ଚିକିତ୍ସାଳୟ ଠିକ୍ ସମୟ ରେ ଖୋଲା ଯାଉନାହିଁ, ଏହି ଅଞ୍ଚଳ ବାସି ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି, ତେଣୁ ସ୍ଥାନୀୟ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଟି ୨୪ ଘଣ୍ଟା ଖୋଲିବା ପାଇଁ ଦାବି ରଖିଛନ୍ତି, ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଡିଲେ ବିଭାଗୀୟ ଅଧିକାରୀ ଓ ବିଭିଗୀୟ ମନ୍ତ୍ରୀ ଙ୍କୁ ଅବଗତ କରାଇ ୨୪ ଘଣ୍ଟିଆ ଖଲିବା ପାଇଁ ଓ ଆବଶ୍ୟକ ଥିବା କର୍ମଚାରୀ ନିଯୁକ୍ତି କରିବା ପାଇଁ ନିବେଦନ କରିବେ ବୋଲି ଜଣାଇଛନ୍ତି ଏହି ଗ୍ରସ୍ତ ସମୟରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧକ୍ଷ ଏନ୍ ବିରରାଜୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।



## ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କଲେ ବ୍ରହ୍ମପୁର ବିଧାୟକ



**ବ୍ରହ୍ମପୁର(ଏନ୍.ଏମ୍.) :** ଭୁବନେଶ୍ୱର ଠାରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ମାନନୀୟ ନୀତିନ ନବୀନଙ୍କ ଓଡିଶା ଗ୍ରସ୍ତ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ବିଧାୟକ କେ. ଅନିଲ କୁମାର । ରାଷ୍ଟ୍ରୀୟ ଅଧକ୍ଷଙ୍କ ଓଡ଼ିଶା ଗ୍ରସ୍ତ ଦ୍ୱାରା ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ମନୋବଳ ଅଧିକ ଦୃଢ଼ ହୋଇଛି ଏବଂ ସଂଗଠନକୁ ନୂଆ ଶକ୍ତି ଓ ଦିଗଦର୍ଶନ ମିଳିଛି । ତାଙ୍କର ଅମୂଲ୍ୟ ମାର୍ଗଦର୍ଶନ ଓ ପ୍ରେରଣାରେ ଓଡ଼ିଶା ରେ ଭାଜପା ଦଳ ଆଗାମୀ ଦିନରେ ଆହୁରି ଅଧିକ ଶକ୍ତିଶାଳୀ ହୋଇ ରାଜ୍ୟ ଓ ଦେଶ ସେବାରେ ସଦା ଅଗ୍ରଣୀ ଭୂମିକା ନିଭାଇବ ବୋଲି ଆମର ଦୃଢ଼ ସଂକଳ୍ପ ।

## ନୟାଗଡ଼ରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




**ନୟାଗଡ଼(ଏନ୍.ଏମ୍.) :** ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ , ଖଣ୍ଡପଡ଼ା ବିଧାୟକ ତଥା- ଯୋଜନା ବୋର୍ଡ଼ ଅଧକ୍ଷ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ, ବାଚସ୍ପତି ତଥା ବିଧାୟକ ରଣପୁରଙ୍କ ପ୍ରତିନିଧି ଅଭିଷେକ ସାମନ୍ତରାୟ, ଜିଲ୍ଲା ପରିଷଦ ଅଧକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତପତି ରାଜ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ବୈଠକ ପରିଚାଳନା କରିଥିଲେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ତପତି ରାଜ । ବୈଠକର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା । ପରେ ପରେ ପୂର୍ବ ବର୍ଷର ବୈଠକର ବିବରଣୀ ଅନୁଯାୟୀ ଆଲୋଚନା କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଅଭିପ୍ରାୟରେ କହିଲେ ଯେ ଜିରୋ କାଜୁଆଲିଟି ରଖି ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା କରାଯିବ । ବିପର୍ଯ୍ୟୟ ସମୟରେ ତ୍ୱରିତ ଭାବେ କାର୍ଯ୍ୟ କ୍ଷେତ୍ରରେ ପ୍ରତ୍ୟେକ ବିଭାଗ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ସେହିପରି ବିଧାୟକ ନୟାଗଡ ବକ୍ତବ୍ୟରେ କହିଲେ ଯେ, ଭବିଷ୍ୟତର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରିଜୋଲିୟୁସନ କରାଯାଉ । କାଳ ବୈଶାଖୀ/ ବଜ୍ରପାତ/ ମରୁଡ଼ି ଏବଂ ବନ୍ୟା ସମୟରେ ସତର୍କ ରହିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ବିଧାୟକ ଖଣ୍ଡପଡ଼ା ମଣିପୁର ନଦୀବନ୍ଧ ନିର୍ମାଣ ପାଇଁ ବନ୍ୟାର ଭୟ ନଥିବା କଥା ପ୍ରକାଶ କରିଥିଲେ ଏବଂ ପୂର୍ବ ବର୍ଷ ଭଳି ପ୍ରଶାସନ ସମୀକ୍ଷା କରି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ବିଧାୟକ ରଣପୁରଙ୍କ ପ୍ରତିନିଧିଙ୍କ ଜିଲ୍ଲାର ଉନ୍ନତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ରହିଥିଲା । ସମୟ ନିର୍ଘଣ୍ଟ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ଯନ୍ତ୍ରୀ, ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ବିଦ୍ୟୁତ ବିଭାଗ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବିଷୟରେ ପିଡବ୍ଲୁଡି ଏବଂ ଆରଡବ୍ଲୁଏସଏସ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ସେବା ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅଂଶୁଘାତ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବିପର୍ଯ୍ୟୟ ସମୟରେ ସମସ୍ତ ଲାଇନ୍ ବିଭାଗ ଅଧିକାରୀମାନଙ୍କର ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ପିଇଓ

### ୧୮ ହଜାର ଲାଞ୍ଚ ନେଇଥିବା ବେଳେ ମାଡିବସିଲା ଭିଜିଲାନ୍ସ

**ବାରିପଦା (ଏନ୍.ଏମ୍.) :** ରାଜ୍ୟରେ ଦିନକୁ ଦିନ ଦୁର୍ନୀତି ହାର ବଢ଼ିବାରେ ଲାଗିଛି । ଏହାକୁ ସରକାରୀ କର୍ମଚାରୀମାନେ ଅଧିକ ପ୍ରୋତ୍ସାହିତ ଦେଉଛନ୍ତି । ଏହାର ଚେର ଛୋଟ କର୍ମଚାରୀ ଠାରୁ ଆରମ୍ଭ କରି ବଡ ବଡ ସରକାରୀ ବାବୁଙ୍କ ପର୍ଯ୍ୟନ୍ତ ଲମ୍ବି ବାରେ ଲାଗିଛି । ଧରପଗଡରେ କର୍ମଚାରୀମାନେ ଧରାପଡୁଛନ୍ତି । ତଥାପି ଚେତା ପଶୁନି । ପୁଣି ଜଣେ କରିତକର୍ମା ଅଧିକାରୀ ଭିଜିଲାନ୍ସ ହାବୁଡରେ ପଡିଛନ୍ତି । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ମିରିଗିନେଣ୍ଡି ପଞ୍ଚାୟତର ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ) ପର୍ଶୁରାମ ନାୟକ ଜଣେ କର୍ମଚାରୀ ଠିକା ପମ୍ପ ଅପରେଟର ସୁବ୍ରତ ନାଏକ ଙ୍କଠାରୁ ତାଙ୍କର ବକେୟା ପାରିଶ୍ରମିକ ପାଇଁ ପ୍ରକ୍ରିୟାକରଣ ଏବଂ ନିୟମିତ ପାରିଶ୍ରମିକ ସମ୍ପୃକ୍ତ ଆହୁରି ସହଜ କରିବା ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ବିଡିଓଙ୍କ ଦ୍ୱାରା ପାରିଶ୍ରମିକ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଉକ୍ତ କର୍ମଚାରୀ ୨୦୨୩ ମାର୍ଚ୍ଚ ୨୬ ରୁ ୨୦୨୪ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ତାଙ୍କର ପାରିଶ୍ରମିକ ପାଇ ନ ଥିଲେ । ଏଥି ପାଇଁ ସୁବ୍ରତ ପିଇଓ ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ନାୟକ କାମ କରିବା ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । କର୍ମଚାରୀ ଜଣକ ବାଲେଶ୍ୱର ଭିଜିଲାନ୍ସକୁ ଜଣାଇବା ପରେ ଟଙ୍କା ନେଇଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ।ଭିଜିଲାନ୍ସ ବିଭାଗ କରଞ୍ଜିଆ ବ୍ଲକ କଲୋନିସ୍ଥ ସରକାରୀ ବାସଭବନ,ଭଡାଘର ଏବଂ ଠାକୁରମୁଣ୍ଡା ବ୍ଲକ ସାଲେଇବେଡାସ୍ଥିତ ପୈତୃକ ଘର ଚଢାଉ କରାଯାଇଥିଲା । ଏନେଇ କେଶ ନଂ ୭/୨୫ ରେ ମାମଲା ରୁଜୁ କରାଯାଇ ପିଇଓ ପର୍ଶୁରାମ ନାଏକଙ୍କୁ ଗିରଫ କରାଯାଇଛି ।



ସୂଚନାଯୋଗ୍ୟ, ଡବଲ ଇଞ୍ଜିନ ସରକାର ଆସିବା ପରେ ଦୁର୍ନୀତିକୁ ହଟାଇବା ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଦିନକୁ ଦିନ ଲୋକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ହେଲେ ସଚେତନତା କରାଯାଉଥିଲେ ମଧ କିଛି ଟଙ୍କା ଲାଗି କର୍ମଚାରୀମାନେ ନିଜ ମୁଣ୍ଡ ବିକ୍ରି କରୁଛନ୍ତି । ବିଶେଷ କରି ସରକାରୀ କର୍ମଚାରୀମାନଙ୍କ ମୋଟା ଅଙ୍କର ଦରମା ପ୍ରଦାନ କରୁଥିଲେ ମଧ ସେମାନଙ୍କୁ ଲୋଭ ଗ୍ରାସ କରୁଛନ୍ତି । ଫଳରେ ଲାଞ୍ଚ ନେବାକୁ ପଛ ଘୁଞ୍ଚା ଦେଉନାହାନ୍ତି । ନିରୀହ ଲୋକଙ୍କ ଠାରୁ ବିଭିନ୍ନ କାର୍ଯ୍ୟରେ ଆଳ ଦେଖାଇ ଟଙ୍କା ନେଉଛନ୍ତି । ଶେଷରେ ଧରାପଡଉ ହରଡ ଘଣାରେ ପଡଉଛନ୍ତି । ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ କଠୋର ନିୟମ ପ୍ରଣୟନ କରିବା ଲାଗି ସାଧାରଣ ଲୋକ ଦାବି କରିଛନ୍ତି ।

## ଅଜଣା ଗାଡି ଧକ୍କାରେ କ୍ଷତବିକ୍ଷତ ହେଟାବାଘ ; ଉଦ୍ଧାର କଲା ମାଲକାନାଗିରି ବନ ବିଭାଗ

**ମାଲକାନାଗିରି(ଏନ୍.ଏମ୍.) :** ଅଜଣା ଗାଡି ଧକ୍କାରେ ଗୁରୁତର ଆହତ ହୋଇଛି ହେଟାବାଘ । ଫୋନ୍ ଯୋଗେ ଖବର ପାଇ ବନ ବିଭାଗର ଆର.ଆର.ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ହେଟାକୁ ଉଦ୍ଧାର କରିଛନ୍ତି । ସୂଚନା ଅନୁଯାୟୀ, ମାଲକାନାଗିରି କୋରୁକୋଣ୍ଡ ମୁଖ୍ୟରାସ୍ତା ଏମଭି ୧୧ ନମ୍ବର ବ୍ରିଜ୍ ପାଖରେ ଏକ ହେଟାବାଘ ପଡ଼ିରହିଥିବା ଦେଖି ବନ ବିଭାଗକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ । ଖବର ପାଇ ମାଲକାନାଗିରି ରେଞ୍ଜର ରମେଶ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଏକ ସ୍ୱତନ୍ତ୍ର ରେସ୍କ୍ୟୁ ଗାଡି ସହ ଆର.ଆର.ଟି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ସକାଳ ସମୟରେ କୌଣସି ଏକ ଅଜଣା ଗାଡି ସହ ଧକ୍କା ହେବା ଫଳରେ ହେଟାବାଘର ଆଗ ଗୋଡ଼ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । କେବଳ ସେତିକି ନୁହେଁ, କିଛି ଲୋକଙ୍କ ଆକ୍ରମଣରେ ତାର ଆଖିରେ ମଧ ଗଭୀର ଆଘାତ ଲାଗିଥିବା ସୂଚନା ଦେଇଛନ୍ତି । ବିଭାଗ ପକ୍ଷରୁ ହେଟାକୁ ସଫଳତାର ସହ ରେସ୍କ୍ୟୁ କରି ମାଲକାନାଗିରି ରେଞ୍ଜ ଅଫିସକୁ ଅଣାଯାଇ ସେଠାରେ ତାର ପ୍ରାଥମିକ ଚିକିତ୍ସା କରି ଅଧିକ ଏବଂ ଉନ୍ନତମାନର ଚିକିତ୍ସା ପାଇଁ ତାକୁ ନବରଙ୍ଗପୁର ସ୍ଥିତ ରେସ୍କ୍ୟୁ ସେଣ୍ଟରକୁ ପଠାଯାଇଥିବା ରେଞ୍ଜ ଅଫିସର୍ ଶ୍ରୀ ରାଉତ କହିଛନ୍ତି । ହେଟାବାଘଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ପୁଣିଥରେ ଜଙ୍ଗଲରେ ଛାଡ଼ିଦିଆଯିବ । ଅନ୍ୟପଟେ ବନ ଅଧିକାରୀ ଗାଡି ଚାଳକମାନଙ୍କୁ ସତର୍କ କରାଇ ଦେଇଛନ୍ତି କି, ଜଙ୍ଗଲିଆ ରାସ୍ତାରେ ଯାତାୟାତ ସମୟରେ ଗାଡିର ବେଗ ଧିମା ରଖନ୍ତୁ । ଏଭଳି ବନ୍ୟଜନ୍ତୁଙ୍କୁ ଆଘାତ ପହଞ୍ଚାଇବା ଏକ ଦଣ୍ଡନୀୟ ଅପରାଧ ଏବଂ ଏହି ଘଟଣାର ତଦନ୍ତ କରାଯାଇ ଯଦି ଦୋଷୀ ଚିହ୍ନଟ ହୁଅନ୍ତି ତାହେଲେ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହିତ ସ୍ଥାନୀୟ ଲୋକମାନଙ୍କୁ ମଧ ବନ୍ୟଜନ୍ତୁଙ୍କ ପ୍ରତି ଦୟାଭାବ ରଖିବାକୁ ଏବଂ ଅଯଥାରେ ସେମାନଙ୍କୁ ଆକ୍ରମଣ ନକରିବାକୁ ଅନୁରୋଧ କରାଯାଇଛି ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ୫୧,୦୦୦ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ...

ନିର୍ମାତା। ଭାରତର ସରକାରୀ ଏବଂ ବେସରକାରୀ କ୍ଷେତ୍ର ମିଳିତ ଭାବରେ ଏପରି ଅନେକ ପଦକ୍ଷେପରେ ବ୍ୟାପକ ନିବେଶ କରୁଛନ୍ତି। ଏହି ନିବେଶ ଏଠାରେ ଦେଶର ଯୁବବର୍ଗମାନଙ୍କୁ ନିଯୁକ୍ତି ପ୍ରଦାନ କରୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରୁଛି।ଜଣେ ସରକାରୀ କର୍ମଚାରୀ ଭାବରେ, ଆପଣଙ୍କୁ ଏହା ମଧ୍ୟ ମନେ ରଖିବାକୁ ପଡିବ ଯେ ଦେଶ ପାଇଁ ସହଜ ବ୍ୟବସାୟ କେତେ ବଡ଼ ପ୍ରାଥମିକତା। ଭାରତର ବିକାଶ କାହାଣୀରେ ଭିତ୍ତିଭୂମି ଏକ ବିରାଟ ଭୂମିକା ଗ୍ରହଣ କରେ। ଯେତେବେଳେ ଦୂରଦୂରାନ୍ତର ଅଞ୍ଚଳଗୁଡ଼ିକ ବିକାଶ ସହିତ ଯୋଡ଼ି ହୋଇଯାଏ, ସେତେବେଳେ ପ୍ରଗତିର ଲାଭ ଅଧିକ ଲୋକଙ୍କ ପାଖରେ ପହଞ୍ଚିଥାଏ। ଗତ ୧୨ ବର୍ଷ ମଧ୍ୟରେ ପ୍ରତ୍ୟେକ ସ୍ତରରେ କାମ କରାଯାଇଛି। ଆଜି ଗାଁଗୁଡ଼ିକରେ ମଧ୍ୟ ଦ୍ରୁତ ପରିବର୍ତ୍ତନ ଦୃଶ୍ୟମାନ ହେଉଛି। ବୃଦ୍ଧି ପାଉଥିବା ସଂଯୋଗ ସହିତ, ଚାଷୀ, ଛୋଟ ବ୍ୟବସାୟୀ ଏବଂ ଛାତ୍ରଙ୍କ ପାଇଁ ନୂତନ ରାସ୍ତା ଖୋଲିଛି। କୋଟି କୋଟି ନୂତନ ପରିବାର ସ୍ଥାୟୀ ଘର ପାଇଛନ୍ତି। ମୁଁ କେବେବି ମୋର ସ୍ୱଚ୍ଛତା ଅଭିଯାନକୁ ଭୁଲିବାକୁ ଦେଉନାହିଁ। ଆମେ ଶୌଚାଳୟର ଭୂମିକା ଉପରେ ମଧ୍ୟ ଗୁରୁତ୍ୱ ଦେଉଛୁ। ଆଜି କୋଟି କୋଟି ଘରେ ବିଦ୍ୟୁତ୍ ପହଞ୍ଚିଛି। ଆଜି ଭାରତର ଯୁବପିଢ଼ିଙ୍କ ପାଖରେ ଯେଉଁ ପ୍ରକାରର ସୁଯୋଗ ଅଛି ତାହା ଅନ୍ୟ କୌଣସି ସୁଯୋଗଠାରୁ ଭିନ୍ନ। ଏସବୁ ବହୁତ ଦ୍ରୁତ ଗତିରେ ଘଟୁଛି। ବିଭିନ୍ନ କ୍ଷେତ୍ରରେ ଅଗଣିତ ସୁଯୋଗ ଆମ ପାଇଁ ଅପେକ୍ଷା କରିଛି। ଆମର ପ୍ରୟାସ ହେଉଛି ଯେ ସର୍ବାଧିକ ଯୁବକ ଏହି ନୂତନ ସୁଯୋଗର ଲାଭ ଉଠାଇପାରିବେ। ଦେଶର ଯୁବପିଢ଼ିଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ପୂର୍ଣ୍ଣ ସୁଯୋଗ ପାଇବାକୁ ସୁନିଶ୍ଚିତ କରିବା ପାଇଁ, ଦକ୍ଷତା ବିକାଶ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଉପରେ ନିରନ୍ତର ଗୁରୁତ୍ୱ ଦିଆଯାଉଛି। ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପରିବର୍ତ୍ତନ କେବଳ ବଡ଼ ସହର ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ପରିବର୍ତ୍ତନରେ ଆମର ମହିଳା ଶକ୍ତିର ଭୂମିକା ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଆଜି, ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ସଂଖ୍ୟା ବହୁଳ ଭାବରେ ଆରମ୍ଭ ହେଉଛି। ଆଜି, ଗାଁ ଏବଂ ଛୋଟ ସହରରେ ପୂର୍ବ ଅପେକ୍ଷା ଅଧିକ ମହିଳା ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି। ସରକାରୀ ଚାକିରି ଲୋକଙ୍କ ଜୀବନକୁ ସହଜ କରିବାର ଏକ ମାଧ୍ୟମ। ଆପଣ ଯେଉଁ ବିଭାଗରେ କାମ କରିବେ, ଆପଣଙ୍କର ଆଚରଣ, ସମ୍ବେଦନଶୀଳତା ଏବଂ ଆଭିମୁଖ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଆପଣଙ୍କ କାମ, ଆପଣଙ୍କ ଆଚରଣ, ଆପଣଙ୍କ କଥା ଏବଂ ଆପଣଙ୍କ ଆଚରଣ ମାଧ୍ୟମରେ ବିଶ୍ୱାସକୁ ସୁଦୃଢ଼ କରିବା ଆପଣଙ୍କର ଦାୟିତ୍ୱ। ପ୍ରତ୍ୟେକ ଯୁବବର୍ଗ ନିଜ କାମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କରିବା ଉଚିତ। ଆପଣ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ସରକାରଙ୍କ ବାହୁ, ସରକାରଙ୍କ ଶକ୍ତି। ଆଜି, ଭାରତର ଲୋକଙ୍କ ଆକାଂକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମୁଁ ଏହାକୁ ବିକାଶର ଏକ ସକାରାତ୍ମକ ସଙ୍କେତ ମଧ୍ୟ ମନେ କରେ। ମୁଁ ଆପଣଙ୍କୁ କର୍ମଯୋଗୀ ପ୍ଲାଟଫର୍ମର ସୁଯୋଗ ନେବାକୁ ଅନୁରୋଧ କରୁଛି। ଭାରତର ଯୁବପିଢ଼ି ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରୁଛନ୍ତି। ଏହି ସମାନ ଶକ୍ତି ସାର୍ବଜନୀନ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେବା ଉଚିତ। ଲୋକଙ୍କ ସେବା କରିବା ହେଉଛି ଈଶ୍ୱରଙ୍କ ସେବା। ମୁଁ ବିଶ୍ୱାସ କରେ ଯେ ନିଯୁକ୍ତି ପତ୍ର ପାଉଥିବା ଯୁବ ସହକର୍ମୀମାନେ ଏଥିରେ ଯୋଗଦାନ ଦେବେ। ଆମର ମନ୍ତ୍ର ହେଉଛି 'ନାଗରିକ ଦେବୋ ଭବଃ'। ନାଗରିକଙ୍କ କଲ୍ୟାଣ ଆମର କର୍ତ୍ତବ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆହୁରି ମଜବୁତ ହେବ ବାଣିଜ୍ୟିକ ସମ୍ପର୍କ ...

ପରସ୍ପର ରାଜ୍ୟ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିବେ। ଓଡ଼ିଶାର ଯୁବକ ଯୁବତୀମାନେ ଯେପରି ଜାପାନରେ ଅଧିକ ନିଯୁକ୍ତି ପାଇପାରିବେ, ସେଥିପାଇଁ ଜାପାନର ପ୍ରମୁଖ ରିକ୍ରୁଟମେଣ୍ଟ ଏଜେନ୍ସିଗୁଡ଼ିକ ଓଡ଼ିଶାରେ କାମ କରିବେ ଏବଂ ଆବଶ୍ୟକ ସହଯୋଗ ଯୋଗାଇଦେବେ। ଓଡ଼ିଶାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଜାପାନର ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରି ଶିଳ୍ପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ସାଂସ୍କୃତିକ ସମ୍ପର୍କ ଏବଂ ଓଡ଼ିଶାର ପ୍ରସିଦ୍ଧ 'ବୁଦ୍ଧିଷ୍ଟ ସର୍କିଟ୍' ସହ ଅନ୍ୟାନ୍ୟ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ କନସୁଲ ଜେନେରାଲ୍ ଗୁରୁତ୍ୱାରୋପ କରିଛନ୍ତି। 'ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି।' ବୋଲି ଜାପାନ କନସୁଲ ଜେନେରାଲ କହିଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟତଃ ବାଣିଜ୍ୟ ଓ ପୁଞ୍ଜିନିବେଶ, ଆଧୁନିକ ଟେକ୍ନୋଲୋଜି ଆଦାନପ୍ରଦାନ, ପର୍ଯ୍ୟଟନ ଏବଂ ବୁଦ୍ଧିଷ୍ଟ ସର୍କିଟ୍ ପ୍ରସାର, ଉଚ୍ଚଶିକ୍ଷା କ୍ଷେତ୍ରରେ ସହଭାଗୀତା କ୍ଷେତ୍ରଗୁଡ଼ିକର ବିକାଶ ଏବଂ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସହମତି ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାଡ଼ି ଆସିବ ବିନାଶ, ବିଗିଡିବ ଜଳବାୟୁ ...

୧୫୦ ବର୍ଷର ରେକର୍ଡ ଭାଙ୍ଗିବା ନେଇ ବିଶ୍ୱ ପାଣିପାଗ ବିଶେଷଜ୍ଞ ଅନୁମାନ ଲଗାଇଛନ୍ତି। ଏହାର ପ୍ରଭାବ ଭାରତ ଉପରେ ସର୍ବାଧିକ ପଡ଼ିବାକୁ ଯାଉଛି। ବିଶ୍ୱବ୍ୟାପୀ ବୈଜ୍ଞାନିକମାନେ ସମ୍ଭାବ୍ୟ 'ସୁପର ଏଲ୍ ନିନୋ'କୁ ନେଇ ବର୍ତ୍ତମାନ ଖୁବ ଚିନ୍ତିତ। ପ୍ରାରମ୍ଭିକ ସଙ୍କେତ ଦର୍ଶାଉଛି ଯେ ସୁପର ଏଲ୍ ନିନୋ ଦ୍ରୁତ ଗତିରେ ବଳ ଜୁଟାଇବ ଏବଂ ବିଗତ କେଇ ଦଶନ୍ଧିର ସବୁଠୁ ବିପଜ୍ଜନକ ତଥା ଶକ୍ତିଶାଳୀ ଏଲ୍ ନିନୋରେ ପରିଣତ ହୋଇଯିବ। ବୈଜ୍ଞାନିକଙ୍କ ମତ ଯେ ଯଦି ସୁପର ଏଲ୍ ନିନୋ ସୃଷ୍ଟି ହୁଏ, ତେବେ ଏହାର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିପାରେ। କିନ୍ତୁ ଭାରତ ଉପରେ ଏହାର ପ୍ରଭାବ ଅଧିକ ବିନାଶକାରୀ ହେବ। ଏହା ପ୍ରଭାବରେ ମୌସୁମୀ ଦୁର୍ବଳ ହୋଇଯିବ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଧିକାଂଶ ଅଞ୍ଚଳରେ ମରୁଡ଼ି ସ୍ଥିତି ଉପୁଜିବ। ଭୀଷଣ ଗରମ ଅନୁଭୂତ ହେବ। ଦୀର୍ଘଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଚାଷବାସ ସବୁ ବରବାଦ ହୋଇଯିବ। ଏଲ୍ ନିନୋର ପ୍ରଭାବ ସାଧାରଣତଃ ଦକ୍ଷିଣ ଆମେରିକା ନିକଟ ପ୍ରଶାନ୍ତ ମହାସାଗରରେ ଆରମ୍ଭ ହୋଇଥାଏ। କିନ୍ତୁ ଏହାର ପ୍ରଭାବ ହଜାର ହଜାର କିଲୋମିଟର ଦୂର ଭାରତ ପର୍ଯ୍ୟନ୍ତ ପହଞ୍ଚିଥାଏ। ସ୍ୱାଭାବିକ ସ୍ଥିତିରେ ଦକ୍ଷିଣ ଆମେରିକା ନିକଟ ସମୁଦ୍ର ପାଣି ଥଣ୍ଡା ରହିଥାଏ, ଯେବେ କି ଇଣ୍ଡୋନେସିଆ ଓ ଫିଲିପାଇନ୍ସ ପଟେ ପାଣି ଅଧିକ ଗରମ ହୋଇଥାଏ। ବର୍ତ୍ତମାନ ପୂର୍ବରୁ ପଶ୍ଚିମମୁହାଁ ବାୟୁ (ଯାହାକୁ ଟ୍ରେଡ୍ ୱିଣ୍ଡ କୁହାଯାଏ) ଏହି ଗରମ ପାଣିକୁ ଏସିଆ ଆଡ଼କୁ ଠେଲିବାରେ ଲାଗିଛି। ଏହାଦ୍ୱାରା ଏସିଆ ଆଡ଼କୁ ଗରମ ପାଣି ଜମା ହେବାରେ ଲାଗିଛି। ଭାରତରେ ମୌସୁମୀ ମୁଖ୍ୟତଃ ଆରବ ସାଗର ଏବଂ ଭାରତ ମହାସାଗରରୁ ଆସୁଥିବା ଥଣ୍ଡା ବାୟୁ ଉପରେ ନିର୍ଭରଶୀଳ। କିନ୍ତୁ ଏଲ୍ ନିନୋ ବେଳେ ବାୟୁର ପାଟର୍ନ ବଦଳିଯାଏ। ଯାହାଦ୍ୱାରା ଭାରତରେ ସ୍ୱଳ୍ପ ବାଦଲ ସୃଷ୍ଟି ହୁଏ ଏବଂ ବର୍ଷା ପରିମାଣ କମିଯାଏ। ଏପ୍ରିଲ, ମେ ଏବଂ ଜୁନରେ ଯେତେବେଳେ ଆକାଶ ପରିଷ୍କାର ଥାଏ, ସୂର୍ଯ୍ୟଙ୍କ କିରଣ ସିଧାସଳଖ ଭୂମି ଉପରେ ପଡ଼ିଥାଏ। ଏହାଦ୍ୱାରା ଭୂପୃଷ୍ଠ ଦ୍ରୁତ ଗତିରେ ଉତ୍ତପ୍ତ ହୋଇଥାଏ। ଫଳରେ ଉତ୍ତର ଭାରତ, ମଧ୍ୟ ଭାରତ, ରାଜସ୍ଥାନ, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ଭଳି ଅଞ୍ଚଳରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏହା ପୂର୍ବରୁ ୨୦୨୩ରେ ଶକ୍ତିଶାଳୀ ଏଲ୍ ନିନୋ କାରଣରୁ ଭାରତର ଅନେକ ସହରରେ ତାପମାତ୍ରା ୪୫ରୁ ୪୮ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେ ସମୟରେ ମୌସୁମୀ ଦୁର୍ବଳ ରହିଥିଲା। ବର୍ଷା କମ୍ ହେବା ସହ ଅଧିକ ସମୟ ପର୍ଯ୍ୟନ୍ତ ତତି ବଳବତ୍ତର ଥିଲା। ବିଶେଷଜ୍ଞଙ୍କ ଅନୁସାରେ, ଏ ବର୍ଷ ଏଲ୍ ନିନୋ ଆହୁରି ଅଧିକ ବିନାଶକାରୀ ରୂପ ନେବ। ଏହାକୁ 'ସୁପର ଏଲ୍ ନିନୋ' କୁହାଯାଏ। ଯେତେବେଳେ ମଧ୍ୟ- ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକରୁ ୨ ଡିଗ୍ରୀ ସେଲ୍ସିୟସ ବା ତା'ଠାରୁ ଅଧିକ ବଢ଼ିଯାଏ, ତାହାକୁ 'ସୁପର ଏଲ୍ ନିନୋ' କୁହାଯାଏ। ତେବେ ମଧ୍ୟ-ପ୍ରଶାନ୍ତ ମହାସାଗରର ତାପମାତ୍ରା ପୂର୍ବରୁ ହିଁ ପ୍ରାୟ +୦.୯ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ପହଞ୍ଚି ସାରିଛି ଏବଂ ସମୁଦ୍ର ଭିତରେ ବଡ଼ ମାତ୍ରାରେ ଗରମ ପାଣି ଜମା ହେବାରେ ଲାଗିଛି। ୧୯୫୦ ପରେ ସୁପର ଏଲ୍ ନିନୋ ଭଳି ସ୍ଥିତି ବହୁତ କମ୍ ଥର ଦେଖିବାକୁ ମିଳିଛି। ୧୯୮୨, ୧୯୯୭ ଏବଂ ୨୦୧୫ରେ ସୁପର ଏଲ୍ ନିନୋର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ଏଥର ବୈଜ୍ଞାନିକମାନେ ଅଧିକ ଚିନ୍ତିତ ହେବାର କାରଣ ପ୍ରଶାନ୍ତ ମହାସାଗର ପାଣି ବହୁତ ଦ୍ରୁତ ଗତିରେ ଗରମ ହେବାକୁ ଲାଗିଛି। ପୂର୍ବରୁ ହିଁ ବିଶ୍ୱତାପନ ଯୋଗୁ ସମଗ୍ର ପୃଥିବୀ ଉତ୍ତପ୍ତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଯଦି ସୁପର ଏଲ୍ ନିନୋ ଆସେ, ତେବେ ତାହାର ପ୍ରଭାବ ଆହୁରି ଭୟଙ୍କର ପାଲଟିବ। ସମୁଦ୍ର ଭିତରେ ଜମା ହେଉଥିବା ଗରମ ପାଣି ଉପରକୁ ଆସି ବାତାବରଣକୁ ଆହୁରି ଅସହ୍ୟ କରିଦେବ। ଉତ୍ତର, ମଧ୍ୟ ଏବଂ ପଶ୍ଚିମ ଭାରତ ଉପରେ ଏହାର ପ୍ରଭାବ ଅଧିକ ରହିବ। ଗରମ ଅନେକ ପୁରୁଣା ରେକର୍ଡ ଭାଙ୍ଗିଦେବ। ସମଗ୍ର ପୃଥିବୀ ତତଲା ତାୱା ଭଳି ଅନୁଭୂତ ହେବ।

## ଅସରପା ଜନତା ପାର୍ଟିର ଡେବ୍ୟୁ ...

ସମ୍ଭବତଃ ଗୋଟିଏ କଟାକ୍ଷ। ନିକଟରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ବେକାରୀ ଯୁବଗୋଷ୍ଠୀଙ୍କୁ ଅସରପା ଓ ପରଜୀବୀ କହିଥିଲେ। ସେମାନେ ନିଜେ ନିଜେ ସାମ୍ବାଦିକ, ଆଇନ କିମ୍ବା ଆରଟିଆଇ କର୍ମୀ ସାଜି ବ୍ୟବସ୍ଥା ଉପରେ ଆକ୍ରମଣ କରୁଥିବା ମତ ରଖିଥିଲେ। ଏହାକୁ ନେଇ ବିବାଦ ହେବାର ସିଜେଆଇ ସ୍ପଷ୍ଟୀକରଣ ଦେଇ ତାଙ୍କ ବୟାନକୁ ଭୁଲ ଭାବେ ଉପସ୍ଥାପନ କରାଯାଇଥିବା କହିଥିଲେ। ସିଜେପିର ପ୍ରତିଷ୍ଠାତା ଅଭିଜିତ କହିଛନ୍ତି ଯେ "ଅସରପା ଜନତା ପାର୍ଟିର ପ୍ରତିଷ୍ଠା ଭାବେ ମୁଁ ଏହି ସ୍ପଷ୍ଟୀକରଣକୁ ନିନ୍ଦା କରୁଛି।" ସିଜେପିକୁ ୩ ଦିନ ହୋଇ ନଥିଲେ ହେଁ ସଂଗଠନ ପକ୍ଷରୁ ଏଆଇ ଦ୍ୱାରା ଗୋଟିଏ ଆନ୍ଥେମ ପ୍ରସ୍ତୁତ କରାଯାଇଛି। ଏଥିରେ କୁହାଯାଇଛି ଯେ "ଆମେ ଅସରପା ପାର୍ଟି, ଆମେ ଗୋଟିଏ ଜଳନ୍ତା ସହରର ପିଲା।" ବ୍ଲକବଷ୍ଟର ଡେବ୍ୟୁ ପରେ ଏବେ ଦଳ ତା'ର ପ୍ରଥମ ଭର୍ଚୁଆଲ ଜେନ ଜେଡ୍ ସମ୍ମିଳନୀ ଆୟୋଜନ କରିବାକୁ ଯୋଜନା କରୁଛି। ସିଜେପି ସୋଶିଆଲ ମିଡିଆ ପୋଷ୍ଟରେ କହିଛି ଯେ "ଆମେ ଏହି ଅନଲାଇନ ସମ୍ମିଳନୀରେ ସହାୟତା କରିବାକୁ ଯୁବଗୋଷ୍ଠୀଙ୍କୁ ନିମନ୍ତ୍ରଣ କରୁଛୁ। ଯଦି ଆପଣ ଜେନ ଜେଡ ଓ ଏହାର ଅଂଶବିଶେଷ ହେବାକୁ ଚାହୁଁଛନ୍ତି, ତା'ହେଲେ ଆମକୁ ମେସେଜ କରନ୍ତୁ।"

## ଉମରକୋଟ ସବ୍‌ଟ୍ରେଜେରୀ ଅଫିସ୍‌ରେ ...

କୁମାର ବେହେରା ବାରଣ କରିଥିଲେ। ଅଫିସର ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ କହିଲେ ଆକ୍ୱାଗାର୍ଡରୁ ପାଣି ମିଳିବ ବୋଲି କହିଥିଲେ। ଏହାପରେ ତାଙ୍କୁ କୋଟା ବାଲା ବୋଲି ଆକ୍ଷେପ କରିଥିଲେ। ଏହାକୁ ସବଟ୍ରେଜରୀ ଅଫିସର ବି ସମର୍ଥନ କରିଥିଲେ। ବାରମ୍ବାର ଏଭଳି ମାନିସକ ନିର୍ଯାତନା ଅସହ୍ୟ ହେବା ପରେ ଗୌରାଙ୍ଗ ୪ ମାସ ଧରି ଲମ୍ବା ଛୁଟିରେ ରହି ଯାଇଥିଲେ। ବାପାଙ୍କୁ ନ୍ୟାୟ ଦେବାକୁ ପ୍ରିୟାଂଶୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ପରେ ଡିସେମ୍ବର ମାସର ବନ୍ଦ ଥିବା ଦରମା ଗତ ଫେବୃଆରୀରେ ମିଳିଥିଲା। ଏ ସମ୍ପର୍କରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହି ଘଟଣା ଅର୍ଥ ବିଭାଗର। ଏ ପର୍ଯ୍ୟନ୍ତ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ତାଙ୍କ ପାଖରେ ପହଞ୍ଚିନି। ହସ୍ତଗତ ହେଲେ ତଦନ୍ତ କରାଯିବ।

# କମିଶନରେଟ୍ ପୁଲିସର 'ଉଇ କେୟାର ସାଥୀ ଆପ୍' ଲଞ୍ଚ୍

## ଗୋଟିଏ ବଟନ୍ ଦବେଇଲେ ପହଞ୍ଚିବ ପୁଲିସ

**ଭୁବନେଶ୍ୱର (ଏନ୍.ଏମ୍.)** :ବାଲିଅନ୍ତା ବର୍ବରତା ପରେ ଶେଷରେ ଚେତିଛି କମିଶନରେଟ୍ ପୋଲିସ। ଟ୍ୱିନ୍ ସିଟିରେ ନାରୀ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଆସିଛି ନୂଆ ମୋବାଇଲ୍ ଆପ୍ 'ଉଇ କେୟାର ସାଥୀ'। ଏହାସହ ଅପରାଧୀ ଓ ସନ୍ଦିଗ୍ଧଙ୍କ ଉପରେ ନଜର ରଖିବାକୁ 'ସରାଇ' ଆପ୍‌ର ଅପଗ୍ରେଡେଡ୍ ଭର୍ସନ 'ସରାଇ ୨.୦' ମଧ୍ୟ ଲଞ୍ଚ କରାଯାଇଛି। ତେବେ ପୂର୍ବର କୁଣ୍ଡଳୀ କିମ୍ବା ପିଙ୍କ୍ ଅଟୋ ଯୋଜନା ଭଳି ଏହା କେବଳ ପ୍ରହସନ ହୋଇ ରହିଯିବ ନା ବାସ୍ତବରେ ଲୋକଙ୍କ କାମରେ ଆସିବ। ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ପୂର୍ବ ଯୋଜନା ଭଳି ପ୍ରହସନ ପାଲଟିବନି ତ ନୂଆ ଆପ୍ ଅଧିକାଂଶ ସମୟରେ ପୋଲିସ ବା କଣ୍ଟ୍ରୋଲ ରୁମରେ ଅଭିଯୋଗ ପରେ ପିସିଆର ରେସପନ୍ସକୁ ନେଇ ଅନେକ ପ୍ରଶ୍ନ ଉଠୁଥିଲା। ଏବେ ଏହି କ୍ଷେତ୍ରରେ ଦୁଇ ପାଦ ଆଗକୁ ଯାଇ ଆରମ୍ଭ ହୋଇଛି 'ଉଇ କେୟାର ସାଥି' ଆପ୍।




ପୂର୍ବରୁ 'ମୋ ସାଥି' ନାଁରେ ଥିବା ଆପ୍‌ରେ ବ୍ୟାପକ ଅପଗ୍ରେଡେସନ୍ କରାଯାଇଛି। କିଭଳି କାମ କରିବ 'ଉଇ କେୟାର ସାଥି': କୌଣସି ସ୍ଥାନରେ ଜଣେ ମହିଳା ବା ଯୁବତୀ ଅସୁବିଧାରେ ପଡ଼ିଲେ, ସେ ତୁରନ୍ତ ତାଙ୍କର ରିୟଲ ଟାଇମ ଲୋକେସନ, ଅଭିଯୁକ୍ତର ଫଟୋ ଏବଂ ଘଟଣାକ୍ରମର ଭିଡିଓ ଆଦି ସେୟାର କରିପାରିବେ। ଅଭିଯୋଗ ମିଳିବା ମାତ୍ରେ ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କହିଛନ୍ତି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ। ସେହିପରି ଟୁଇନ ସିଟିର ବିଭିନ୍ନ ହୋଟେଲ ଓ ଲଜ୍‌ରେ ରହୁଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ୨୦୨୧ ମସିହାରେ ଆରମ୍ଭ ହୋଇଥିଲା 'ସରାଇ' ଆପ୍। ଏହି ଆପ୍ ଜରିଆରେ କିଛି ଅପରାଧିକ ଗ୍ୟାଙ୍ଗ ନିକଟରେ ପହଞ୍ଚିବାରେ ମଧ୍ୟ ପୋଲିସ ସକ୍ଷମ ହୋଇଥିଲା। ଅପଗ୍ରେଡ୍ ହେଲା 'ସରାଇ' ଆପ୍ ଏବେ ଏହି ଆପ୍‌ଟିକୁ ଅପଗ୍ରେଡ୍ କରି 'ସରାଇ ୨.୦' ନାଁ ଦିଆଯାଇଛି। ବିଦେଶୀ ନାଗରିକ, ଅପରାଧୀ କିମ୍ବା କୌଣସି ସନ୍ଦିଗ୍ଧ ଆସି ସହରରେ ଆଡ୍ଡା ପକାଇଲେ ତୁରନ୍ତ ଖବର ପାଇପାରିବ କମିଶନରେଟ ପୋଲିସ। ବାଲିଅନ୍ତା ଘଟଣା ପରେ ତରବରିଆ ଭାବେ ଅଣା ଯାଇଥିବା ଏହି 'ଉଇ କେୟାର ସାଥୀ' ଓ 'ସରାଇ ୨.୦' ଆପ୍ ବାସ୍ତବରେ କେତେ ମାତ୍ରାରେ କାର୍ଯ୍ୟକ୍ଷମ ହେଉଛି ଏବଂ ସହରର ନାରୀମାନଙ୍କୁ କେତେ ସୁରକ୍ଷା ଦେଇପାରୁଛି, ତାହା ଏବେ ଦେଖିବାକୁ ବାକି ରହିଲା।

## ଭୋଟର ତାଲିକା ଏସ୍‌ଆଇ୍‌ଆର ପ୍ରକ୍ରିୟାର ସୁଚାରୁ ପରିଚାଳନା ସମ୍ବନ୍ଧୀୟ ବୈଠକ

**ରାଇରଙ୍ଗପୁର(ଏନ୍.ଏମ୍.):** ରାଇରଙ୍ଗପୁର ଓ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ବାମନଘାଟୀ ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଅଧକ୍ଷତାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ବନ୍ଧୀୟ ଏକ ବିଶେଷ ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଏସଆଇଆର ପାଇଁ ତା ୦୧।୦୭।୨୦୨୬ ରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଗ୍ରହଣ, ତା ୨୦।୦୫।୨୦୨୬ ରୁ ତା ୨୯।୦୫।୨୦୨୬ ରିଖ ମଧ୍ୟରେ ତାଲିମ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି ଏବଂ ମୁଦ୍ରଣ କାର୍ଯ୍ୟ ସମ୍ପନ୍ନ, ତା ୩୦।୦୫।୨୦୨୬ ରୁ ତା୨୮.୦୬.୨୦୨୬ ରିଖ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ଯାଇ ଉଦ୍ଦିଷ୍ଟ ଫର୍ମରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ପୂରଣ କରିବା, ତା ୨୮.୦୬.୨୦୨୬ ରିଖ ସୁଦ୍ଧା ଭୋଟ ଗ୍ରହଣ କେନ୍ଦ୍ରର ଯୁକ୍ତି ଯୁକ୍ତ କରାଇବା,ତା ୦୫.୦୭.୨୦୨୬ରିଖ ସୁଦ୍ଧା ଭୋଟର ତାଲିକା ଚିଠା ପ୍ରକାଶନ କରାଯିବା, ତା ୦୫।୦୭।୨୬ ରିଖ ରୁ ତା ୦୪.୦୮.୨୦୨୬ ରିଖ ମଧ୍ୟରେ ଆପତ୍ତି ଅଭିଯୋଗ ଦାଖଲ କରାଯିବା ସହିତ ତା ୦୫-୦୭-୨୦୨୬ ରିଖ ରୁ ତା ୦୨- ୦୯-୨୦୨୬ରିଖ ସୁଦ୍ଧା ଅଭିଯୋଗକାରୀଙ୍କୁ ଅଭିଯୋଗର ସମାଧାନ ପାଇଁ ନୋଟିସ ଦ୍ୱାରା ସୂଚୀତ କରିବା ସହ ଆପତ୍ତି ଅଭିଯୋଗର ଫଇସଲା କରାଯିବା ଏବଂ ତା ୦୬.୦୯.୨୦୨୬ ରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ ହେବା ସମ୍ବନ୍ଧରେ ସୂଚନା ପ୍ରଦାନ ସହିତ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଜାତୀୟ କଂଗ୍ରେସ ଦଳ ତରଫରୁ ରୂପକ କୁମାର ମହାନ୍ତି, ବାରେଲ ସିର୍କା, ଲକ୍ଷ୍ମଣ ମାଝୀ, ଭାରତୀୟ ଜନତା ପାର୍ଟିର ସୁଧାଂଶୁ ଶେଖର ମହାନ୍ତ, ଆଲୋକ ରଞ୍ଜନ ମହାନ୍ତ, ବିଜୁ ଜନତା ଦଳର ମାଝିଆ ରାମ ଟୁଡୁ, ରାଇସେନ ମୁର୍ମୁ, ପଙ୍କଜ ଦାସ, ସୁବାସ ଚନ୍ଦ୍ର ମଣ୍ଡଳ, ବିରଞ୍ଚି ନାରାୟଣ ନନ୍ଦ, ଗୋପବନ୍ଧୁ ଗିରି, ବହୁ ଜନ ସମାଜ ପାର୍ଟିର ଜଟିଆ ସାୟାଁ ଓ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ସାଲୁ କିସ୍କୁ ପ୍ରମୁଖ ଯୋଗ ଦେଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପ - ଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସାରସକଣା ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ବିଭାଗୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରା ତଥା ସମ୍ପୃକ୍ତ ବିଭାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ

### ଏକାସଙ୍ଗେ ପ୍ରକାଶ ପାଇଲା କଳା, ବିଜ୍ଞାନ, ବାଣିଜ୍ୟ ରେଜଲ୍ଟ



### ପୁଅଙ୍କ ଠାରୁ ଝିଅ ଆଗରେ

**ଭୁବନେଶ୍ୱର(ଏନ୍.ଏମ୍.):** ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ। ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୁକ୍ତ +୨ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିବା ଫଳ ଘୋଷଣା କରିଛନ୍ତି। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଛି। ଅପରାହ୍ନ ୩ଟାରୁ ଛାତ୍ରଛାତ୍ରୀମାନେ ୱେବସାଇଟରେ ନିଜର ପରୀକ୍ଷା ଫଳ ଦେଖିଥିଲେ। ପରୀକ୍ଷା ଫଳ ଲୋକାର୍ପଣ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ସଚିବ ଏନ୍ ତିରୁମାଲା ନାଏକ, ସିଏଚ୍‌ଏସ୍‌ଇ ଅଧକ୍ଷ ମୃଣାଳକାନ୍ତି ଦାସ, ସଚିବ ଶୁଭ୍ରାବାଳା ପରିଡ଼ା ଓ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

ପ୍ରକାଶ ପାଇଥିବା ପରୀକ୍ଷା ଫଳରେ କଳା ବିଭାଗ ପରୀକ୍ଷାରେ ମୋଟ୍ ପାସ୍ ହାର ୮୪.୫୦ ପ୍ରତିଶତ ରହିଛି। କଳାରେ ଛାତ୍ରଙ୍କ ପାସ୍ ହାର ୭୭.୯୭ ପ୍ରତିଶତ ଏବଂ ଛାତ୍ରୀଙ୍କ ପାସ୍ ହାର ୮୯.୪୫ ପ୍ରତିଶତ। ସେହିଭଳି ବାଣିଜ୍ୟ ବିଭାଗରେ ସର୍ବମୋଟ୍ ପାସ୍ ହାର ରହିଛି ୮୮.୦୭ ପ୍ରତିଶତ ରହିଛି। ୮୬.୦୭ ପ୍ରତିଶତ ଛାତ୍ର କୃତକାର୍ଯ୍ୟ କରିଛନ୍ତି। ବାଣିଜ୍ୟରେ ଛାତ୍ରୀଙ୍କ ପାସ୍ ହାର ୯୦.୪୩ ପ୍ରତିଶତ ରହିଛି। ପୁନଶ୍ଚ ଚଳିତ ବର୍ଷ ବିଜ୍ଞାନରେ ସର୍ବମୋଟ୍ ୮୮.୮୦ ପ୍ରତିଶତ ପାସ୍ ହୋଇଛନ୍ତି। ଛାତ୍ରଙ୍କ ପାସ୍ ହାର ପ୍ରତିଶତ ୮୭.୪୧ ଏବଂ ଛାତ୍ରୀଙ୍କ ପାସ୍ ହାର ୯୦.୨୪ ପ୍ରତିଶତ ରହିଛି। ଧନ୍ଦାମୂଳକରେ ସର୍ବମୋଟ୍ ପାସ୍ ହାର ୭୭.୬୨ ପ୍ରତିଶତ ରହିଛି। ଧନ୍ଦାମୂଳକ ଛାତ୍ରଙ୍କ ପାସ୍ ହାର ୭୧.୪୯ ପ୍ରତିଶତ ଏବଂ ଛାତ୍ରୀଙ୍କ ପାସ୍ ହାର ୮୦.୪୩ ପ୍ରତିଶତ ରହିଛି। ମୋଟ ୪,୦୧,୬୨୩ ପଞ୍ଜୀକୃତ ଛାତ୍ରଛାତ୍ରୀ ପଞ୍ଜୀକୃତ କରିଥିଲେ ସେଥିରୁ ୩, ୯୮,୦୯୦ଜଣ ପରୀକ୍ଷା ଦେଇଥିଲେ। ମୋଟ୍ ୩, ୪୧, ୭୮୧ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି, କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଛି।

## ଚିକିତ୍ସାରେ ଅବହେଳା କାରଣରୁ ରୋଗୀର ମୃତ୍ୟୁ ଘଟଣା

### ସାମ୍ବାଦିକ ସମ୍ମିଳନୀରେ ନିଜର ପକ୍ଷ ରଖିଲେ ହସ୍ପିଟାଲ କର୍ତ୍ତୃପକ୍ଷ

**କଟକ(ଏନ୍.ଏମ୍.):** କଟକ ଚାଉଳିଆଗଞ୍ଜସ୍ଥିତ ସିଲଭରସିଟି ହସ୍ପିଟାଲ ଏବଂ ରିର୍ସଚ୍ଚ ସେଣ୍ଟରରେ ବିଗତ ଦିନରେ ଜଣେ ରୋଗୀର ମୃତ୍ୟୁ ଘଟଣାକୁ ନେଇ ଉପୁଜିଥିବା ସମସ୍ୟା ବିଷୟରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର ପକ୍ଷ ରଖିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ରୋଗୀଙ୍କ ଚିକିତ୍ସା ସଠିକ ଭାବେ କରିଥିଲୁ, କିନ୍ତୁ ଏହା ପରେ ମଧ୍ୟ ରୋଗୀକୁ ଆମେ ବଞ୍ଚାଇ ପାରିଲୁନାହିଁ ବୋଲି କହିଛନ୍ତି ହସ୍ପିଟାଲର ନିର୍ଦ୍ଦେଶକ ଓ ସଂଯୋଜକ।



ସୂଚନାନୁସାରେ, ଚାଉଳିଆଗଞ୍ଜସ୍ଥିତ ସିଲଭରସିଟି ହସ୍ପିଟାଲ ଏବଂ ରିର୍ସଚ୍ଚ ସେଣ୍ଟରରେ ଗତ ଏପ୍ରିଲ ୯ ତାରିଖରେ କନ୍ହେଇପୁରସ୍ଥିତ ଭଦିମୂଳ ଗ୍ରାମର ପର୍ଶୁରାମ ଭୋଇ ନାମକ ଜଣେ ଫୁସଫୁସ, କିଡନୀ ଓ ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ରୋଗୀଙ୍କୁ ହସ୍ପିଟାଲ ପକ୍ଷରୁ ଯଥାସମ୍ଭବ ଚିକିତ୍ସା କରାଯାଇଥିଲା ଏବଂ ରୋଗୀକୁ ପ୍ରତିଦିନ ମଧ୍ୟ ଫିଜିଓଥେରାପି କରାଯାଉଥିଲା। ଏହାପରେ ମଧ୍ୟ ରୋଗୀଟି ବଞ୍ଚି ନଥିଲା। ପରେ ରୋଗୀଙ୍କ ସମ୍ପର୍କୀୟ ଏ ସଂକ୍ରାନ୍ତରେ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଏ ବାବଦରେ ଅଭିଯୋଗ ହୋଇଥିଲା। ଏ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ସରକାରଙ୍କ ରାଜ୍ୟ ସ୍ୱାସ୍ଥ୍ୟ ଆଶ୍ୱାସନା ସମିତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଗୁରୁତର ଚିକିତ୍ସାରେ ଅବହେଳା ଏବଂ କଥିତ ଠକେଇ କାର୍ଯ୍ୟକଳାପ ନିମନ୍ତେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରୁ ଏହି ହସ୍ପିଟାଲକୁ ଚିଠି ନଂ ୧୦୮୫ /୧୮.୦୫.୨୬ରେ ସସ୍ପେଣ୍ଡ କରିଛନ୍ତି। ସେହିପରି ସସ୍ପେଣ୍ଡ ଓ ଅଭିଯୋଗ ଆଧାରରେ ମଙ୍ଗଳବାର ସିଡିଏମଓ ଅଫିସ ପକ୍ଷରୁ ଏକ ତଦନ୍ତକାରୀ ଟିମ୍ ହସ୍ପିଟାଲକୁ ଆସି ରୋଗୀର ଚିକିତ୍ସା ସମ୍ବନ୍ଧୀୟ କାଗଜପତ୍ର ନେଇଛନ୍ତି। ଚାଉଳିଆଗଞ୍ଜ ଥାନା ପକ୍ଷରୁ ମଧ୍ୟ ରୋଗୀଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ନିଆଯାଇଛି। ଆଜି ଏହି ଘଟଣାକୁ ନେଇ ନିଜର ପକ୍ଷ ରଖିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ଆମ ହସ୍ପିଟାଲ ପକ୍ଷରୁ ରୋଗୀ ପର୍ଶୁରାମଙ୍କ ଯଥା ସମ୍ଭବ ଚିକିତ୍ସା କରାଯାଇଥିଲା। ଏପରିକି ତାଙ୍କର ସବୁଦିନ ଫିଜିଓଥେରାପି କରାଯାଉଥିଲା, ଯାହାର ଭିଡିଓ ମଧ୍ୟ ଆମ ପାଖରେ ମହଜୁଦ ରହିଛି। ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ଆମେ ହସ୍ପିଟାଲ କରିଛୁ। ଆମ ନାମରେ ଅପପ୍ରଚାର କରାଯାଉଛି। ଚିକିତ୍ସାର ସମସ୍ତ କାଗଜପତ୍ର ଆମ ପାଖରେ ଅଛି ଓ ତଦନ୍ତକାରୀ ଟିମକୁ ଦେଇଛୁ ଏବଂ ତଦନ୍ତରେ ମଧ୍ୟ ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଛୁ। ଚିକିତ୍ସାରେ ସାମାନ୍ୟ ଟିକେ ମଧ୍ୟ ଅବହେଳା କରାଯାଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର ନିର୍ଦ୍ଦେଶକ ବିଚିତ୍ରା ନନ୍ଦ ଏବଂ ସଂଯୋଜକ ସନ୍ଦୀପ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠୀ ଆମ ହସ୍ପିଟାଲକୁ ବଦନାମ କରିବାକୁ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି।





# ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଭାରତଦଳ ଘୋଷିତ




ନୂଆଦିଲ୍ଲୀ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷିତ ହୋଇଛି । ମଙ୍ଗଳବାର ବିସିସିଆଇ ପକ୍ଷରୁ ଏକ ୧୩ ସଦସ୍ୟ ବିଶିଷ୍ଟ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ଋଷଭ ପନ୍ତଙ୍କୁ ଉପ-ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇ ତାଙ୍କ ସ୍ଥାନରେ କେ.ଏଲ୍. ରାହୁଲଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ତେବେ ପନ୍ତ ଦଳରେ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେବେ ।

ପନ୍ତ ଦଳରେ ୱିକେଟକିପର-ବ୍ୟାଟ୍ସମ୍ୟାନ୍ ଭାବେ କାର୍ଯ୍ୟ ଜାରି ରଖିବେ । ଏହାବ୍ୟତୀତ ଦଳରେ ତିନି ଜଣ ନୂତନ ଚେହେରାଙ୍କୁ ସୁଯୋଗ ଦିଆଯାଇଛି । ଏମାନଙ୍କ ମଧ୍ୟରେ ପଞ୍ଜାବ କିଙ୍ଗସର ଦ୍ରୁତ ବୋଲର ଗୁରନୁର ବ୍ରାରଙ୍କ ସମେତ ସାଇ ସୁଦର୍ଶନ ଏବଂ ନୀତିଶ କୁମାର ରେଡ୍ଡୀ ସାମିଲ ଅଛନ୍ତି । ଭାରତୀୟ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇଛି । ଦ୍ରୁତ ବୋଲିଂ ବିଭାଗର ମଙ୍ଗ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ସମ୍ଭାଳିବାକୁ ଥିବା ବେଳେ ସ୍ପିନ୍ ଆକ୍ରମଣର ଦାୟିତ୍ୱ ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଏବଂ ମାନବ ସୁଥାରଙ୍କ ଉପରେ ନ୍ୟସ୍ତ କରାଯାଇଛି ।

ଘରୋଇ କ୍ରିକେଟ ଏବଂ 'ଇଣ୍ଡିଆ ଏ' ଦଳ ପକ୍ଷରୁ ଚମତ୍କାର ପ୍ରଦର୍ଶନ ଆଧାରରେ ସାଇ ସୁଦର୍ଶନ ଓ ନୀତିଶ କୁମାର ରେଡ୍ଡୀ ଦଳରେ ନିଜ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଅପରପକ୍ଷରେ, ଯଶସ୍ୱୀ ଜୟସ୍ୱାଲଙ୍କ ସମେତ ଦେବଦତ୍ତ ପଡିକଲଙ୍କୁ ବ୍ୟାଟିଂ ବିଭାଗରେ ସାମିଲ କରାଯାଇଛି । ପନ୍ତଙ୍କ ବ୍ୟତୀତ ଧ୍ରୁବ ଜୁରେଲଙ୍କୁ ଦ୍ୱିତୀୟ ୱିକେଟକିପର ଭାବେ ଦଳରେ ସ୍ଥାନ ମିଳିଛି ।

ସିନିୟର ଖେଳାଳିମାନଙ୍କ କାର୍ଯ୍ୟଭାର ପରିଚାଳନାକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଥିବା ସମୟରେ ଆଫଗାନିସ୍ତାନ ବିପକ୍ଷ ଏହି ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାରଣରୁ ଅନେକ ବରିଷ୍ଠ ତଥା ପ୍ରତିଷ୍ଠିତ ଖେଳାଳିଙ୍କୁ ଏହି ମ୍ୟାଚ୍‌ରୁ ବିଶ୍ରାମ ପ୍ରଦାନ କରାଯାଇଛି ।

ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡ୍: ଶୁଭମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେ.ଏଲ୍. ରାହୁଲ (ଉପ-ଅଧିନାୟକ), ଋଷଭ ପନ୍ତ (ୱିକେଟକିପର), ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁଥାର, ହର୍ଷ ଦୁବେ ଏବଂ ଗୁରନୁର ବ୍ରାର ।

# ରାୱତ, ମୁକୁନ୍ଦ ଏବଂ ତ୍ୟାଗୀଙ୍କ ବିଜୟ

**ବେଙ୍ଗାଲୁରୁ (ଏଜେନ୍ସି) :** ଏସ.ଏମ. କ୍ରିଷ୍ଣା ମେମୋରିଆଲ ଓପନରେ ଶୀର୍ଷ ମାନ୍ୟତା ପ୍ରାପ୍ତ କିଗାନ ସ୍ମିଥଙ୍କୁ ପରାସ୍ତ କରି ମନୀଷ ସୁରେଶ କୁମାର ଭାରତୀୟ ଅଭିଯାନର ନେତୃତ୍ୱ ନେଇଛନ୍ତି । ଏହା ସହିତ ସିଦ୍ଧାର୍ଥ ରାୱତ, ମୁକୁନ୍ଦ ଶଶିକୁମାର ଏବଂ ୱାଇଲ୍ଡ କାର୍ଡ ପ୍ରବେଶ ପାଇଥିବା କ୍ରୀଷ ତ୍ୟାଗୀ ମଧ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଆଜିର ଦିନଟି କଡ଼ା ପ୍ରତିଦ୍ୱନ୍ଦ୍ୱିତା ଏବଂ ଏକାଧିକ ଟାଇବ୍ରେକର ମ୍ୟାଚ୍ ପାଇଁ ସ୍ମରଣୀୟ ହୋଇ ରହିବ । ଭାରତର ରାୱତ ଅଷ୍ଟ୍ରେଲିଆର ଓମାର ଜାସିକାଙ୍କୁ ୭-୬(୪), ୬-୩ ସେଟରେ ପରାସ୍ତ କରି ଏକ ସଂଯମ ପ୍ରଦର୍ଶନ କରିଛନ୍ତି । ରାୱତ ପ୍ରଥମ ସେଟର ସଂଘର୍ଷପୂର୍ଣ୍ଣ ଟାଇବ୍ରେକର ଜିତିବା ପରେ ଦ୍ୱିତୀୟ ସେଟରେ ନିଜର ଆକ୍ରମଣାତ୍ମକ ଶୈଳୀ ଆପଣାଇ ସିଧାସଳଖ ସେଟରେ ବିଜୟ ହାସଲ କରିଥିଲେ । ଅଭିଜ୍ଞ ଖେଳାଳି ଶଶିକୁମାର ନିଜର ଦେଖଣାହାରୀ ପ୍ରଦର୍ଶନ ଜାରି ରଖି ଅଷ୍ଟମ ମାନ୍ୟତା ପ୍ରାପ୍ତ ମ୍ୟାକ୍ସିମସ ଜୋନ୍ସଙ୍କୁ ୭-୬(୫), ୭-୬(୫) ସେଟରେ ଦୁଇ ଘଣ୍ଟା ୧୭ ମିନିଟର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପରାସ୍ତ କରିଛନ୍ତି । ମୁକୁନ୍ଦ ଦୁଇଟି ଯାକ ଟାଇବ୍ରେକରରେ ଧୈର୍ଯ୍ୟ ବଜାୟ ରଖି ଚାପଗ୍ରସ୍ତ ପରିସ୍ଥିତିରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ସୁରେଶକୁମାର ଆଜିର ଦିନର ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇ ଶୀର୍ଷ ମାନ୍ୟତା ପ୍ରାପ୍ତ କିଗାନ ସ୍ମିଥଙ୍କୁ ୬-୪, ୨-୬, ୬-୨ ସେଟରେ ପରାସ୍ତ କରିଛନ୍ତି । ଏହି ତିନି ସେଟ ବିଶିଷ୍ଟ ରୋମାଞ୍ଚକର ମ୍ୟାଚରେ ଅନେକ ଉତ୍ଥାନ-ପତନ ଦେଖିବାକୁ ମିଳିଥିଲା, କିନ୍ତୁ ଶେଷରେ ଭାରତୀୟ ଖେଳାଳି ଜଣକ ନିର୍ଣ୍ଣାୟକ ସେଟ ଜିତି ନେଇଥିଲେ । ସ୍ଥାନୀୟ ୱାଇଲ୍ଡ କାର୍ଡ ଖେଳାଳି ତ୍ୟାଗୀ ପୁଣି ଥରେ ନିଜର ପରିପକ୍ୱ ପ୍ରଦର୍ଶନ ଦ୍ୱାରା ପ୍ରଭାବିତ କରି କୁଆନ-ୟୀ ଲିଁଙ୍କୁ ୭-୬(୮), ୭-୬(୪) ସେଟରେ ପରାସ୍ତ କରିଛନ୍ତି । ସେ ପ୍ରଥମ ସେଟରେ ଏକ ସେଟ ପଏଣ୍ଟ ବଞ୍ଚାଇବା ସହ ଉଭୟ ଟାଇବ୍ରେକରରେ ଚମତ୍କାର ମାନସିକ ଦୃଢ଼ତା ଦେଖାଇ ବିଜୟ ସୁନିଶ୍ଚିତ କରିଥିଲେ । ଅନ୍ୟ ଜଣେ ୱାଇଲ୍ଡ କାର୍ଡ ଖେଳାଳି ଆଦିତ୍ୟ ବିଶାଳ ବାଲସେକର ଏକ ବଡ଼ ବିପର୍ଯ୍ୟୟ ଘଟାଇବା ସହ ଅତି ନିକଟତର ହୋଇ ମଧ ତୃତୀୟ ମାନ୍ୟତା ପ୍ରାପ୍ତ ହାମିଶ ଷ୍ଟୁଆର୍ଟଙ୍କଠାରୁ ୬-୪, ୬-୭(୨), ୬-୪ ସେଟରେ ହାରିଯାଇଥିଲେ । ଏହି ମାରାଥନ ମ୍ୟାଚଟି ଦୁଇ ଘଣ୍ଟା ୩୬ ମିନିଟ୍ ଧରି ଚାଲିଥିଲା । ତେବେ ଆରାଧ କ୍ଷିତିଜଙ୍କ ପାଇଁ ଭାରତୀୟ ଆହ୍ୱାନ ଶେଷ ହୋଇଥିବା ବେଳେ କରଣ ସିଂ, ପ୍ରଜ୍ୱଳ ଦେବ, ଦିଗବିଜୟପ୍ରତାପ ସିଂ ଏବଂ ଲକି ଲୁଜର ନିତିନ କୁମାର ସିହ୍ନା ମଧ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି । ଏହାପୂର୍ବରୁ, ପଞ୍ଚମ ମାନ୍ୟତା ପ୍ରାପ୍ତ ଫିଲିପ୍ ସେକୁଲିକ ପିଠିର ତଳ ଅଂଶରେ ଆଘାତ ଯୋଗୁଁ ଓହରି ଯିବା ପରେ ମ୍ୟାଚ୍ ଡ୍ର' ଖୋଲିଯାଇଥିଲା, ଯାହାଫଳରେ ସିହ୍ନାଙ୍କୁ ଲକି ଲୁଜର ଭାବରେ ମୁଖ୍ୟ ଡ୍ର'ରେ ପ୍ରବେଶ କରିବାର ସୁଯୋଗ ମିଳିଥିଲା ।

# ୨୨ ବର୍ଷ ପରେ ଆର୍ସେନାଲ୍ ଜିତିଲା ପ୍ରଥମ ପ୍ରିମିୟର ଲିଗ୍ ଟାଇଟଲ୍

**ଲଣ୍ଡନ(ଏଜେନ୍ସି) :** ଏଏଫ୍‌ସି ବର୍ଣ୍ଣମାଉଥ୍ ବିପକ୍ଷ ମ୍ୟାଚ୍‌ରେ ମାଞ୍ଚେଷ୍ଟର ସିଟି ଡ୍ର କରିବା ପରେ ଆର୍ସେନାଲ୍ ଶୀର୍ଷ ସ୍ଥାନ ସୁରକ୍ଷିତ କରିଛି । ଏହାସହ ଦଳ ଦୀର୍ଘ ୨୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପ୍ରିମିୟର ଲିଗ୍ ଟାଇଟଲ୍ ହାସଲ କରିଛି । ଏଏଫ୍‌ସି ବର୍ଣ୍ଣମାଉଥ୍ ସହ ମାଞ୍ଚେଷ୍ଟର ସିଟିର ମ୍ୟାଚ୍ ? ୧-୧ ରେ ଡ୍ର ହେବା ଫଳରେ, ସେମାନେ ପ୍ରିମିୟର ଲିଗ୍ ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ଥିବା ଆର୍ସେନାଲ୍‌ଠାରୁ ଚାରି ପଏଣ୍ଟ ପଛରେ ରହିଯାଇଛନ୍ତି । ଫଳରେ ସିଜିନ୍‌ର ଶେଷ ଦିନରେ ମଧ ସେମାନେ ଗନର୍ସ (ଆର୍ସେନାଲ୍)କୁ ପଛରେ ପକାଇବାକୁ ସକ୍ଷମ ହେବେ ନାହିଁ । ଲଗାତାର ତିନୋଟି ସିଜିନ୍‌ରେ ରନର୍ସଅପ୍ ହେବା ପରେ ଆର୍ସେନାଲ୍‌କୁ ଏହି ସଫଳତା ମିଳିଛି । ଏଥିମଧ୍ୟରେ ୨୦୨୩/୨୪ ସିଜିନ୍ ସାମିଲ ଅଛି, ଯେଉଁଠାରେ ମାଞ୍ଚେଷ୍ଟର ସିଟି ମାତ୍ର ଦୁଇ ପଏଣ୍ଟର ବ୍ୟବଧାନରେ ଆର୍ସେନାଲ୍‌କୁ ହରାଇ ଟାଇଟଲ୍ ଜିତିଥିଲା । ପ୍ରିମିୟର ଲିଗ୍‌ର ସୂଚନା ଅନୁଯାୟୀ, ୨୦୦୩/୦୪ ସିଜିନ୍‌ରେ ପାଟ୍ରିକ୍ ଭିଏରା ଆର୍ସେନାଲ୍‌ର ଶେଷ ଅଧିନାୟକ ଭାବେ ପ୍ରିମିୟର ଲିଗ୍ ଟ୍ରଫି ଟେକିଥିଲେ । ସେହି ଦଳରେ ଥୀଏରୀ ହେନ୍ରୀ (୩୦ଟି ଗୋଲ୍ ସହ ଗୋଲ୍ଡେନ୍ ବୁଟ୍ ବିଜେତା), ଆଶ୍ଲେ କୋଲ୍, ସୋଲ୍ କ୍ୟାମ୍ପବେଲ୍ ଏବଂ ଡେନିସ୍ ବର୍ଗକ୍ୟାମ୍ପଙ୍କ ଭଳି ତାରକା ଖେଳାଳି ସାମିଲ ଥିଲେ । ମାଇକେଲ୍ ଆର୍ଟେଟା ପ୍ରଥମ ପ୍ରିମିୟର ଲିଗ୍ ଖେଳାଳି ଭାବେ ଜଣେ ମ୍ୟାନେଜର (ପ୍ରଶିକ୍ଷକ) ରୂପେ ଏହି ଟ୍ରଫି ଜିତିଛନ୍ତି । ସେ ୨୦୧୧ ରୁ ୨୦୧୬ ପର୍ଯ୍ୟନ୍ତ ଏହି କ୍ଲବ୍ ପାଇଁ ଖେଳିଥିବା ବେଳେ ଡିସେମ୍ବର ୨୦୧୯ ରେ ଆର୍ସେନାଲ୍‌ର ମ୍ୟାନେଜର ଦାୟିତ୍ୱ ଗ୍ରହଣ କରିଥିଲେ । ଆର୍ସେନାଲ୍ ବର୍ତ୍ତମାନ ସୁଦ୍ଧା ଚାରୋଟି ପ୍ରିମିୟର ଲିଗ୍ ଟାଇଟଲ୍ ଜିତି ସାରିଛି, ଯାହା ଲିଭରପୁଲ୍‌ଠାରୁ ଦୁଇଟି ଅଧିକ ଏବଂ ଚେଲ୍ସିଠାରୁ ମାତ୍ର ଗୋଟିଏ କମ୍ । ମାଞ୍ଚେଷ୍ଟର ୟୁନାଇଟେଡ୍ ୧୩ଟି ଏବଂ ମାଞ୍ଚେଷ୍ଟର ସିଟି ୮ଟି ପ୍ରିମିୟର ଲିଗ୍ ଟାଇଟଲ୍ ଜିତିଛନ୍ତି । ଅନ୍ୟ କ୍ଲବ୍‌ଗୁଡ଼ିକ ମଧ୍ୟରେ କେବଳ ବ୍ଲାକବର୍ଣ୍ଣ ରୋଭର୍ସ ଏବଂ ଲେଷ୍ଟର ସିଟି ଗୋଟିଏ ଲେଖାଏଁ ବିଜୟ ସହ ପ୍ରିମିୟର ଲିଗ୍ ଚାମ୍ପିଅନ୍ ହୋଇଛନ୍ତି । ଇଂଲିଶ୍ ଟପ୍-ଫ୍ଲାଇଟ୍ (ଶୀର୍ଷ ସ୍ତରୀୟ ଫୁଟବଲ୍) ଇତିହାସରେ ଆର୍ସେନାଲ୍ ବର୍ତ୍ତମାନ ସୁଦ୍ଧା ୧୪ ଥର ଚାମ୍ପିଅନ୍ ହୋଇଛି । ଏହି ମାମଲାରେ ସେ କେବଳ ଲିଭରପୁଲ୍ ଏବଂ ମାଞ୍ଚେଷ୍ଟର ୟୁନାଇଟେଡ୍ ?ଠାରୁ ପଛରେ ଅଛି, ଯେଉଁମାନେ ଉଭୟ ୨୦ ଥର ଲେଖାଏଁ ଟାଇଟଲ୍ ଜିତିଛନ୍ତି । ଆର୍ସେନାଲ୍‌ର ଏହି ସଫଳତା ଅର୍ଥ ହେଉଛି ଗତ ତିନୋଟି ସିଜିନ୍‌ରେ ତିନୋଟି ଭିନ୍ନ ଭିନ୍ନ କ୍ଲବ୍ ଟାଇଟଲ୍ ଜିତିଛନ୍ତି— ୨୦୨୩/୨୪ ରେ ମାଞ୍ଚେଷ୍ଟର ସିଟି, ୨୦୨୪/୨ ଭକ୍ଷୟଛ ରେ ଲିଭରପୁଲ୍ ଏବଂ ବର୍ତ୍ତମାନ ଆର୍ସେନାଲ୍ । ପ୍ରିମିୟର ଲିଗ୍ ଇତିହାସରେ ଏହା ମାତ୍ର ପଞ୍ଚମ ଥର ପାଇଁ ଘଟିଛି, ଯେଉଁଠାରେ ଲଗାତାର ସିଜିନ୍‌ରେ ତିନି ବା ତା'ଠାରୁ ଅଧିକ ଭିନ୍ନ ବିଜେତା ସାମ୍ନାକୁ ଆସିଛନ୍ତି । ଏହାପୂର୍ବରୁ ୨୦୧୫/୧୬ ରେ ଲେଷ୍ଟର ସିଟିର ସ୍ୱପ୍ନିଳ ବିଜୟ ପରେ ୨୦୧୬/୧୭ ରେ ଚେଲ୍ସି ଏବଂ ୨୦୧୭/୧୮ ରେ ମାଞ୍ଚେଷ୍ଟର ସିଟି (ପେପ୍ ଗ୍ୱାର୍ଡିଓଲାଙ୍କ ପ୍ରଥମ ଟାଇଟଲ୍) ଚାମ୍ପିଅନ୍ ହୋଇଥିଲେ । ଏହାଠାରୁ ଲମ୍ବା ସିରିଜ୍ ୨୦୧୨/୧୩ ରୁ ୨୦୧୫/୧୬ ପର୍ଯ୍ୟନ୍ତ ଚାରି ବର୍ଷର ଥିଲା, ଯେତେବେଳେ ମାଞ୍ଚେଷ୍ଟର ୟୁନାଇଟେଡ୍, ମାଞ୍ଚେଷ୍ଟର ସିଟି, ଚେଲ୍ସି ଏବଂ ଲେଷ୍ଟର ସିଟି ମଧ୍ୟରେ ଟ୍ରଫି ବଦଳି ଚାଲିଥିଲା ।



## ୨ୟ ମାଇକେଲ୍ କିଣ୍ଡୋ ସ୍ମାରକୀ ଚାମ୍ପିୟନସିପ୍ ଟ୍ରଫି ୨୦୨୬

# 'ଅଖିଳ ଭାରତୀୟ ମହିଳା ହକି ଚାମ୍ପିୟନସିପ୍' ନେଇ ସାମ୍ବାଦିକ ସମ୍ମିଳନୀ

**ଭୁବନେଶ୍ୱର(ଏନ୍.ଏମ୍.) :** ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ତରଫରୁ, '୨ୟ ମାଇକେଲ୍ କିଣ୍ଡୋ ସ୍ମାରକୀ ଚାମ୍ପିୟନସିପ୍ ଟ୍ରଫି ୨୦୨୬ – ଅଖିଳ ଭାରତୀୟ ମହିଳା ଛକି ଚାମ୍ପିୟନସିପ୍' ନିମନ୍ତେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀକୁ ମୁଁ ଆପଣ ସମସ୍ତଙ୍କୁ ହୃଦୟରୁ ସ୍ୱାଗତ କରୁଛି ।




ଆମେ ଗର୍ବର ସହ ସୂଚନା ଦେଉଛୁ ଯେ ଏହି ପ୍ରତିଷ୍ଠିତ ଚାମ୍ପିୟନସିପ୍ ହକି ଆସୋସିଏସନ୍ ଅଫ୍ ଓଡ଼ିଶାଙ୍କ ସହଯୋଗରେ ଏବଂ ହକି ଇଣ୍ଡିଆର ନିର୍ଦ୍ଦେଶାବଳୀ ଅନୁଯାୟୀ ଆୟୋଜିତ ହେଉଛି । ଟୁର୍ଣ୍ଣାମେଣ୍ଟଟି ୨୨ ମେ ରୁ ୨୭ ମେ ୨୦୨୬ ପର୍ଯ୍ୟନ୍ତ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମ୍ ହକି କର୍ମ୍ପେ, କ୍ସରେ ଅନୁଷ୍ଠିତ ହେବ ।

ଏହି ଚାମ୍ପିୟନସିପ୍ କେବଳ ଏକ କ୍ରୀଡ଼ା ପ୍ରତିଯୋଗିତା ନୁହେଁ, ଏହା କିମ୍ବଦନ୍ତୀ ହକି ଆଇକନ୍ ମାଇକେଲ୍ କିଣ୍ଡୋଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି, ଯାହାଙ୍କର ଭାରତୀୟ ହକି ପ୍ରତି ଅବଦାନ ଆଜି ବି ଦେଶର ପିଢ଼ି ପିଢ଼ି ଖେଳାଳିଙ୍କୁ ପ୍ରେରଣା ଦେଉଛି । ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ, ଆମେ ତାଙ୍କ ଐତିହ୍ୟକୁ ସମ୍ମାନ ଜଣାଇବା ସହ ମହିଳା ହକିକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ବିଭିନ୍ନ ଅଞ୍ଚଳର ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖୁଛୁ । କ୍ରୀଡ଼ା ବିକାଶ ପ୍ରତି ନିରନ୍ତର ଉତ୍ସାହ ଏବଂ ସହଯୋଗ ପାଇଁ ଆମେ ଓଡ଼ିଶା ସରକାରଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ । ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ହୋଇପାରିଛି, ବିଶେଷ କରି ହକି କ୍ଷେତ୍ରରେ, ଏବଂ ଏପରି ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ପରିବେଶରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ଆମେ ଗର୍ବିତ । ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟରେ ଦେଶର ଶ୍ରେଷ୍ଠ ମହିଳା ହକି ଦଳମାନେ ଅଂଶଗ୍ରହଣ କରିବେ, ସେଗୁଡ଼ିକ ହେଲା- ଗୋର୍ଟସ୍ ହଷ୍ଟେଲ୍ ରାଉରକେଲା ଭୁବନେଶ୍ୱର ହକ କ୍ଲବ୍ ଟ୍ରଷ୍ଟ ସାଉଥ୍ ଇଷ୍ଟର୍ଣ ରେଲୱେ ସାଇ କୋଲକାତା ସ୍ପୋର୍ଟସ୍ ହଷ୍ଟେଲ୍ ସୁନ୍ଦରଗଡ଼ ହକି ସିମଡେଗା ଓଡ଼ିଶା ପୋଲିସ୍ ସି.ଆଇ.ଏସ୍.ଏଫ୍. ଲିଗ୍ ମ୍ୟାଚ୍ ଗୁଡିକ ୨୨ ରୁ ୨୪ ମେ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ଏବଂ ୨୫ ମେ ରେ ବିଶ୍ରାମ ଦିବସ ରହିବ । ସେମି-ଫାଇନାଲ୍ ୨୬ ମେ ରେ ଖେଳାଯିବ, ଏବଂ ଗାଇ ଫାଇନାଲ୍ ସହିତ ତୃତୀୟ ସ୍ଥାନ ମ୍ୟାଚ୍ ୨୭ ମେ ୨୦୨୬ ରେ ଅନୁଷ୍ଠିତ ହେବ । ଟୁର୍ଣ୍ଣାମେଣ୍ଟ ସମୟରେ ପ୍ରତିଦିନ ସନ୍ଧ୍ୟା ୫:୩୦ ରେ ଉଦଘାଟିତ ହବ । ଆମେ ବିଶ୍ୱାସ କରୁ ଯେ ମହିଳା କ୍ରୀଡ଼ା ଅଧିକ ସ୍ୱୀକୃତି, ଉତ୍ସାହ ଏବଂ ସୁଯୋଗର ହକଦାର । ଏହି ଚାମ୍ପିୟନସିପ୍ ମହିଳା ଆଥଲେଟମାନଙ୍କୁ ସଶକ୍ତ କରିବା ଏବଂ ଭାରତୀୟ ହକିର ଭବିଷ୍ୟତକୁ ସୁଦୃଢ଼ କରିବା ଦିଗରେ ଏକ ବିନମ୍ର ପଦକ୍ଷେପ ।

ମୁଁ ଆମର ପ୍ରାୟୋଜକ, ସମର୍ଥକ, ଆୟୋଜକ କମିଟି ସଦସ୍ୟ, ଅଧିକାରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ସହଯୋଗୀ ଏବଂ ଏହି କାର୍ଯ୍ୟକ୍ରମ ସହିତ ଜଡିତ ସମସ୍ତଙ୍କୁ ସେମାନଙ୍କ ମୂଲ୍ୟବାନ ସହଯୋଗ ଏବଂ ନିଷ୍ଠା ପାଇଁ ଧନ୍ୟବାଦ ଜଣାଉଛି । ସେମାନଙ୍କ ସହଯୋଗ ବିନା ଏହି ସ୍ତରର ଏକ ଜାତୀୟ ଚାମ୍ପିୟନସିପ୍ ଆୟୋଜନ କରିବା ସମ୍ଭବ ହୋଇନଥାନ୍ତା । ଆମେ ସମସ୍ତ କ୍ରୀଡ଼ା ପ୍ରେମୀ, ଗଣମାଧ୍ୟମ ଏବଂ ଓଡ଼ିଶାବାସୀଙ୍କୁ ଆଗେଇ ଆସି ଏହି ପ୍ରତିଭାବାନ ଆଥଲେଟମାନଙ୍କୁ ସମର୍ଥନ କରିବା ଏବଂ ମ୍ୟାଚ୍ ଦେଖୁ ହକିର ଭାବନାକୁ ଉତ୍ସାହିତ କରିବା ପାଇଁ ହାର୍ଦ୍ଦିକ ନିମନ୍ତ୍ରଣ କରୁଛୁ । ପୁଣି ଥରେ, ଆଜି ଆମ ସହ ଯୋଗଦେଇଥିବାରୁ ଆପଣ ସମସ୍ତଙ୍କୁ ଧନ୍ୟବାଦ । ଆମେ ଏକ ସଫଳ, ସ୍ମରଣୀୟ ଏବଂ ପ୍ରେରଣାଦାୟକ ଚାମ୍ପିୟନସିପ୍ ହେବ ବୋଲି ଆଶା କରୁଛୁ ।

## ଚେନ୍ନାଇ ସୁପରକିଙ୍ଗ୍ସ ପ୍ଲେଅଫରୁ ବାଦ୍ ପଡ଼ିବା ପଛର ୫ ପ୍ରମୁଖ କାରଣ

**ନୂଆଦିଲ୍ଲୀ(ଏଜେନ୍ସି) :** ଲଗାତାର ତୃତୀୟବର୍ଷ ପ୍ଲେଅଫରୁ ବାଦ୍ ପଡ଼ିଛି ୫ ଥରର ଚାମ୍ପିୟନ୍ ଚେନ୍ନାଇ ସୁପରକିଙ୍ଗ୍ସ । ଦଳ ୧୪ ମ୍ୟାଚରୁ ୬ ବିଜୟ ସହ ୧୨ ପଏଣ୍ଟରେ ରହିଛି । ପ୍ଲେଅଫରୁ ବାଦ ପଡ଼ିବା ପରେ ଆରମ୍ଭ ଚର୍ଚ୍ଚା ଭୁଲ୍ ରହିଲା କେଉଁଠି ? କାହିଁକି ବାଦ୍ ପଡ଼ିଲା ଏହି ଶକ୍ତିଶାଳି ଦଳ । ତେବେ ୫ ପ୍ରମୁଖ କାରଣ ପାଇଁ ଏହି ଦଳ ପ୍ଲେଅଫରେ ସ୍ଥାନ ପକ୍କା କରିପାରିନାହିଁ ।

**ଖେଳାଳିଙ୍କ ଆହତ ସମସ୍ୟା**

ଫର୍ମରେ ରହିଥିବା ଖେଳାଳିଙ୍କ ଆହତ ଦଳ ପାଇଁ ପ୍ରଥମରୁ ଚିନ୍ତାର କାରଣ ପାଲଟିଥିଲା । ନାଥନ ଏଲିସ, ଆୟୁଷ ମାହାତ୍ରେ, ଖଲିଲ ଅହମ୍ମଦ ଏବଂ ଧୋନୀଙ୍କ ଭଳି ଖେଳାଳି ଦଳ ପାଇଁ ଚିନ୍ତାର କାରଣ ପାଲଟିଥିଲେ । ଧୋନୀ ଗୋଟିଏ ବି ମ୍ୟାଚରେ ନଜର ଆସିନଥିଲେ । ଏହାସହ ଆୟୁଷ ଏବଂ ଖଲିଲ ଆହତ କାରଣରୁ ଅଧାରୁ ବସିଥିଲେ । ଭଲ ଫର୍ମରେ ଥିବା ନାଥନ ଏଲିସ ମଧ ଦଳରେ ଯୋଗ ଦେଇପାରିନଥିଲେ ।

**ନିରାଶ କଲେ ଯୁବ ଖେଳାଳି**

ଚେନ୍ନାଇ ଯେଉଁ ଆଶାରେ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରିଥିଲା ସେଭଳି ପ୍ରଦର୍ଶନ ଦେଖିବାକୁ ମିଳିନଥିଲା । କାର୍ତ୍ତିକ ଶର୍ମା ୧୪ କୋଟି ଟଙ୍କାରେ କିଣା ହୋଇଥିଲେ । ମାତ୍ର ସେ ଖରାପ ପ୍ରଦର୍ଶନ କରିଥିବାବେଳେ ପ୍ରଶାନ୍ତ ବୀର ଏବଂ ଉର୍ବିଲ ପଟେଲ ଆଖିଦୃଷିଆ ପ୍ରଦର୍ଶନ ଦେଖିବାକୁ ମିଳିନାହିଁ । କେବଳ ଗୋଟିଏ ମ୍ୟାଚରେ ଉର୍ବିଲ ଅର୍ଦ୍ଧଶତକ ହାସଲ କରିଥିଲେ ।

**ଅଧିନାୟକ ଲଗାତାର ବିଫଳ**

ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ଋତୁରାଜ ଗାୟକୱାଡ ତାଙ୍କ ବ୍ୟାଟିଂ ସହିତ ନିରନ୍ତର ସଂଘର୍ଷ କରିଛନ୍ତି । ଗାୟକୱାଡ ଦଳର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, କିନ୍ତୁ ସେ ପ୍ରତ୍ୟେକ ଥର ନିରାଶ କରିଥିଲେ । ସେ ମାତ୍ର ୩୩୭ ରନ କରିଛନ୍ତି ।

**ଫ୍ଲପ୍ ହେଲେ ଫିନିସର**

ଦଳ ଶିଭମ ଦୁବେ ଏବଂ ବ୍ରେଭିସଙ୍କୁ ଫିନିସର ଭାବେ ଦଳରେ ସାମିଲ କରିଥିଲା । ମାତ୍ର ଏବେ ବିଫଳ ହୋଇଥିଲେ । ସବୁ ମ୍ୟାଚରେ ନିଜର ଦମଦାର ପ୍ରଦର୍ଶନରେ ବିଫଳ ହୋଇଥିଲେ । ଯାହାକି ଦଳର ବିପର୍ଯ୍ୟୟର ଏକ ପ୍ରମୁଖ କାରଣ ବୋଲି ମଧ କହିପାରିବା ।

**ଖରାପ ବୋଲିଂ**

ବୋଲିଂ ବିଭାଗରେ ଖରାପ ଅଭିଜ୍ଞତା । କମ୍ବୁଜଙ୍କୁ ଛାଡ଼ିଦେଲେ ଦଳର ବାକି ବୋଲର ନିରାଶ କରିଥିଲେ । ଏହା ଦଳର ପରାଜୟର ଏକ ବଡ଼ କାରଣ ପାଲଟିଥିଲା । ପ୍ରଥମରୁ ଖଲିଲ ଦମଦାର ପ୍ରଦର୍ଶନ କରିଥିଲେ । ମାତ୍ର ସେ ବାଦ ପଡ଼ିବା ପରେ ଦଳ ବୋଲିଂରେ ଅଧିକ ଦୁର୍ବଳ ହୋଇଗଲା ।

# ସଫଳତାର କୌଣସି ସହଜ ବାଟ ନାହିଁ : ସଚିନ ତେନ୍ଦୁଲକର

**ଅହମ୍ମଦାବାଦ (ଏଜେନ୍ସି) :** ଅହମ୍ମଦାବାଦସ୍ଥିତ 'ଏସ୍ଆରଟି-୧୦ ଅଲେଟଭୋଲ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ' କ୍ରିକେଟ୍ ଏକାଡେମୀରେ ଭାରତର ମହାନ ବ୍ୟାଟ୍ସମ୍ୟାନ୍ ସଚିନ ତେନ୍ଦୁଲକର ଯୁବ ଖେଳାଳି ଏବଂ ସେମାନଙ୍କ ପିତାମାତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି । ସଚିନ କହିଛନ୍ତି ଯେ କ୍ରିକେଟ୍‌ରେ ସଫଳତାର କୌଣସି ଶର୍ଟକଟ୍ ନଥାଏ ଏବଂ ଖେଳାଳିମାନେ ଶୃଙ୍ଖଳା, ପ୍ରସ୍ତୁତି ଓ କଠିନ ପରିଶ୍ରମ ଉପରେ ଧ୍ୟାନ ଦେବା ଉଚିତ୍ ।

ଯୁବ କ୍ରିକେଟରମାନଙ୍କୁ ସମ୍ବୋଧିତ କରି ସଚିନ ତେନ୍ଦୁଲକର କହିଛନ୍ତି ଯେ ପ୍ରତି ମ୍ୟାଚ୍‌ରେ ସଫଳତା ମିଳିବା ଜରୁରୀ ନୁହେଁ, କିନ୍ତୁ ଭଲ ପ୍ରସ୍ତୁତି ଏବଂ ଏକାଗ୍ରତା ସର୍ବଦା ଖେଳାଳିଙ୍କ ନିୟନ୍ତ୍ରଣରେ ଥାଏ । ସେ କହିଛନ୍ତି, 'ପ୍ରତିଥର ମୈଦାନକୁ ଓହ୍ଲାଇଲେ ସଫଳତା ମିଳିବ, ଏହାର କୌଣସି ଗ୍ୟାରେଣ୍ଟି ନାହିଁ । କିନ୍ତୁ ପ୍ରସ୍ତୁତି, ଶୃଙ୍ଖଳା ଏବଂ ଏକାଗ୍ରତା ସମ୍ପୂର୍ଣ୍ଣ ରୂପେ ଆପଣଙ୍କ ହାତରେ ଅଛି । ପ୍ରତିଭା ଭଗବାନଙ୍କ ଦାନ, କିନ୍ତୁ ସେହି ପ୍ରତିଭାର ବିନିଯୋଗ କିପରି କରିବାକୁ ହେବ, ତାହା ଖେଳାଳିଙ୍କ ଉପରେ ନିର୍ଭର କରେ ।' ସେ ଆହୁରି ମଧ କହିଛନ୍ତି ଯେ ସେ ଅନେକ ପ୍ରତିଭାବାନ ଖେଳାଳିଙ୍କୁ ଦେଖିଛନ୍ତି, ଯେଉଁମାନେ କେବଳ ପରିଶ୍ରମ ଏବଂ ଶୃଙ୍ଖଳାର ଅଭାବ ଯୋଗୁଁ ଆଶାନୁରୂପ ସଫଳତା ପାଇପାରି ନାହାନ୍ତି । ମାଷ୍ଟର ବ୍ଲାଷ୍ଟର ସ୍ପଷ୍ଟ କରିଛନ୍ତି ଯେ ଯଦି କୌଣସି ଖେଳାଳିଙ୍କର ଭାରତ ପାଇଁ ଖେଳିବାର ସ୍ୱପ୍ନ ଅଛି, ତେବେ ତାଙ୍କୁ ଅନେକ ଜିନିଷ ତ୍ୟାଗ କରିବାକୁ ପଡ଼ିବ । ସେ ଯୁବପିଢ଼ିଙ୍କୁ ଶର୍ଟକଟ୍ ?ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । ସଚିନ କହିଛନ୍ତି, 'ଯଦି ଭାରତ ପାଇଁ ଖେଳିବାକୁ ଚାହୁଁଛନ୍ତି, ତେବେ କିଛି ବଳିଦାନ ଦେବାକୁ ହେବ । କ୍ରିକେଟ୍‌ରେ କୌଣସି ଶର୍ଟକଟ୍ ନାହିଁ । ଯଦି ଆପଣ ଶର୍ଟକଟ୍ ଆପଣାଇବେ, ତେବେ ସମଗ୍ର ବିଶ୍ୱ ସାମ୍ନାରେ ଧରା ପଡ଼ିଯିବେ, କାରଣ କ୍ରିକେଟ୍ ପଡ଼ିଆରେ ସମସ୍ତଙ୍କ ସାମ୍ନାରେ ଖେଳାଯାଏ ।' ସେ ଯୁବକମାନଙ୍କୁ ନିଜ ଭିତରେ ଥିବା ଖେଳ ପ୍ରତି ଭାବନାକୁ ହୃଦୟର ସହ ଅନୁଭବ କରିବାକୁ ଏବଂ ସେହି ଦିଗରେ ପରିଶ୍ରମ କରିବାକୁ ଅନୁରୋଧ କରିଛନ୍ତି । ସଚିନ ତେନ୍ଦୁଲକର ପିଲାମାନଙ୍କର ପିତାମାତାଙ୍କୁ ମଧ ଏକ ବିଶେଷ ଅପିଲ୍ କରିଛନ୍ତି । ସେ କହିଛନ୍ତି ଯେ ପିଲାମାନଙ୍କ ଉପରେ ଅଯଥା ଚାପ ପକାଇବା ଉଚିତ୍ ନୁହେଁ ଏବଂ ସେମାନଙ୍କୁ ନିଜ ପସନ୍ଦ ଅନୁଯାୟୀ ଆଗକୁ ବଢ଼ିବାର ସ୍ୱାଧୀନତା ମିଳିବା ଦରକାର । ସେ କହିଛନ୍ତି, 'ପିଲାମାନଙ୍କୁ ସଫଳ କରିବା ପାଇଁ ପରିଶ୍ରମ ଜରୁରୀ, କିନ୍ତୁ ତା'ଠାରୁ ଅଧିକ ଜରୁରୀ ହେଉଛି ସେମାନଙ୍କୁ ସ୍ୱାଧୀନତା ଦେବା । ସ୍ୱାଧୀନତା ଏବଂ ପ୍ରୋତ୍ସାହନର ସନ୍ତୁଳନ ହିଁ ଭଲ ପରିଣାମ ଦେଇଥାଏ । ସଚିନ କହିଛନ୍ତି ଯେ ଅସଫଳତା ହେଉଛି ଖେଳର ଏକ ଅଂଶ ଏବଂ ଖେଳାଳିମାନେ ସେଥିରୁ ଶିଖିବା ଉଚିତ୍ । ସେ କହିଛନ୍ତି, 'ପ୍ରତ୍ୟେକ ବ୍ୟାଟ୍ସମ୍ୟାନ୍ ଆଉଟ୍ ହୁଅନ୍ତି ଏବଂ ପ୍ରତ୍ୟେକ ବୋଲର ରନ୍ ଦିଅନ୍ତି । ଏହା ସମ୍ପୂର୍ଣ୍ଣ ସ୍ୱାଭାବିକ । ବିଫଳତା ହିଁ ଶିଖିବାର ଭିତ୍ତିଭୂମି ଅଟେ ।' ସେ ପିତାମାତାମାନଙ୍କୁ ପ୍ରତିଶ୍ରୁତି ଦେବାକୁ କହିଛନ୍ତି ଯେ ସେମାନେ ନିଜ ପିଲାମାନଙ୍କ ଉପରେ ଅତିରିକ୍ତ ଚାପ ପକାଇବେ ନାହିଁ ଏବଂ ଧୈର୍ଯ୍ୟର ସହ ସେମାନଙ୍କୁ ମାର୍ଗଦର୍ଶନ କରିବେ । ନିଜ ସମ୍ବୋଧନର ଶେଷରେ ସଚିନ ତେନ୍ଦୁଲକର କହିଛନ୍ତି ଯେ ଭାରତ ନିଶ୍ଚିତ ଭାବେ ଖେଳକୁ ଭଲ ପାଉଥିବା ଏକ ଦେଶ, କିନ୍ତୁ ଏବେ ସମୟ ଆସିଯାଇଛି ଯେ ଏହାକୁ ଖେଳ ଖେଳୁଥିବା ଏକ ଦେଶରେ ପରିଣତ କରାଯାଉ ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ